R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୦
ତିଥି : ନବମୀ
୧୨ ଅକ୍ଟୋବର ୨୦୨୪, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore




## ଶାରଦୀୟ ଶୁଭେଚ୍ଛା

ପବିତ୍ର ଦଶହରା ଉପଲକ୍ଷେ 'ସମୟ'ର ଅଗଣିତ ପାଠକ, ପାଠିକା, ଲେଖକ, ଲେଖିକା, ସମ୍ବାଦଦାତା, ଏଜେଣ୍ଟ ଓ ବିତରକମାନଙ୍କୁ 'ସମୟ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ।

**ନିର୍ଦ୍ଦେଶିକା**

## 'ସମୟ'ର ଛୁଟି

ପବିତ୍ର ଦଶହରା ଉପଲକ୍ଷେ 'ସମୟ' କାର୍ଯ୍ୟାଳୟ ୧୨ ରୁ ୧୪ ତାରିଖ ୩ ଦିନ ବନ୍ଦ ରହିବ । ଏହାର ପରବର୍ତ୍ତୀ ସଂସ୍କରଣ ୧୬ ତାରିଖ ବୁଧବାର ସକାଳେ ପ୍ରକାଶ ପାଇବ ।

**ନିର୍ଦ୍ଦେଶିକା**

# ମାଲ୍‌ଗାଡ଼ିକୁ ପିଟିଲା ଏକ୍ସପ୍ରେସ୍ : ଜଳିଗଲା ଦୁଇ ବଗି

ଚେନାଇ,୧୧।୧୦: ତାମିଲନାଡୁର ଚେନ୍ନାଇ ନିକଟ କବରପେଟ୍ଟାଇ ରେଳ ଷ୍ଟେସନ ନିକଟରେ ଘଟିଛି ବଡ଼ ଟ୍ରେନ ଦୁର୍ଘଟଣା । ମହୀଶୂରରୁ ବିହାରର ଦରଭଙ୍ଗା ଯାଉଥିବା ଭାଗମତି ଏକ୍ସପ୍ରେସ ଟ୍ରେନ ଗୋଟିଏ ମାଲବାହୀ ଗାଡ଼ିକୁ ଧକ୍କା ଦେଇଛି ।

ଦୁର୍ଘଟଣା ଏତେ ଭୟଙ୍କର ହୋଇଛି ଯେ ଦୁଇଟି ଯାତ୍ରିବାହୀ ବଗି ସଂପୂର୍ଣ୍ଣ ଜଳି ଯାଇଛି । ଏକ୍ସପ୍ରେସ ଟ୍ରେନର ପାର୍ସଲ ଭ୍ୟାନ ମଧ୍ୟ ଜଳି ଯାଇଛି । ସେହିପରି ୧୨ଟି ବଗି ଲାଇନଚ୍ୟୁତ ହୋଇଛି । ମାଲବାହୀ ଟ୍ରେନ ଟ୍ରାକରେ ଛିଡ଼ା ହୋଇଥିବା ବେଳେ ଏକ୍ସପ୍ରେସ ଟ୍ରେନ ଏହାକୁ ଧକ୍କା ଦେଇଛି । କ୍ଷୟକ୍ଷତି ସମ୍ପର୍କରେ ଏଯାଏ ଜଣାପଡ଼ିନାହିଁ । କେବଳ ୧୦ ଜଣ ଲୋକଙ୍କୁ ଟ୍ରେନରୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣାଟି ୮.୫୦ରେ ଘଟିଥିବା ବେଳେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛ ।ଉଦ୍ଧାରକାରୀ ଦଳ ସହ ସ୍ଥାନୀୟ ଲୋକ ମିଳିତ ଭାବେ କ୍ଷତିଗ୍ରସ୍ତ ବଗିରୁ ଲୋକଙ୍କୁ ବାହାର କରିବା କାମରେ ଲାଗିପଡ଼ିଛନ୍ତି । (୯ ପୃଷ୍ଠାରେ)



# ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ନୋଏଲ ଟାଟା



ମୁମ୍ବାଇ,୧୧।୧୦: ନୋଏଲ ଟାଟା ହୋଇଛନ୍ତି ଟାଟା ଟ୍ରଷ୍ଟର ଅଧ୍ୟକ୍ଷ । ରତନ ଟାଟାଙ୍କ ଦେହାନ୍ତ ପରେ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ବୁଧବାର ରତନ ଟାଟାଙ୍କ ଦେହାନ୍ତ ହୋଇଥିଲା । ଏହାପରେ କିଏ ତାଙ୍କ ୧୩ଟି ଟ୍ରଷ୍ଟର ଅଧ୍ୟକ୍ଷ ହେବେ ସେନେଇ କଳ୍ପନା-ଜଳ୍ପନା ଲାଗି ରହିଥିଲା । ଶୁକ୍ରବାର ବୈଠକ ପରେ ନୋଏଲ ଟାଟାଙ୍କୁ ଦାୟିତ୍ୱ ଦେବା ନେଇ ନିଷ୍ପତ୍ତି ନିଆଯାଇଛି । ସୂଚନା ଅନୁସାରେ, ମୁମ୍ବାଇରେ ଟ୍ରଷ୍ଟ ବୋର୍ଡର ବୈଠକ ବସିଥିଲା । ଏହି ବୈଠକରେ ନୋଏଲ ଟାଟାଙ୍କ ନାଁରେ ମୋହର ବାଜିଥିଲା । ତେଣୁ ସେ ଟାଟା (୯ ପୃଷ୍ଠାରେ)




# ପୂଜା ମଣ୍ଡପ ଉପରୁ ରେଣ୍ଟ ଛାଡ

ଭୁବନେଶ୍ୱର, ୧୧।୧୦ (ସବ୍ୟୁ) : ଶାରଦୀୟ ଦୁର୍ଗା ପୂଜା ଅବସରରେ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିଜେପି ସରକାର ପ୍ରଥମ ଥର କ୍ଷମତାକୁ ଆସିବା ପରେ ପୂଜା ମଣ୍ଡପମାନଙ୍କୁ ଦେଇଛନ୍ତି ପୂଜା ଭେଟି । ରାଜ୍ୟର ସବୁ ଦୁର୍ଗା ପୂଜା ପେଣ୍ଡାଲର ସରକାରୀ ଭଡ଼ା ଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର ।

ଭୁବନେଶ୍ୱର ସମେତ ରାଜ୍ୟବ୍ୟାପୀ ସବୁ ଦୁର୍ଗା ପୂଜା ପେଣ୍ଡାଲର ଭଡ଼ା ଛାଡ଼ କରାଗଲା ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଫଳରେ ଆଉ ପୂଜା ମଣ୍ଡପ ତଥା ଷ୍ଟାଣ୍ଡ ନିମନ୍ତେ କମିଟିକୁ ଆଉ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଆଜି ମହାଷ୍ଟମୀ ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ବିଭିନ୍ନ ମେଢ ବୁଲିବାର କାର୍ଯ୍ୟକ୍ରମ ରହିଛି । ଏଥିନିମନ୍ତେ ପ୍ରଥମେ ସେ ଓଲଡ ଟାଉନର ପାଟଣାସାହି ପୂଜା ମଣ୍ଡପରେ ପହଞ୍ଚ ସେଠାରେ ସେ ମା'ଙ୍କ ଆର୍ଶିବାଦ ନେବା ସହ ରାଜ୍ୟବାସୀଙ୍କ ଶୁଭ ମନାସୀଛନ୍ତି ।

TT-

## ଓଡ଼ିଶା ସରକାର

### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

*****

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆସନ୍ତା ସୋମବାର ତା. **14/10/2024** ରିଖ ଦ **ଦୁର୍ଗାପୂଜା ଭସାଣି** ହେତୁ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ ।** ପରବର୍ତ୍ତୀ **ଅଭିଯୋଗ ଶୁଣାଣି**ର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

OIPR : 09014/11/0029/2425

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

# ନିହୋନ୍ ହିଡାନକିଓକୁ ନୋବେଲ ଶାନ୍ତି

ଷ୍ଟକ୍‌ହୋମ,୧୧।୧୦: ଶାନ୍ତି ପାଇଁ ବିଶ୍ୱର ସମ୍ମାନଜନକ ପୁରସ୍କାର ନୋବେଲ ଘୋଷଣା ହୋଇଛି । ଜାପାନର ସଂଗଠନ ନିହୋନ୍ ହିଡାନକିଓକୁ ମିଳବ ଚଳିତ ବର୍ଷର ଏହି ଶ୍ରେଷ୍ଠ ସମ୍ମାନ । ପରମାଣୁ ଅସ୍ତ୍ର ବିରୋଧରେ ଅଭିଯାନ ପାଇଁ ଏହି ସଂଗଠନକୁ ନୋବେଲ ଶାନ୍ତି ପୁରସ୍କାର ଦିଆଯିବ । ଏନେଇ ଆଜି ନୋବେଲ ଆସେମ୍ବଲିରେ ଘୋଷଣା କରାଯାଇଛି । ସୂଚନାନୁସାରେ, ନରୱେ ନୋବେଲ କମିଟି ଚଳିତ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇଁ ମୋଟ ୨୮୬ ଜଣ ପ୍ରାର୍ଥୀଙ୍କ ଆବେଦନ ଗ୍ରହଣ କରିଥିଲା । ସେମାନଙ୍କ ମଧ୍ୟରୁ ଜାପାନର ନିହୋନ୍ ହିଡାନକିଓ ସଂଗଠନ ଉପରେ ମୋହର ବାଜିଛି । ଗତ ବର୍ଷ ଇରାନର ସାମ୍ବାଦିକ ତଥା ମାନବାଧିକାର କର୍ମୀ ନର୍ଗିସ୍ ମହମ୍ମଦ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ । ତେବେ ୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ଜାପାନର ହିରୋସିଆ ଓ ନାଗାସାକି ଉପରେ ପରମାଣୁ ବୋମା ପକାଇଥିଲା । ଏହି ଆକ୍ରମଣରେ ଜାପାନର ପ୍ରାୟ ୨ ଲକ୍ଷରୁ ଅଧିକ (୯ ପୃଷ୍ଠାରେ)














# ମହାଶକ୍ତି



ଦେବୀ ମା' ଦୁର୍ଗାଙ୍କ ପୂଜା ଆଶ୍ୱିନ ମାସରେ ହିନ୍ଦୁମାନେ ମହାଆନନ୍ଦରେ ପାଳନ କରୁଥିବା ଏକ ବଡ଼ ଉତ୍ସବ । ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ ହେଉଥିବାରୁ ଏହା ବିଜୟ ଦଶମୀ ବା ଦଶହରା ନାମରେ ନାମିତ । ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ଉଲ୍ଲେଖ ଅଛି ମେଧାଋଷିଙ୍କର ମାର୍ଗ ଦର୍ଶନରେ ମାତା ଦୁର୍ଗାଙ୍କୁ ସନ୍ତୁଷ୍ଟ କରି ତାଙ୍କ ଆଶୀର୍ବାଦରୁ ରାଜ୍ୟହୀନ ରାଜା ସୁରଥ ପୁନର୍ବାର ନିଜ ରାଜ୍ୟ ଫେରି ପାଇଥିଲେ ଓ ସମାଧି ବୈଶ୍ୟ ମଧ ନିଜର ଅଭିଳଷିତ ବର ଲାଭ କରି ପାରିଥିଲେ । ସ୍ୱର୍ଗାଲୋକରେ ଯେତେବେଳେ ସମସ୍ତ ଦେବତା ମହିଷାସୁରର ଅତ୍ୟାଚାରରେ ସନ୍ତପ୍ତ ହୋଇ ବ୍ରହ୍ମାଙ୍କ ଶରଣ ନେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ । ମହାଶକ୍ତି ମା' ଦେବୀ ଦୁର୍ଗା ପ୍ରକଟିତା ହେଲେ। ଦୁର୍ଗାଙ୍କ ଆର୍ବିଭାବରେ ଦେବତାମାନେ ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ । ଶେଷରେ ଦେବୀ ସିଂହ ବାହିନୀ ହୋଇ ମହିଷାସୁର ସହ ଯୁଦ୍ଧ କରିଥିଲେ । ଦୀର୍ଘ ସମୟ ଯୁଦ୍ଧ କଲାପରେ ଦେବୀ ତ୍ରୀଶୂଳ ଦ୍ୱାରା ମହିଷାର ହୃଦୟ ବିଦ୍ଧ କରି ଖଡ୍ଗଦ୍ୱାରା ତା'ର ଶିରଚ୍ଛେଦ କଲେ । ସେଦିନ ଥିଲା ଚୈତ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ଓ ନବମୀର ବ୍ରାହ୍ମ ମୁହୂର୍ତ୍ତ । ତେଣୁ ସେହି ଦିନଠାରୁ ଦେବୀଙ୍କୁ ମହାଶକ୍ତି ରୂପେ ଆରାଧନା କରାଯାଉଛି । ତ୍ରେତୟା ଯୁଗରେ ରାବଣକୁ ପରାସ୍ତ କରିବା ନିମନ୍ତେ ରାମଚନ୍ଦ୍ର ଚୈତ୍ର ବଦଳରେ ଆଶ୍ୱିନରେ ଏହି ପୂଜା କରିଥିଲେ । ଫଳତଃ ଏହା ଉଭୟ ଚୈତ୍ର ବାସନ୍ତୀ ନବରାତ୍ର ଓ ଆଶ୍ୱିନ ଶାରଦ ନବରାତ୍ର ଭାବେ ବିଦିତ ଓ ଉଭୟ ସମୟରେ ଦେବୀଙ୍କ ମହାପୂଜା ପ୍ରଚଳିତ । ନବମୀର ପରବର୍ତ୍ତୀଦିନ ବିଜୟୋତ୍ସବ ବା ବିଜୟାଦଶମୀ ରୂପେ ପାଳିତ ହୋଇଥାଏ । ଦେବତାମାନଙ୍କ ଦ୍ୱାରା ମା ଦୁର୍ଗାଙ୍କ ଯୁଦ୍ଧ ପରବର୍ତ୍ତୀ ବିଜୟାଭିଷେକର ପରମ୍ପରାକୁ ସୂଚାଏ ।

ଭାରତରେ ପ୍ରତିବର୍ଷ ମହାଶକ୍ତି ଦେବୀ ଦୁର୍ଗାଙ୍କର ପୂଜା ଦୁଇଥର ଅନୁଷ୍ଠିତ ହୁଏ । ବିଶେଷ କରି ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ 'ଦେବୀ ପୂଜା' ଓ ଏହା ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ 'ବାସନ୍ତୀ ପୂଜା' କୁହାଯାଏ ।

ଯେଉଁ ମା'ର ଶସ୍ୟ ଆହାର କରି ମାନବ ଜଗତ ତିଷ୍ଠି ରହି ନିଜର ଜୀବିକା ନିର୍ବାହ କରି ଆସୁଛି, ସେହି ମା' ଧରିତ୍ରୀ ରାଣୀର ବୟଃପ୍ରାପ୍ତିରେ ଉତ୍ଫୁଲ୍ଲ ହୋଇ ଜନ-ମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରିଥାଏ । ଏହା ଏକ ସାର୍ବଜନୀନ ପୂଜା ହୋଇଥିବାରୁ ଶାରଦୀୟ ଦେବୀପୂଜା ଭାବେ ଲୋକପ୍ରିୟତା ଲାଭ କରିଛି । କାରଣ ଏହି ପର୍ବ ଭାରତର ପୁରପଲ୍ଲୀରେ ଦଶହରା ରୂପେ ପାଳିତ ହୋଇଆସୁଛି । 'ଦଶହରା' କହିଲେ ସମସ୍ତେ ଆଶ୍ୱିନ ଶୁକ୍ଳ ଦଶମୀକୁ ହିଁ ବୁଝନ୍ତି । ଏହି ଦିବସରେ ରାମଚନ୍ଦ୍ର ମାତୃଶକ୍ତି ବନଦୁର୍ଗାଙ୍କୁ ସ୍ତୁତି କରି ରାବଣର ନିଧନ ନିମନ୍ତେ ଲଙ୍କା ଅଭିମୁଖେ ବିଜୟଯାତ୍ରା କରିଥିବାରୁ ଏହି ତିଥିକୁ 'ବିଜୟା ଦଶମୀ' କୁହାଯାଏ । ପୁଣି ଏହି ଦିବସର ପୂର୍ବରୁ ସିଂହବାହିନୀ ଆଦ୍ୟା ମହାଶକ୍ତି ଦୁର୍ଗା ଦୁର୍ଦ୍ଦମନୀୟ ମହିଷାସୁରକୁ ବଧ କରି ଦେବତାମାନଙ୍କର ମଙ୍ଗଳ ବିଧାନ କରିଥିଲେ । ଦେବୀଙ୍କ ସହ ଦାନବମାନଙ୍କର ଯୁଦ୍ଧ କନ୍ୟାମାସ ବା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ଧରି ଚାଲିଥିଲା । ଶୁକ୍ଳ ଅଷ୍ଟମୀ ଓ ନବମୀ ତିଥିରେ ମହାମାରୁ ହୋଇଥିଲା । ମହିଷାସୁର ସମେତ ସମସ୍ତ ଅସୁର ବଂଶ ନିପାତ ଘଟିଲା । ମହାମାରୁ ନବମୀ ରାତିର ଅନ୍ଧକାର ସହ ତ୍ରୈଲୋକ୍ୟରୁ ଅମଙ୍ଗଳର ଛାୟା ଅପସରି ଗଲା । ଶୁକ୍ଳ ଦଶମୀରେ ସବୁପ୍ରକାର ଶୁଭକାର୍ଯ୍ୟର ଆରମ୍ଭ ହେଲା । ବିବିଧ କାରଣରୁ ଦଶହରା ପର୍ବ ପାଳିତ ହେଉଥିବାରୁ ଏହା ମହାନ ପାର୍ବଣରେ ପରିଣତ ହୋଇଛି । ଏହି ପର୍ବର ମହତ୍ତ୍ୱ ଉପରେ ଦେବୀ ପୁରାଣରେ ଉଲ୍ଲେଖ ଅଛି, ନିଜର ମନସ୍କାମନା ପୂରଣ ନିମନ୍ତେ ଏହା ଏକ ପବିତ୍ର ବ୍ରତ । ଏହି ବ୍ରତ ପାଳନ କଲେ ସିଦ୍ଧି ପ୍ରାପ୍ତ ହୁଏ ଓ ଶତ୍ରୁମାନେ ପରାଜିତ ହୁଅନ୍ତି । ତେଣୁ ଉପସଂହାରରେ କୁହାଯାଇପାରେ ଏହା ଶରତକାଳୀନ ଦୁର୍ଗା ହେଉ ଅଥବା ବାସନ୍ତି ଦୁର୍ଗାପୂଜା ହେଉ, ଏଥିରେ ମୂର୍ତ୍ତି ସ୍ଥାପନ କରାଯାଇ ଜୀବନ୍ୟାସ କର୍ମ ସହ ପୂଜା ନିୟମ ପ୍ରଣୟନ ହେଉଥିଲେ ମଧ ଘଟସ୍ଥାପନ ଜନିତ ପୂଜା କେଉଁ ଆବହମାନ କାଳରୁ ପ୍ରଚଳିତ ହୋଇ ଆସୁଛି । ସଂପ୍ରତି ବିଭିନ୍ନ ଭାବରେ ମୂର୍ତ୍ତି ପୂଜାର ଆଦର ବଢିଥିଲେ ମଧ ମୂଳ ତତ୍ତ୍ୱକୁ ବାଦ ଦେବା କଦାପି ସମ୍ଭବ ହୋଇନାହିଁ । ବାସନ୍ତୀ ଦୁର୍ଗାପୂଜା ବିଶେଷ ଭାବେ ପାଳିତ ହୁଏ ନାହିଁ, ଶରତକାଳୀନ ଦୁର୍ଗାପୂଜା ସାର୍ବଜନୀନ ପୂଜାର ସୀକୃତି ପାଇଛି । ହେଲେ ଉଭୟ ପୂଜା ଓ ତା'ର ବିଧାନ ପ୍ରାୟତଃ ସମାନ ।


**ଡକ୍ଟର ଲକ୍ଷ୍ମଣ ସାହୁ, ଦୂରଭାଷ : ୯୦୪୦ ୧୫୧୪୭୫**


## ମନଲୋଭା କଟକ ଦଶହରା

କୋଲକାତା ଭଳି ଓଡ଼ିଶାର କଟକର ଦଶହରା ବେଶ୍ ପୁରୁଣା ପରମ୍ପରା । କଟକର ଦଶହରା ବା ନବରାତ୍ରୀ ପୂଜା ସବୁବେଳେ ଅନ୍ୟ ନଗରୀଠାରୁ ଭିନ୍ନ ହୋଇଥାଏ । ଦଶହରା ସମୟରେ ସାରା କଟକ ଏକ ମଣ୍ଡପ ଭଳି ସଜେଇ ହୋଇଥାଏ । ବିଭିନ୍ନ ସାହିରେ ଦେଖିବାକୁ ମିଳିଥାଏ ଦୁର୍ଗାଙ୍କର ମେଢ ସାଙ୍ଗକୁ ଆକର୍ଷଣୀୟ ପେଣ୍ଡାଲ । ଦଶହରାରେ କଟକରେ ଦେଖିବାକୁ ମିଳିଥାଏ ଅନନ୍ୟ ଭାଇଚାରାର ଉଦାହରଣ । କେବେ ବି ଏହା ଗୋଟିଏ ଧର୍ମର ପୂଜା ବୋଲି ଲାଗିନଥାଏ । ସମସ୍ତେ ଜାତି ଧର୍ମ ନିର୍ବିଶେଷରେ ମାଆଙ୍କ ପୂଜାର ଆନନ୍ଦ ଉଠାନ୍ତି । ଖାଦ୍ୟ ଖାଇବା ଠାରୁ ଆରମ୍ଭ କରି ମେଢ ଦେଖା ଲୋକମାନେ ମନଭରି ଉପଭୋଗ କରନ୍ତି କଟକର ଦଶହରାକୁ । ତେବେ କଟକ ଦୁର୍ଗାପୂଜା କେବେ ଠାରୁ ଆରମ୍ଭ ତାର କୌଣସି ହିସାବ ନାହିଁ । ହେଲେ ଏହା ପାଖାପାଖି ୫୦୦ ବର୍ଷ ପୁରୁଣା ବୋଲି ଅନୁମାନ କରାଯାଇଥାଏ । ତେବେ ତଥ୍ୟ ଅନୁସାରେ ୧୭୫୨ ମସିହାରେ ମାଛୁଆ ବଜାର ଓ ୧୮୫୧ରେ କାଳିବଜାରରେ ପୂଜା ଆରମ୍ଭ ହୋଇଥିଲା । ତେବେ ୧୯୧୩ରେ ଏହି ପୂଜା ସାର୍ବଜନୀନ ଦୁର୍ଗୋତ୍ସବରେ ପରିଣତ ହୋଇଥିଲା । ଦଶହରା ହେଉଛି କଟକର ଆଉ ଏକ ପରିଚୟ । କଟକବାସୀ ସର୍ବଦା ଚାହିଁଥାଆନ୍ତି କିଭଳି ଏହାକୁ ଉପଭୋଗ କରିବେ । ମେଢ ସଜବାଜ ପାଇଁ ପରିଚିତ ଏହି କଟକ ସହର । ଦୁର୍ଗାଙ୍କର ଚାନ୍ଦି ଠାରୁ ଆରମ୍ଭ କରି ସୁନା ବିଭିନ୍ନ ପ୍ରକାରର ମେଢ ଦେଖିବାକୁ ମିଳେ । କଟକରେ ପ୍ରଥମ ଚାନ୍ଦି ମେଢ ୧୯୫୬ ମସିହାରେ ଆରମ୍ଭ ହୋଇଥିଲା । କେବଳ ସୁନା ରୁପା ନୁହେଁ ଜରି ଓ ଅନ୍ୟାନ ସାଜସଜ୍ଜା ସାମଗ୍ରୀରେ ମଧ ମେଢ ଦେଖିବାକୁ ମିଳିଥାଏ । ଓଡ଼ିଶାର ଦୁର୍ଗାପୂଜାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବା କଟକର ଦୁର୍ଗାପୂଜାକୁ ସାଂସ୍କୃତିକ ଐତିହ ମାନତ୍ୟା ପାଇଁ ଅନେକ ଦିନରୁ ଦାବି ରହିଛି ।



## ଗରବା



ନବରାତ୍ରୀ ଉପଲକ୍ଷେ ଗୁଜରାଟ ସମେତ ଦେଶ ଓ ବିଦେଶରେ ଗରବା ନୃତ୍ୟର ଭବ୍ୟ ଆୟୋଜନ କରାଯାଇଥାଏ । ଗରବା ନୃତ୍ୟ ମାଧମରେ ମାଆ ଦୁର୍ଗାଙ୍କୁ ଶ୍ରଦ୍ଧାଳୁମାନେ ପ୍ରସନ୍ନ କରିଥାଆନ୍ତି ବୋଲି ବିଶ୍ୱାସ ରହିଛି । ଗରବାର ଶାବ୍ଦିକ ଅର୍ଥ ଗର୍ଭ ଦୀପ । ଗର୍ଭ ଦୀପକୁ ନାରୀ ଗର୍ଭର ସୃଜନ ଶକ୍ତିର ପ୍ରତୀକ ଭାବରେ ମନାଯାଏ । ଏହି ଶକ୍ତିକୁ ମାଆ ଦୁର୍ଗାଙ୍କ ସ୍ୱରୂପ ଭାବରେ ପୂଜା କରାଯାଏ । ଗରବା ନୃତ୍ୟ ଆରମ୍ଭ କରିବା ପୂର୍ବରୁ ମାଟିର ଛିଦ୍ର ଯୁକ୍ତ ଘଡି ମଧରେ ଏକ ଦୀପ ପ୍ରଜ୍ୱଳିତ କରାଯାଇ ମାଆ ଶକ୍ତିକୁ ଆହ୍ୱାନ କରାଯାଏ । ପରେ ଏହି ଗରବାର ଚାରିପଟେ ନୃତ୍ୟ କରି ମହିଳାମାନେ ମାଆଙ୍କୁ ପ୍ରସନ୍ନ କରିଥାଆନ୍ତି । ଏହି ନୃତ୍ୟ ସମୟରେ ମହିଳାମାନେ ତିନି ତାଳିର ପ୍ରୟୋଗ କରିଥାଆନ୍ତି । ଏହି ୩ ତାଳି ପୁରା ବିଶ୍ୱ ବ୍ରହ୍ମାଣ୍ଡର ତ୍ରିଦେବ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ସମର୍ପିତ ହୋଇଥାଏ । ଗରବା ନୃତ୍ୟରେ ତିନି ତାଳି ବଜାଇ ତିନି ଦେବତାଙ୍କୁ ଆହ୍ୱାନ କରାଯାଏ । ଏହି ତିନି ତାଳିର ଧ୍ୱନିରେ ତେଜ ପ୍ରକଟ ହେବା ସହିତ ତରଙ୍ଗ ଉତ୍ପନ୍ନ ହୋଇଥାଏ ଏବଂ ଏହା ଦ୍ୱାରା ଶକ୍ତି ସ୍ୱରୂପା ମାଆ ଅମ୍ବା ଜାଗୃତ ହୋଇଥାଆନ୍ତି । ୨୦୨୩ରେ ଏହି ଗରବା ନୃତ୍ୟକୁ ୟୁନେସ୍କୋ ମାନତ୍ୟା ମଧ ପାଇଛି । ଏହି ଟ୍ୟାଗ ପରେ ଭାରତର ମୋଟ ୧୫ଟି ସାଂସ୍କୃତିକ ଐତିହ୍ୟ ଏହି ଟ୍ୟାଗ ଲାଭ କରିଛି । ଗରବାର ସବୁଠାରୁ ଆକର୍ଷଣୀୟ ହୋଇଥାଏ ଏହାର ଡ୍ରେସ । ରଙ୍ଗବେରଙ୍ଗର ପୋଷାକ ସମସ୍ତଙ୍କ ଆଖିକୁ ବେଶ୍ ସୁନ୍ଦର ଲାଗିଥାଏ । ଏହା ଏହି ନୃତ୍ୟର ଜୋସକୁ ଆହୁରି ବଢାଇଥାଏ । ସାଧାରଣତଃ ଗରବା ଡ୍ରେସ ଲାଲ, ଗୋଲାପି,ହଳଦିଆ, କମଳ ରଙ୍ଗର ହୋଇଥାଏ । ସେହିଭଳି ଏଥିରେ ମହିଳାମାନଙ୍କୁ ଭଳିକି ଭଳି ଗହଣା ପିନ୍ଧିଥିବାର ମଧ ଦେଖିବାକୁ ମିଳିଥାଏ । ସେମାନେ ଗହଣାରେ ୨ ରୁ ୩ଟି ହାର, ଚମକଦାର ଚୁଡି, ଅଣ୍ଟା ପଟି, କାନରେ ଖୁବ ବଡବଡ ଝୁମକା, ମଥା ମଣି ଆଦି ପିନ୍ଧିଥାଆନ୍ତି । କେବଳ ଯେ ନାରୀମାନେ ସଜାଇ ହୁଅନ୍ତି ଏପରି ନୁହେଁ । ଏହି ନୃତ୍ୟରେ ପୁଅଙ୍କୁ ମଧ ସଜ ହେଉଥିବାର ଦେଖିବାକୁ ମିଳିଥାଏ । ସେମାନଙ୍କୁ ପାରମ୍ପରିକ ପୋଷାକ ଯେପରି କେଦିଆ(ପାରମ୍ପରିକ ଗରବା କୁର୍ତ୍ତା), ପାଇଜାମା, ଧୋତି ଆଦି ପିନ୍ଧିଥିବାର ଦେଖିବାକୁ ମିଳିଥାଏ ।

## ଐତିହ୍ୟ ଦୁର୍ଗାପୂଜା

ନବରାତ୍ରୀ ପୂଜାର କୋଲକାତାରେ ରହିଛି ବିଶେଷ ଗୁରୁତ୍ୱ । ଏହାକୁ ବଙ୍ଗାଳୀଙ୍କର ସବୁଠାରୁ ବଡ ପୂଜା ବୋଲି ଆଖ୍ୟା ମିଳିଥାଏ । ପୁରା ପଶ୍ଚିମବଙ୍ଗରେ ଏହି ୧୦ ଦିନ ଉତ୍ସବର ମାହୋଲ ଦେଖିବାକୁ ମିଳିଥାଏ । ଏଠାର ପରିବେଶ ଦେବୀ ମାଆଙ୍କର ଭକ୍ତି ରଙ୍ଗରେ ରଙ୍ଗାୟିତ ହୋଇଯାଏ । ବେଙ୍ଗଲୀ ହିନ୍ଦୁଙ୍କ ଲାଗି ଦୁର୍ଗାପୂଜା ମହତ୍ତ୍ୱ ଖୁବ ଅଧିକ । ବେଙ୍ଗଲିମାନେ ଦେଶ ବିଦେଶ ଯେଉଁଠି ବି ଥିଲେ ଏହି ପର୍ବକୁ ଖୁବ ସ୍ୱତନ୍ତ୍ରଭାବେ ପାଳନ କରିବା ସହିତ ଉପଭୋଗ ମଧ କରନ୍ତି । ତେବେ କୋଲକାତାର ନବରାତ୍ରୀ ପାଳନ ପଛରେ ଏକ କିମ୍ବଦନ୍ତୀ ରହିଛି । ବାଲ୍ମିକୀ ରାମାୟଣର ବଙ୍ଗଳା ଭାଷାର ପୁନଃ ପ୍ରସ୍ତୁତି ଏହା ପଛର କାରଣ ବୋଲି ବର୍ଣ୍ଣନା ରହିଛି । ଲେଖକ କୃତିବାସ ଓଝା ସମାଜରେ ସତ୍ୟ,ନ୍ୟାୟ ଓ ପ୍ରେମର ଜୟ ହୋଇଥାଏ ଏହା ଦେଖାଇବାକୁ ଯାଇ ବାଲ୍ମିକୀ ରାମାୟଣକୁ ବଙ୍ଗଳା ଭାଷାରେ ପ୍ରସ୍ତୁତ କରିଥିଲେ । ସେ ଦେଖେଇବାକୁ ଚାହିଁଥିଲେ ରାବଣ ଓ ତା ପରି ସବୁ ଆତତାୟୀଙ୍କୁ ଏକଦା ପରାଜୟ ଗ୍ରହଣ କରିବାକୁ ପଡିବ । ତାଙ୍କ ରଚନାର ଲକ୍ଷ୍ୟ କେବଳ ଲୋକଙ୍କ ମନରେ ଭକ୍ତିଭାବ ଉଦ୍ରେକ କରିବା ନଥିଲା ବରଂ ମାନବ ସଭ୍ୟତା ଓ ଇତିହାସ ପ୍ରତି ଲୋକଙ୍କ ମଧରେ ଆଗ୍ରହ ସୃଷ୍ଟି ଲାଗି ସେ ଏହା କରିଥିଲେ । ପଶ୍ଚିମବଙ୍ଗରେ ନାରୀ ପୂଜନ ପରମ୍ପରା କାହିଁ କେଉଁ କାଳରୁ ପ୍ରଚଳିତ । ଗତ ୫ ଶତାବ୍ଦୀ ଧରି ଦଶହରା କେବଳ ପଶ୍ଚିମବଙ୍ଗରେ ନୁହେଁ ଦେଶର ଅନ୍ୟ ଅଞ୍ଚଳରେ ମଧ ମହତ୍ତ୍ୱପୂର୍ଣ୍ଣ ପର୍ବ ଭାବରେ ପାଳି ହୋଇ ଆସୁଛି । ଏଣୁ ଦୁର୍ଗାଙ୍କ ପ୍ରତିମାରେ ବେଙ୍ଗଲୀ ମୂର୍ତ୍ତିକଳାର ଛାପ ସ୍ପଷ୍ଟ ବାରି ହୁଏ । କୋଲକାତାର ସବୁଠାରୁ ପରିଚିତ ପରମ୍ପରା ହେଲା ସିନ୍ଦୁର ଖେଳ । ଦଶମୀଦିନ ସମସ୍ତ ସଧବା ନାରୀମାନେ ମାଆଙ୍କ ସିନ୍ଦୁର ନିଜ ନିଜ ଭିତରେ ଅର୍ପଣ କରାକରି ହୋଇ ଏହି ପରମ୍ପରାକୁ ଉପଭୋଗ କରନ୍ତି । ଏହି ଦିନ ମାଆଙ୍କୁ ସେମାନେ ସିନ୍ଦୁର ଅର୍ପଣ କରିଥାଆନ୍ତି । ଏପରି କରିବା ଦ୍ୱାରା ମାଆଙ୍କର ଆଶୀଷ ପ୍ରାପ୍ତ ହୋଇଥାଏ । ସେହିଭଳି ଏହି ଦିନ ମାଆ ଦୁର୍ଗା ନିଜ ବାପ ଘରକୁ ବୁଲି ଆସିଥିବାର ମାନତ୍ୟା ମଧ ଏଠାରେ ରହିଛି । ସିନ୍ଦୁର ଖେଳ ସମୟରେ ମାଆଙ୍କ ଗଣ୍ଡ ଦେଶକୁ ପାନ ପତ୍ରରେ ସ୍ପର୍ଶ କରାଯାଇ ମାଆଙ୍କ ସିନ୍ଥିରେ ସିନ୍ଦୁର ଭରିଦିଆଯାଏ । ଏହି ସମୟରେ ବେଙ୍ଗଲୀ ସମ୍ପ୍ରଦାୟର ଧୁନୁଚୀ ନୃତ୍ୟ ପରିବେଷଣର ପରମ୍ପରା ରହିଛି । ପ୍ରାୟ ୪୫୦ ବର୍ଷ ଧରି ମାଆଙ୍କ ବିସର୍ଜନ ପୂର୍ବରୁ ଏଠାରେ ସିନ୍ଦୁର ଖେଳ ଉତ୍ସବ ପାଳନର ବିଧି ରହିଛି । ଝିଅ ଶାଶୁଘରକୁ ବିଦା ସମୟରେ ଯେପରି ଝିଅକୁ ସମସ୍ତ ସାମଗ୍ରୀ ପ୍ରଦାନ କରାଯାଇଥାଏ ସେହିଭଳି ମାଆଙ୍କ ବିସର୍ଜନ ସମୟରେ ମାଆଙ୍କ ସହିତ ପୁଟୁଳୀରେ ଶୃଙ୍ଗାର ସାମଗ୍ରୀ ଓ ଖାଦ୍ୟପଦାର୍ଥ ରଖାଯିବାର ପରମ୍ପରା ରହିଛି । ମାଆଙ୍କୁ ଏଠାରେ ଲାଲ ଓ ଧଳା ଚୁଡି ପିନ୍ଧାଯାଇ ବିଦାୟ ଦେବାର ପରମ୍ପରା ରହିଛି ।



## ପାର୍ବଣ ସ୍ୱାଦ

**କୋଲକାତା ଏବଂ କଟକ ଦୁର୍ଗାପୂଜାର ପ୍ରଶଂସା ଭାରତ ସମେତ ବିଦେଶରେ ମଧ ଦେଖିବାକୁ ମିଳିଥାଏ । କେବଳ ମା'ଙ୍କର ମୂର୍ତ୍ତି କିମ୍ବା ତୋରଣ ନହେଁ ଏହି ସମୟରେ ଗଳି କନ୍ଦିରେ ମିଳୁଥିବା ଖାଦ୍ୟ ମଧ ବେଶ୍ ସ୍ୱାଦିଷ୍ଟ ହୋଇଥାଏ । ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ସ୍ୱାଦର ପସରା ଖୋଲିଥାଏ, ଯାହା ବେଶ୍ ମନଲୋଭା ହୋଇଥାଏ । ତେବେ ଖାଦ୍ୟ ଖାଇବା ସମୟରେ ପରିଷ୍କାର ପରିଚ୍ଛନ୍ନତା ଦେଖିବା ସହ, ତାଜା ସାମଗ୍ରୀ ଖାଆନ୍ତୁ ।**



**କୋଲକାତା ଏଗ୍ ରୋଲ–** ଦୁର୍ଗା ପୂଜା ସମୟରେ କୋଲକାତାରେ ମିଳିଥାଏ ଏଗ୍ ରୋଲ, ଯାହା ସବୁ ପର୍ଯ୍ୟଟକଙ୍କର ପ୍ରଥମ ପସନ୍ଦ ହୋଇଥାଏ । ଏହି ରୋଲ ଗୁଡିକ ଭିତରେ ଆଳୁ, ଅଣ୍ଡା, ଚିକେନ୍‌ର ଖୁବ ଭଲ ଫିଲିଂ ଦିଆଯାଇଥାଏ । ଏହାର ସ୍ୱାଦ ବେଶ୍ ନିଆରା ହୋଇଥାଏ ତେଣୁ ଏହାକୁ ଖାଇବାକୁ ଦୋକାନରେ ଲୋକମାନେ ଲାଇନ ଲଗାଇଥାଆନ୍ତି ।

**ମୋଗଲାଇ ପରଟା–** ମଇଦା, ଅଣ୍ଡା ଓ ପିଆଜ କଟାରୁ ପ୍ରସ୍ତୁତ ହୋଇଥାଏ ମୋଗଲାଇ ପରଟା । ଏହି ପରଟା ଖାଇବା ପାଇଁ ଖୁବ ସ୍ୱାଦିଷ୍ଟ ହୋଇଥାଏ । ଏଥିରେ ଏକ ସ୍ୱତନ୍ତ୍ର ପ୍ରକାରର ପୂର ଦିଆଯାଇଥାଏ, ଯାହା ଏହାର ସ୍ୱାଦ ବଢାଇଥାଏ । ଏହି ପରଟାକୁ ସେକା ନଯାଇ ଛଣା ଯାଇଥାଏ, ତେଣୁ ଏହାର ସ୍ୱାଦ ନିଆରା ହୋଇଥାଏ ।

**ଆଳୁଦମ ଦହିବରା–** ଆଳୁଦମ ଦହିବରା ବିନା କଟକ ଦଶହରା ଅଧୁରା । କଟକର ସ୍ୱତନ୍ତ୍ର ଦହିବରା ଆଳୁଦମ ଦୁର୍ଗାପୂଜା ସମୟରେ ସବୁ ଗଳିକନ୍ଦିରେ ମିଳିଥାଏ । ସମସ୍ତେ ମେଢ ବୁଲିବା ସହିତ ଦହିବରାର ମଜା ନେଉଥିବା ଦେଖିବାକୁ ମିଳିଥାଏ । କଟକରେ ଏହି ସମୟରେ ଅନେକ ପ୍ରକାରର ଷ୍ଟ୍ରିଟ୍ ଫୁଡ ମିଳିଥାଏ, ଯାହା ବେଶ୍ ସ୍ୱାଦିଷ୍ଟ ହୋଇଥାଏ ।



# ଯୁବକଙ୍କ ମୃତ ଦେହ ଉଦ୍ଧାର

କଣାସ,(ସବ୍ୟୁ)ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ଦୋଛିଆଁ ଓ ନୂଆଗାଁ ଘେରୀବନ୍ଧ ନିକଟ ପାଣି ଯୋରରୁ ଏକ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଛି ଛଖବର ନେବାରେ ଜଣାପଡିଛି ଶୁକ୍ରବାର ସକାଳୁ ନୂଆଗାଁର କିଛି ଲୋକ ଘେରୀବନ୍ଧ ଆଡ଼କୁ ଶୌଚ ହେବା ପାଇଁ ଯାଇଥିବା ବେଳେ ପାଣି ମଧ୍ୟରେ ଉପରକୁ ଗୋଟିଏ ମୃତ ଲୋକର ହାତ ଦେଖିବାକୁ ପାଇଥିଲେ । ପରେ ସରପଞ୍ଚଙ୍କୁ ଜଣାଇଥିଲେ । ଦୋଛିଆଁ ସରପଞ୍ଚ ବନମାଳୀ ରାଉତ ସ୍ଥାନୀୟ ଗଡ଼ିଶାଗୋଦା ଥାନାକୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ଗଡିଶାଗୋଦା ଥାନା ଅଧିକାରୀ ଦୂର୍ଗା ଚରଣ ମହାପାତ୍ର ,ଅତିରିକ୍ତ ତହସିଲଦାର ଉପେନ୍ଦ୍ର ସେଠୀ ,ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତ ଦେହ ପାଣିରୁ ଉଦ୍ଧାର କରିଥିଲେ ଛପରେ ଘଟଣା ସ୍ଥଳରେ ନିକଟ ଜାମଳଗୋଦା ଗ୍ରାମର ଦୀପକ ପ୍ରଧାନ ଓ ପଙ୍କଜ ପ୍ରଧାନ ପହଞ୍ଚି ତାଙ୍କ ଭାଇ ବୋଲି ଚିହ୍ନଟ କରିଥିଲେ । ମୃତକ ହେଲେ ଜମାଳଗୋଦା ଗ୍ରାମର ବ୍ରଜ ପ୍ରଧାନଙ୍କ ପୁଅ ଅଶୋକ ପ୍ରଧାନ (୪୪)ଛଗତ ବୁଧବାର ଠାରୁ ସେ ନିଖୋଜ ଥିବା ପରିବାର ଲୋକ କହିଥିବା ବେଳେ ଗାଁ ଠାରୁ ୧୫ କିମି ଦୂର କେଉଁ ପରିସ୍ଥିତିରେ ଆସି ଏଠାରେ ତାଙ୍କର ମୃତ୍ତୁହେଲା ବୋଲି ପରିବାର ଲୋକ ଅଭିଯୋଗ ଆଣିଛନ୍ତି । ସେପଟେ ଥାନା ଅଧିକାରୀ ଦୂର୍ଗା ଚରଣ ମହାପାତ୍ର କହିଛନ୍ତି ତଦନ୍ତ ପରେ ଜଣାପଡ଼ିବ କେଭଳି ମୃତ୍ୟୁ ଘଟିଛି ।











ଭୁବନେଶ୍ୱରରେ ବିଭିନ୍ନ ପୂଜା ମଣ୍ଡପ ବୁଲୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

# ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପ ବୁଲିଲେ ମୁଖ୍ୟମନ୍ତ୍ରୀ

## ରାଜ୍ୟବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ପାଇଁ ପ୍ରାର୍ଥନା କଲେ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଥିଲେ । ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ସହଧର୍ମିଣୀ ଡା. ପ୍ରିୟଙ୍କା ମାରାଣ୍ଡି ମଧ୍ୟ ଉପସ୍ଥିତ ଥିଲେ । ପୂଜା ମଣ୍ଡପ ବୁଲିବା ପାଇଁ ଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଆଜି ସକାଳେ ପୂଜା ମଣ୍ଡପ ଗୁଡ଼ିକ ପାଇଁ ଧାର୍ଯ୍ୟ ହୋଇଥିବା ସରକାରୀ ଦେୟ ଛାଡ଼ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ ପ୍ରଥମେ ପୁରୁଣା ଭୁବନେଶ୍ୱରସ୍ଥିତ ପାଟଣା ସାହି ପୂଜାମଣ୍ଡପକୁ ଯାଇଥିଲେ । ଏହି ମଣ୍ଡପରେ ଚଳିତ ବର୍ଷ ୭୫ତମ ଶାରଦୀୟ ଦୁର୍ଗାପୂଜାର ଆୟୋଜନ କରାଯାଇଛି । ଏହା ପରେ ମୁଖ୍ୟମନ୍ତ୍ରୀ ସୁନ୍ଦରପଦା, ବରମୁଣ୍ଡା,



ନୟାପଲ୍ଲୀ, ସହିଦନଗର, ରସୁଲଗଡ଼, ବମିଖାଲ, ଷ୍ଟେସନ୍ ବଜାର ଏବଂ ଲକ୍ଷ୍ମୀସାଗର (କଟକ ରୋଡ୍) ପୂଜାମଣ୍ଡପ ବୁଲି ଦେଖିବା ସହ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନ କରିଥିଲେ । ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଜଗଜ୍ଜନନୀ ମା'ଦୁର୍ଗାଙ୍କ ଆଗମନରେ ଧରଣୀ ଉତ୍ସବମୁଖର ହୋଇଉଠିଛି । ଭୁବନେଶ୍ୱରର ବିଭିନ୍ନ ମଣ୍ଡପରେ ମହାସମାରୋହରେ ତଥା ଆକର୍ଷଣୀୟ ଭାବେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି । ଆଜି ଅଷ୍ଟମୀ ତିଥିରେ ମା'ଙ୍କ ଦର୍ଶନ କରି ମୁଁ ନିଜକୁ ଧନ୍ୟ ମନେ କରୁଛି । ମା'ଙ୍କ ନିକଟରେ ଓଡ଼ିଶାର ସାଢେ ଚାରି କୋଟି ଲୋକଙ୍କ ସୁଖ, ଶାନ୍ତି, ସମୃଦ୍ଧି ସହ ରାଜ୍ୟର ବିକାଶ ପାଇଁ ପ୍ରାର୍ଥନା କରିଛି । ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମା'ଦୁର୍ଗା ସମସ୍ତଙ୍କୁ ଆର୍ଶୀବାଦ ଦିଅନ୍ତୁ ବୋଲି ସେ କହିଥିଲେ । ଏହି ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କଲେ କର୍ପୋରେଟର

କଟକ, (ସ୍ୱପ୍ର) : କଟକ ସହରରେ ରାତି ପାହିଲେ ସଫେଇ ଚିନ୍ତା । ଯେଉଁ ପରିମଳ ଦାୟିତ୍ୱ ସଫେଇ କର୍ମଚାରୀମାନେ ହିଁ ତୁଲାଇଥାନ୍ତି । କିନ୍ତୁ ଏହି ସଫେଇ କର୍ମଚାରୀଙ୍କୁ ନା ମିଳିଥାଏ ଉଚିତ ପ୍ରାପ୍ୟ ନା ସମ୍ମାନ । ଏହି ସଫେଇ କର୍ମଚାରୀଙ୍କ ପରିଶ୍ରମର ଗୁରୁତ୍ୱକୁ ଉପଲବ୍ଧ କରି ୫୩ନଂ ୱାର୍ଡ କପୋରେର୍ଟର ଅରବିନ୍ଦ ଜେନା ପବିତ୍ର ଦୁର୍ଗାପୂଜା ଅବସରରେ ଅନ୍ଦରପୁର ସ୍ଥିତ ୱାର୍ଡ କାର୍ଯ୍ୟାଳୟ ପରିସରରେ ୱାର୍ଡର ସମସ୍ତ ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀ ଓ ବିଭାଗୀୟ ଅଧିକାରୀଙ୍କମାନଙ୍କ ମନରେ ଉତ୍ସାହ ଆଣିବା ପାଇଁ ଉତ୍ତରୀୟ ସହ ଦଶହରା ପାଳିବା ପାଇଁ କିଛି ସହାୟତା ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାରଙ୍ଗପାଣି ସଢ଼ଙ୍ଗୀ, ରଜନୀକାନ୍ତ ପରିଜା, ଅମର ସାମନ୍ତରାୟ, ଡଃ ବ୍ୟୋମକେଶ କାନୁନଗୋ, ବିଦ୍ୟୁଲତା ସ୍ୱାଇଁ, ସୁଜାତା ସ୍ୱାଇଁ, ସୁମିତ୍ରା ସାହୁ, ଚିନ୍ମୟ କୁମାର ଦାସ, ନଗେନ ଦାସ, ବିନୟ କୁମାର ଦାସ, ବିଜୟାନନ୍ଦ ସାହୁ, ପ୍ରମୋଦ ଭୋଳ, ଅଶୋକ କୁମାର ସାମଲଙ୍କ ସମେତ ସମସ୍ତ ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀ, ସିଏମ୍‌ସି ଅଧିକାରୀ, ସାହିମୁରବୀ ଓ ମହିଳାମାନେ ଉପସ୍ଥିତ ଥିଲେ ।



# ଦୁର୍ଗା ପୂଜା ଅବସରରେ ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ବିଏମ୍‌ସି ପକ୍ଷରୁ ବ୍ୟାପକ ବ୍ୟବସ୍ଥା

ଭୁବନେଶ୍ୱର,(ସବ୍ୟୁ): ଦଶହରା ପାଇଁ ମଣ୍ଡପ ତଥା ସହରରେ ପରିମଳ ବ୍ୟବସ୍ଥାର ସୁପରିଚାଳନା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ପୂଜାମଣ୍ଡପରେ ପରିମଳ ବ୍ୟବସ୍ଥା ତଦାରଖ କରିବା ସହ ସମଗ୍ର ସହର ଯେପରି ପରିଷ୍କାର ପରିଚ୍ଛନ୍ନ ରୁହେ, ସେଥିପ୍ରତି ଗୁରୁତ୍ୱର ସହ ଧ୍ୟାନ ଦେବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ପୂଜାମଣ୍ଡପରେ ସ୍ୱତନ୍ତ୍ର ଭାବେ ସଫେଇକର୍ମୀଙ୍କୁ ନିୟୋଜିତ କରାଯାଇଛି । ସେମାନେ ସେଠାରେ ଉପସ୍ଥିତ ରହି ସଫେଇ କାର୍ଯ୍ୟ କରିବେ । ଦିନକୁ ଦୁଇଥର ବର୍ଜ୍ୟ ଉଠାଇବା ପାଇଁ ସ୍ୱତନ୍ତ୍ର ଭାବେ ସଫେଇ ଗାଡ଼ି ଦିଆଯାଇଛି । ପୂର୍ବରୁ ସମସ୍ତ ପୂଜାମଣ୍ଡପର କର୍ମକର୍ତ୍ତାଙ୍କ ପାଇଁ ବର୍ଜ୍ୟ ପରିଚାଳନା ଓ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏକ ଉପଦେଶାବଳୀ ଜାରି କରାଯାଇଥିଲା । ନାଗରିକମାନଙ୍କ ଅବଗତି ନିମନ୍ତେ ମଧ୍ୟ ବିଭିନ୍ନ ଗଣମାଧ୍ୟମ ଜରିଆରେ ପ୍ରଚାର ପ୍ରସାର କରାଯାଇଛି ।

ସହରର ସମୁଦାୟ ୩ଟି ଜୋନରେ ଥିବା ମୋଟ ୬୭ ୱାର୍ଡରେ ହେଉଥିବା ପୂଜାମଣ୍ଡପ ଓ ୱାର୍ଡ ପରିମଳ ବ୍ୟବସ୍ଥାର ସୁପରିଚାଳନା ପାଇଁ ୩୫୦ରୁ ଅଧିକ ସଫେଇ କର୍ମୀଙ୍କୁ ନିୟୋଜିତ କରାଯାଇଛି । ୱାର୍ଡୱାରି ୩୬ ଜଣ ନୋଡାଲ ଅଫିସରଙ୍କୁ ମଧ୍ୟ ନିୟୋଜିତ କରାଯାଇଛି । ୧୪ ତାରିଖ ପର୍ଯ୍ୟନ୍ତ ଏହି ନୋଡାଲ ଅଫିସରମାନେ ପୂଜା ପାଇଁ ସ୍ୱତନ୍ତ୍ର ଭାବେ ପରିମଳ ବ୍ୟବସ୍ଥାର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କମିଶନର ରାଜେଶ ପ୍ରଭାକର ପାଟିଲ । ନୋଡାଲ ଅଧିକାରୀମାନେ ପୂଜାମଣ୍ଡପଗୁଡ଼ିକୁ ପରିଦର୍ଶନ କରିବା ସହ ସେଠାରେ ପରିମଳ ବ୍ୟବସ୍ଥାର ତଦାରଖ କରିବେ । ସେହିପରି ପୂଜା ପରେ ମଣ୍ଡପଗୁଡ଼ିରେ ଜମା ହୋଇଥିବା ବର୍ଜ୍ୟକୁ ଏଜେନ୍ସିମାନେ ତୁରନ୍ତ ସ୍ଥାନାନ୍ତର କରିବେ । ଏଥିପାଇଁ ଅଧିକ ଗାଡ଼ି, ଡ୍ରାଇଭର ଓ ମାନବ ସମ୍ବଳ ଲଗାଇବାକୁ ମଧ୍ୟ ଏହି ନିର୍ଦ୍ଦେଶନାମାରେ କୁହାଯାଇଛି । ସେହିପରି ୬ଟି ପ୍ରମୁଖ ଜନ ଗହଳି ସ୍ଥାନରେ ଥିବା ଟଏଲେଟଗୁଡିକର ଉପଯୁକ୍ତ ପରିଚାଳନା ଓ ସ୍ୱଚ୍ଛତା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସିଟିସ୍ୱାସ୍ଥ୍ୟ ଅଧିକାରୀ, ଟିମ୍ବାଇନ୍ ଓ କେନ୍ଦ୍ରୀୟ ଏନ୍ଫୋର୍ସମେଣ୍ଟ ଟିମ୍ ସମଗ୍ର ସହରରେ ଖାଦ୍ୟ ପେୟ ଯାଞ୍ଚ କରିବାକୁ କୁହାଯାଇଛି । ଜନସ୍ୱାସ୍ଥ୍ୟ ଦୃଷ୍ଟିରୁ ଖାଦ୍ୟର ଗୁଣାତ୍ମକ ମାନ ପରୀକ୍ଷା କରିବା ସହ ନାଗରିକମାନଙ୍କୁ ଉତ୍ତମମାନର ଖାଦ୍ୟପେୟ ଦେବାକୁ କୁହାଯାଇଛି । ରାସ୍ତା କଡ଼ ଖାଦ୍ୟ ବ୍ୟବସାୟୀ, ପୂଜାମଣ୍ଡପ ନିକଟରେ ପକାଇଥିବା ଷ୍ଟଲ, ତଥା ଦୋକାନୀମାନେ ଦୁଇଟି ଲେଖାଏଁ ଡଷ୍ଟବିନ୍ ରଖିବା ପାଇଁ କୁହାଯାଇଛି ।

**୩୬ ନୋଡାଲ ଅଫିସରଙ୍କ ସହ ୩୪୦ରୁ ଅଧିକ ଅତିରିକ୍ତ ସଫେଇ କର୍ମୀ ନିୟୋଜିତ**

# କୁମ୍ଭାରପଡ଼ା ଥାନା ପୋଲିସ ଦ୍ୱାରା ହତ୍ୟା ଅଭିଯୋଗରେ ୫ ଅପରାଧି ଗିରଫ

ପୁରୀ, (ସବ୍ୟୁ): ଗତ ୯ ତାରିଖ ସନ୍ଧ୍ୟାରେ ବଳଗଣ୍ଡି ରାଏବାହାଦୁର ଲେନରେ ଜଣେ ଯୁବକଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଅତି ନିର୍ମମ ଭାବେ ହତ୍ୟା କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଆଜି ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତଙ୍କ ଠାରୁ ପୋଲିସ ହତ୍ୟା କାଣ୍ଡରେ ବ୍ୟବହୃତ ଏକ ଛୁରୀ ଜବତ କରିଛି । ଅଭିଯୁକ୍ତମାନେ ଏହି ଥାନା ଅନ୍ତର୍ଗତ ରାଏ ବାହାଦୁର ଲେନର ରକି ନାୟକ (୨୦), ବଳଗଣ୍ଡି ସାହିର ରଞ୍ଜିତ ନାୟକ(୫୫), ପୁରୀ ରେଳ ଷ୍ଟେସନ, ରାମଚଣ୍ଡି ସାହି, ବାଲିକୁଦ ବସ୍ତିର ରାକେଶ ଓରଫ ମୁନୁ ପଟ୍ଟନାୟକ (୨୦), ନରେନ୍ଦ୍ର କୋଣ ହରିଜନ ସାହିର ଚିକୁ ଓରଫ ପିଣ୍ଟୁ ନାୟକ(୨୩) ଓ ସନ୍ତୋଷ ନାୟକ (୩୨) ଅଟନ୍ତି । ଶୁକ୍ରବାର ଅପରାହ୍ନର ରେ କୁମ୍ଭାରପଡ଼ା ଥାନା ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଅତିରିକ୍ତ ଏସପି ଦେବବ୍ରତ ଚକ୍ର କହିଥିଲେ ଗତ ୯ ତାରିଖ ସନ୍ଧ୍ୟା ୬ ଟା ୩୦ ମିନିଟ ସମୟରେ ବଳଗଣ୍ଡି ରାଏ ବାହାଦୁର ଲେନ ର ରାକେଶ ମହାପାତ୍ର ଓ ତାଙ୍କ ପତ୍ନୀ ନମିତା ମହାପାତ୍ର ସେହି ସାହିର ଏକ ତେଜରାତି ଦୋକାନକୁ କିଛି ଗ୍ରୋଷରୀ ସାମଗ୍ରୀ କିଣି ବାକୁ ଚାଲି ଚାଲି ଯାଇ ଥିଲେ । ଦୋକାନରୁ ଗ୍ରୋସରି ସାମଗ୍ରୀ କିଣି ରାକେଶ ଓ ତାଙ୍କ ପତ୍ନୀ ଫେରୁ ଥିବା ବେଳେ ହଠାତ ଅଭିଯୁକ୍ତମାନେ ବିଭିନ୍ନ ଧାରୁଆ ମାରଣାସ୍ତ୍ର ଛୁରୀ,



ଖଣ୍ଡା ଧରି ତାଙ୍କୁ ଆକ୍ରମଣ କରିଥିଲେ । ଫଳରେ ରାକେଶଙ୍କ ଶରୀର ର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇ ଥିଲାଛ ସେ ଗୁରୁତର ଭାବେ ଆହତ ହୋଇ ଘଟଣା ସ୍ଥଳରେ ରକ୍ତ ଜୁଡୁ ବୁଡୁ ଅବସ୍ଥାରେ ପଡ଼ି ରହି ଥିଲେ । ଏ ସମ୍ପର୍କରେ ଖବର ପାଇ କୁମ୍ଭାରପଡ଼ା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ରାକେଶଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା । ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇ ଥିଲା । କିନ୍ତୁ ସେ କଟକ ନ ଯାଇ ଭୁବନେଶ୍ୱର ହାଇଟେକ ମେଡିକାଲରେ ଭର୍ତ୍ତି ହୋଇଥିଲେ । ସେଠାରେ ଚିକିତ୍ସା ସମୟରେ ରାକେଶଙ୍କର ମୃତ୍ୟୁ ଘଟି ଥିଲା । ରାକେଶଙ୍କ ପତ୍ନୀ ନମିତାଙ୍କ ଅଭିଯୋଗ କ୍ରମେ କୁମ୍ଭାରପଡ଼ା ଥାନା ପୋଲିସ କେଶ ନମ୍ବର ୩୩୭/୨୪ କ୍ରମେ ବିଏନଏସ ଆକ୍ଟର ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା । ତଦନ୍ତ ସମୟରେ ଜଣାପଡ଼ି ଥିଲା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟା କାଣ୍ଡ ଘଟିଛି । ଏହି ହତ୍ୟା କାଣ୍ଡ ଘଟଣାରେ ପୋଲିସ ଆଜି ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସମସ୍ତ ଅଭିଯୁକ୍ତମାନେ ଅସାମାଜିକ ଯୁବକ ଓ ପେଶାଦାର ଅପରାଧୀ ଅଟନ୍ତି । ରକି ନାମରେ କୁମ୍ଭାରପଡ଼ା ଥାନାରେ ୬ ଗୋଟି ମାମଲା, ରଂଜିତ ନାମରେ କୁମ୍ଭାରପଡ଼ା ଥାନାରେ ୭ ଗୋଟି, ମନୁ ଓରଫ ରାକେଶ ନାମରେ କୁମ୍ଭା ପଡ଼ା ଓ ସମୁଦ୍ର କୂଳ ଥାନାରେ ୨ ଗୋଟି, ଚିକକୁ ନାୟକ ନାମରେ କୁମ୍ଭାର ପଡ଼ା ଥାନା ରେ ୯ ଗୋଟି ଓ ସନ୍ତୁ ଓରଫ ସନ୍ତୋଷ ନାମରେ କୁମ୍ଭାରପଡ଼ା ଥାନାରେ ୪ ଗୋଟି ମାମଲା ରହିଛି ।


ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି
ଦିନ. ୧୫.୧୦.୨୦୨୪



ସ୍ୱର୍ଗୀୟା ସରସ୍ୱତୀ ସ୍ୱାଇଁ
ଚଣ୍ଡିପୁର , ପାଳସାହି , କୁଆଖିଆ

ତୁମର ଅନାବିଳ ସ୍ନେହ ଶ୍ରଦ୍ଧା ସରଳତା ଓ ସାଧୁତା ସବୁ ବେଳେ ଆମ ଚଲାପଥରେ ସହାୟକ ହେଉଥିବା ଆଜି ପ୍ରଥମ ବାର୍ଷିକରେ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକ ସନ୍ତପ୍ତ : ସୁ ପୁତ୍ର ଶିକ୍ଷକ ଅରୁଣ କୁମାର ସ୍ୱାଇଁ , ଅଂଜନ କୁମାର ସ୍ୱାଇଁ, ଆରତୀ ସ୍ୱାଇଁ ,ମାନସୀ ସ୍ୱାଇଁ , ଅନିନ୍ଦିତା ସ୍ୱାଇଁ , ଅଙ୍କିତା ସ୍ୱାଇଁ, ଆକାଶ ସ୍ୱାଇଁ, ମୋନାଲିସା ମହାପାତ୍ର, ଅଂସୀକା ସ୍ୱାଇଁ ଝିଅ ଜ୍ୱାଇଁ ଏବଂ ସମସ୍ତ ଭ୍ରାତା,ନାତି ନାତୁଣୀ, ବନ୍ଧୁ ପରିବାରବର୍ଗ


# ଜିନ୍ଦଲ ଷ୍ଟେନଲେସ୍ ତରଫରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଦେଶର ସର୍ବ ବୃହତ୍ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି। କମ୍ପାନୀ ଏହାର କର୍ପୋରେଟ ଅଫିସ ସମେତ ବିଭିନ୍ନ ସ୍ଥାନରେ ଥିବା ପ୍ଲାଂଟରେ ଏହି ଦିବସ ପାଳନ କରିଛି। କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ସହ ସୁସ୍ଥ କାର୍ଯ୍ୟ ଅନୁକୂଳ ପରିବେଶକୁ ଦୃଷ୍ଟିରେ ରଖି ପଓ୍ୱାସନା ଗୋଷ୍ଠୀର ମିଳିତ ସହଯୋଗରେ ଏକ ପପି ମିଟ୍ ଏଣ୍ଡ ଗ୍ରୀଟ୍ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କମ୍ପାନୀର ଯାଜପୁର ପ୍ଲାଂଟରେ ଏକ ଷ୍ଟାଣ୍ଡ ଅପ କମେଡି ସୋ ଅନୁଷ୍ଠିତ ହୋଇଥିଲା। ସେହିପରି ହିସାରଠାରେ କର୍ମଚାରୀଙ୍କ କାର୍ଯ୍ୟକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଏକ କର୍ମଶାଳା ହୋଇଥିଲା। ଏଇ ଅବସରରେ କମ୍ପାନୀ ତରଫରୁ କର୍ମଚାରୀ ସହାୟତା କାର୍ଯ୍ୟକ୍ରମ (ଏମ୍ପ୍ଲୋଇ ଆସିଷ୍ଟାନ୍ସ ପ୍ରୋଗ୍ରାମ ଇଏପି) ମଧ୍ୟ ଆରମ୍ଭ କରାଯାଇଛି। ଇଏପି ଉଭୟ ବ୍ୟକ୍ତିଗତ ଓ ବୃତ୍ତିଗତ ସ୍ତରରେ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟକୁ ଅଧିକ ସୁଦୃଢ଼ କରିବା ସହ ବହୁ ଆହ୍ୱାନର ସଫଳ ମୁକାବିଲା କରିବା ଲାଗି ସହାୟକ ହେବ । ଏଇ ଅବସରରେ କମ୍ପାନୀର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଶ୍ରୀ ସୁଶୀଲ ବାଭେଜା କହିଛନ୍ତି ଜିନ୍ଦଲ ଷ୍ଟେନଲେସ୍ ତା'ର କର୍ମଚାରୀମାନଙ୍କ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ତଥା କାର୍ଯ୍ୟକ୍ଷେତ୍ରରେ ସେଥିରେ ଅଧିକ ଉନ୍ନତି ଆଣିବା ପାଇଁ ସଦା ପ୍ରତିବଦ୍ଧ। ସେ ଆହୁରି କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ଆୟୋଜନ ହେବା ଦ୍ୱାରା କର୍ମଚାରୀମାନେ କିଛି ଅବସର ସମୟ ନିଜ ସହ ଏବଂ ଅନ୍ୟ ସହଯୋଗୀଙ୍କ ସହ ବିତାଇ ପାରିବେ ।


With Best Compliments From :



M/s
S T Minerals
Dankari, Jajpur


# ଧର୍ମବିହାର ଲେଡିଜ କ୍ଲବ ଆନୁକୂଲ୍ୟରେ ଦାଣ୍ଡିଆ ନାଇଟସ୍

ଭୁବନେଶ୍ୱର, (ସବ୍ୟୁ): ନବରାତ୍ରୀ ଉପଲକ୍ଷେ ଭୁବନେଶ୍ୱରର ଧର୍ମବିହାର ଲେଡିଜ କ୍ଲବ ଆନୁକୂଲ୍ୟରେ ଦାଣ୍ଡିଆ ନାଇଟସ୍ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଧର୍ମବିହାର ଲେଡିଜ କ୍ଲବ୍ର ସମସ୍ତ ସଦସ୍ୟା, ଧର୍ମବିହାର କଲୋନୀର ପ୍ରାୟ ସବୁ ମହିଳା ଓ ଝିଅମାନେ ଯୋଗଦେବା ସହିତ ସେମାନଙ୍କ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ଦାଣ୍ଡିଆ ନୃତ୍ୟ ଧର୍ମବିହାରବାସୀଙ୍କୁ ବିମୋହିତ କରିଥିଲା । ଏହି କାର୍ଯ୍ୟକ୍ରମକୁ ଲେଡିଜ କ୍ଲବ୍ର ସଭାପତି ଶ୍ରୀମତୀ ଫ୍ଲୋରେନ୍ସ ମହାପାତ୍ର, ସମ୍ପାଦିକା ଶ୍ରୀମତୀ ପ୍ରଭାସିନୀ, କୋଷାଧ୍ୟକ୍ଷ ଶ୍ରୀମତୀ ଚିତ୍ରଲେଖା, ବରିଷ୍ଠା ସଭ୍ୟା ଶ୍ରୀମତୀ ମିନୁ ପଣ୍ଡା ଓ ଶ୍ରୀମତୀ ସଂଯୁକ୍ତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଲେଡିଜ କ୍ଲବର ଏପରି ପ୍ରୟାସକୁ ଧର୍ମବିହାର କଲୋନୀବାସୀ ଭୂୟସୀ ପ୍ରଶଂସା କରିଥିଲେ । କ୍ଲବର ସଦସ୍ୟାମାନେ ବିଭିନ୍ନ ସମୟରେ ସମାଜସେବାମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି କଲୋନୀବାସୀଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେମାନଙ୍କ ଦ୍ୱାରା ଆୟୋଜିତ ଏପରି ସାଂସ୍କୃତିକ କାର୍ଯ୍ୟକ୍ରମ କଲୋନୀବାସୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରୁଛି ବୋଲି ବର୍ଦ୍ଧଜୀବୀମାନେ ମତପ୍ରକାଶ କରିଛନ୍ତି ।




With Best Compliments From :
Jagannath Jew Mahavidyalaya
Chadaidhara
Principal
Sri Sukanta Kumar Rout



ପବିତ୍ର ଶାରଦୀୟ ଦୁର୍ଗାପୂଜା ଓ
ଦୈନିକ 'ସମୟ'ର ୨୮ତମ
ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା
ଜଣାଇବା ସହ ସଭିଙ୍କ ସୁଖ ସମୃଦ୍ଧି କାମନା କରୁଛି ।
Sri Saroj Kumar Rout

With Best Compliments From :
'ସମୟ'ର ସ୍ୱନକ୍ଷତ୍ର ତଥା
ପବିତ୍ର ଦୁର୍ଗାପୂଜା ଉପଲକ୍ଷେ
ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
Sri Ranjan Kumar Jena





ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୮ତମ ସ୍ୱନକ୍ଷତ୍ର ତଥା ପବିତ୍ର ଦୁର୍ଗାପୂଜା ଅବସରରେ ଦେବଳା ଆଶ୍ରମ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ସମସ୍ତ ଅଭିଭାବକମାନଙ୍କର ସୁଖ ସମୃଦ୍ଧି କାମନା କରୁଅଛି ।
ଦୀପକ କୁମାର ଦଣ୍ଡପାଟ
ପ୍ରଧାନଶିକ୍ଷକ,
ଦେବଳା ଆଶ୍ରମ ବିଦ୍ୟାଳୟ
କପ୍ତିପଦା, ମୟୂରଭଞ୍ଜ



ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୮ତମ ସ୍ୱନକ୍ଷତ୍ର ତଥା ପବିତ୍ର ଦୁର୍ଗାପୂଜା ଅବସରରେ ଆମ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରାବାସର ସମସ୍ତ କର୍ମଚାରୀଙ୍କ ତରଫରୁ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭକାମନା ।



ସୋମନାଥ ସିଂ
ପ୍ରଧାନ ଶିକ୍ଷକ,
ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାରିପଦା, ମୟୂରଭଞ୍ଜ

# ସୁଭଦ୍ରା ଯୋଜନାରେ ସମ୍ପୃକ୍ତ କର୍ମୀଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା



କଟକ, (ସ୍ୱପ୍ର): ଶ୍ରୀକୋରୁଆଁ ଓ ଗୋପାଳପୁର ଅଞ୍ଚଳ ଅନ୍ତର୍ଗତ ସିଏସି ଏକାଡେମି ଓ ଶ୍ରୀ ମାଧେଶ୍ୱର ମନ୍ଦିର କମିଟି ତରଫରୁ ଘରେ ଘରେ ସୁଭଦ୍ରା ଯୋଜନା ପହଞ୍ଚାଉଥିବା କର୍ମୀ ମାନଙ୍କୁ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଉତ୍ତରୀୟ ଓ ଶ୍ରୀ ମାଧେଶ୍ୱର ମହାଦେବଙ୍କ ଫୋଟୋ ଦେଇ ସମ୍ମାନିତ କରିଥିଲେ । ଏଥିରେ ବିଧାୟକ ସୁଭଦ୍ରା ଯୋଜନାର ଉପକାରିତା ବିଷୟରେ କହିବା ସହ କିପରି ମହିଳାମାନେ ସ୍ୱାବଲମ୍ବି ହୋଇପାରିବେ ଏବଂ ଋଣ ଛାଡ଼ ସ୍କିମ ସମ୍ବନ୍ଧୀୟ ଲକ୍ଷପତି ଦିଦି ହୋଇପାରିବେ ସେନେଇ ବକ୍ତବ୍ୟ ରଖିଥିଲେ । ଶ୍ରୀକୋରୁଆଁ ଗ୍ରାମର ରାସ୍ତା ମରାମତି କାମର ଉଦଘାଟନ କରିଥିଲେ । ଏଥିରେ ଖୁସି ହୋଇ ୱାର୍ଡର ସମସ୍ତ ସଦସ୍ୟ ବିଧାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ । ଏହି ସଭାରେ ପ୍ରଦୀପ ବେହେରା, ଜ୍ଞାନ ରଞ୍ଜନ ଦାସ, ରଞ୍ଜନ ପଲେଇ, କାହ୍ନୁ ଚରଣ ଦାସ, ବିଦୁ ଭୁଷଣ ବେହେରା, କାର୍ତ୍ତିକ ବେହେରା, ମନୋଜ ବେହେରା, ଅଶୋକ ମଲିକ, ପ୍ରମୋଦ କୁମାର ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ମଙ୍ଗୁ ଦାସ, ପ୍ରମୋଦ କୁମାର ଦାସ, ବରାଦ ପ୍ରସାଦ ମହାନ୍ତି, ନବ କିଶୋର ଓଝା, ରବୀନ୍ଦ୍ର ସେଠୀ, ତାପସ ସେଠୀ, ଦେବାଶିଷ ବେହେରା, ଶାନ୍ତିଲତା ନାଏକ, ଶୁଭସ୍ମିତା ନାୟକ, ରାଜନନ୍ଦିନୀ ପଣ୍ଡା ଓ ବିଜେପି କର୍ମୀଙ୍କ ସହିତ ବିଧାୟକ ସମର୍ଥକ ମାନେ ଉପସ୍ଥିତ ଥିଲେ ।

# ପୂଜା ମଣ୍ଡପରେ ଝଟକୁଛି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି

ବାସୁଦେବପୁର,(ସବ୍ୟୁ): ବାସୁଦେବପୁର ବ୍ଲକର ବିଭିନ୍ନ ସ୍ଥାନରେ ମାଦ୍ଦୁର୍ଗାଙ୍କର ଷଷ୍ଠୀ ଠାରୁ ପୂଜା ରୀତିନୀତି ଅନୁସାରେ ଆରମ୍ଭ ହେବା ପରେ ପୂଜା ମଣ୍ଡପରେ ମାଦ୍ଦଙ୍କର ମୃଣ୍ମୟୀ ମୂର୍ତ୍ତି ସାଜସଜ୍ଜାରେ ବେଶ୍ ଝଟକୁଛି । ବାସୁଦେବପୁର ମ୍ୟୁନସିପାଲିଟି କାର୍ଯ୍ୟାଳୟ ନକଟସ୍ଥ ସର୍ବାଜନୀନ ସର୍ବପୁରାତନ ଥାନା ହାଟ ଦୁର୍ଗାପୁଜା ୫୯ ବର୍ଷରେ ଦୁର୍ଗା ମଣ୍ଡପରେ ପାରମ୍ପରିକ ରୀତିରେ ମାଦ୍ଦୁର୍ଗାଙ୍କର ଷଷ୍ଠୀ ଠାରୁ ପୂଜା ଆରମ୍ଭ ହୋଇ ଯାଇଛି । ପୂଜା ମଣ୍ଡପରେ ମାଦ୍ଦୁର୍ଗାଙ୍କୁ ଭକ୍ତମାନେ ଦର୍ଶନ କରିବାରେ ଲାଗିଛନ୍ତି । ବାସୁଦେବପୁରର ସର୍ବାଜନୀନ ଦୁର୍ଗା ପୂଜା ୧୯୬୫ ମସିହା ଠାରୁ ଆରମ୍ଭ ହୋଇଥିବା ବେଳେ ପୂଜା ଇତି ମଧ୍ୟରେ ୫୮ ବର୍ଷରେ ପହଞ୍ଚିଛି । ଦୁଇ ବର୍ଷ ଧରି କଳସ ପୂଜା ପାଇଥିବା ବେଳେ ୫୭ ଧରି ଦୁର୍ଗା ମଣ୍ଡପରେ ପାରମ୍ପରିକ ରୀତିରେ ମାଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ପୂଜା ପାଇ ଆସୁ ଅଛନ୍ତି । ତୃପ୍ତି ମହିଳା କଲେଜ ପାଖ ବିଦ୍ୟୁତ ମାର୍ଗରେ ଅନୁଷ୍ଠିତ ପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗା ପୂଜା ଅନୁଷ୍ଠିତ ହେଉଅଛି । ଏହି ଅବସରରେ ମାଦ୍ଦୁର୍ଗାଙ୍କର ଯଥା ରୀତିରେ ପୂଜା ଅର୍ଚ୍ଚନା ଚାଲିଛି । ବାସୁଦେବପୁର କଚେରୀ ଛକରେ ମଧ ମାଦ୍ଦୁର୍ଗାଙ୍କର ଯଥା ରୀତିରେ ପୂଜା ଅର୍ଚ୍ଚନା ଚାଲିଅଛି । ସୁଦର୍ଶନପୁର ପଞ୍ଚାୟତର ଜଗନ୍ନାଥୀ ଛକରେ ମାଦ୍ଦଙ୍କର ମୃଣ୍ମୟୀ ମୂର୍ତ୍ତି ସାଜସଜ୍ଜା ମଧ୍ୟରେ ପୂଜା ଅର୍ଚ୍ଚନା ହେଉଛି । ଇରମ ପଞ୍ଚାୟତର ପାଢ଼ୀ ଉହାସରେ ଦୀର୍ଘ ବର୍ଷ ଧରି ପାଳିତ ହୋଇ ଆସୁଥିବା ମାଦୁର୍ଗାଙ୍କର ଷଷ୍ଠୀ ଠାରୁ ପୂଜା ଆରମ୍ଭ ହୋଇ ଯାଇଛି । ବାରାପୁର ପୂଜା ମଣ୍ଡପ ଏଥର ୫୧ ବର୍ଷ ଧରିବେଶ୍ ଆଡମ୍ବର ପୂର୍ଣ୍ଣ ପରିବେଶରେ ମାଦୁର୍ଗାଙ୍କର ଯଥା ରୀତିରେ ପୂଜା ଅର୍ଚ୍ଚନା ଚାଲିଅଛି । ଚଳିତ ବର୍ଷ ପାଗ ପ୍ରତିକୂଳ ଥିବାରୁ ଭକ୍ତମାନଙ୍କ ମଧ୍ୟରେ ବେଶ ଖୁସି ପରିଲକ୍ଷିତ ହେଉଛି । ପୂଜାରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଲମ୍ବା ଛୁଟି ଥିବାରୁ ଦୁର୍ଗା ପୂଜାରେ ଗାଁରୁ ସହର ପର୍ଯ୍ୟନ୍ତ ସବୁ ଆଡେ ବନ୍ଧୁ, ଭାଇ, ଭଉଣୀ,ସାଙ୍ଗ, ସାଥିଙ୍କର ମିଳନର ମାହଲ ସୃଷ୍ଟି ହେଉଛି ।

# ଆଇନଜୀବୀ ଶଶୀଭୂଷଣ ତ୍ରିପାଠୀଙ୍କ ପରଲୋକ

ତିହିଡି,(ସବ୍ୟୁ): ତିହିଡି ବ୍ଲକ ଅନ୍ତର୍ଗତ ଭାଟପଡା ପଞ୍ଚାୟତର ଶଂଖିଡା ଗ୍ରାମର ବାସିନ୍ଦା ତଥା ଭଦ୍ରକ କୋର୍ଟର ଆଇନଜୀବୀ ଓ ବାମପନ୍ଥୀ ନେତା ଶଶୀଭୂଷଣ ତ୍ରିପାଠୀଙ୍କ ଗୁରୁବାର ପ୍ରତ୍ୟୁଷରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ତ୍ରିପାଠୀ ଗତ କିଛି ବର୍ଷ ହେଲା ବିଭିନ୍ନ ରୋଗରେ ପୀଡିତ ଥାଇ ଚିକିତ୍ସାଧୀନ ଥିଲେ । ସେ ଭଦ୍ରକ କୋର୍ଟରେ ଓକିଲାତି ବ୍ୟବସାୟ କରିବା ସହ ଦୀର୍ଘ ବର୍ଷ ହେଲା ସିପିଆଇ(ଏମ)ର ଜଣେ ସକ୍ରିୟ ସଦସ୍ୟ ଭାବେ ନିଷ୍ଠାର ସହିତ କାର୍ଯ୍ୟ କରି ଆସୁଥିଲେ । ସ୍ୱର୍ଗତ ତ୍ରିପାଠୀ ଜଣେ ସରଳ, ହୃଦୟବାନ ଓ ପରୋପକାରୀ ବ୍ୟକ୍ତିଭାବେ ସାଧାରଣରେ ବେଶ ଜଣାଶୁଣା ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସିପିଆଇ(ଏମ)ର ବହୁ କର୍ମୀ ଓ କର୍ମକର୍ତ୍ତା ତଥା ବନ୍ଧୁ ମାନେ ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କର ଅନ୍ତିମ ସଂସ୍କାର ନିଜ ଗ୍ରାମରେ କରାଯାଇଥିବା ବେଳେ ଏକ ମାତ୍ର ପୁଅ ଅରୁଣ କୁମାର ତ୍ରିପାଠୀ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମା' ବାହାଡାଶୁଣୀ ପୀଠରେ ଯାତ୍ରା ଉତ୍ସବ

ଭାପୁର ,(ସବ୍ୟୁ) : ଖଣ୍ଡପଡା ବ୍ଲକର ବନମାଳୀପୁର ପଞ୍ଚାୟତ ଅଧିନ ବାହାଡା ଗ୍ରାମରଅଧିଷ୍ଠାତ୍ରୀ ଦେବୀ ମା ବାହାଡାଶୁଣୀଙ୍କ ପୀଠରେ ଯାତ୍ରା ଉତ୍ସବ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ୩ ଦିନ ଧରି ମା'ଙ୍କ ପୀଠରେ ଯାତ୍ରା ଉତ୍ସବ ଅନୁଷ୍ଠିତ ହେବ ବୋଲି ବାହାଡ଼ା ଗ୍ରାମବାସୀଙ୍କ ସୁତ୍ରରୁଜଣାପଡ଼ିଛି। ଏ ଅବସରରେ ନିକଟସ୍ଥ ମା' ଡକେଇଶୁଣୀଙ୍କ ପୀଠରୁ ଏକ ବିରାଟ ଶୋଭାଯାତ୍ରାବାହାରି ଗ୍ରାମ ପରିକ୍ରମା କରିବା ପରେ ମା'ବାହାଡ଼ାଶୁଣୀଙ୍କ ପୀଠ ପରିସରରେ ଶୋଭାଯାତ୍ରା ପହଞ୍ଚିଥିଲା। ଯାତ୍ରା ଉତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରକାଶଥାଉକି ଦୀର୍ଘ ୨ ଶହ ବର୍ଷରୁ ଉର୍ଦ୍ଧ ସମୟ ଧରିମା'ବାହାଡ଼ାଶୁଣୀଙ୍କ ପୀଠରେ ପାର୍ବଣ ଅବସରରେ ବହୁ ଆଡ଼ମ୍ବରରେ ଯାତ୍ରା ଉତ୍ସବ ଅନୁଷ୍ଠିତହୋଇଆସୁଥିବା ବେଳେ ଏହି ଉତ୍ସବକୁ ଉପଭୋଗ କରିବା ନିମନ୍ତେ ଆଖପାଖ ଅଂଚଳରୁ ୫ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯାତ୍ରା ଉତ୍ସବର ବିଭିନ୍ନ ଦିନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓସାମାଜିକ ନାଟକ ମଂଚସ୍ଥ ହେବ ବୋଲି ଯାତ୍ରାକମିଟିର କର୍ମକର୍ତ୍ତାଙ୍କ ଠାରୁ ପ୍ରକାଶ। ମାବାହାଡାଶୁଣୀଙ୍କ ଯାତ୍ରା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ଫତେଗଡ଼ ପୋଲିସ୍‌ପକ୍ଷରୁ ଘଟଣାସ୍ଥଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଜଣାପଡ଼ିଛି।

# ସରସଦାରେ ସାର୍ବଜନୀନ ଦୁର୍ଗାପୂଜା

ଭଣ୍ଡାରିପୋଖରୀ, (ସବ୍ୟୁ) : ଏହି ବ୍ଲକର ସରସଦା ଦୁର୍ଗାମଣ୍ଡପରେ ଚଳିତ ବର୍ଷ ୩୩ତମ ସାର୍ବଜନୀନ ଦୁର୍ଗୋତ୍ସବ ଅନୁଷ୍ଠିତ ହେଉଛି। ଦିବାକର ମହାନ୍ତି ଓ ସାଥିଙ୍କ ଦ୍ୱାରା ନିର୍ମିତ ମୃଣ୍ମୟୀ ମୂର୍ତ୍ତୀଙ୍କ ପୂଜାକାର୍ଯ୍ୟ ପୂଜକ ରାମଚନ୍ଦ୍ର ପତି, ମଙ୍ଗରାଜ ପଣ୍ଡା ପ୍ରମୁଖ ବିଧିମତେ ସମ୍ପାଦନ କରୁଛନ୍ତି। ବୁଦ୍ଧିରାମ ସ୍ୱାଇଁ ଓ ପତ୍ନୀ ମାନସୀ ସ୍ୱାଇଁ କର୍ତ୍ତା ଓ କର୍ତ୍ତୀ ଦାଇତ୍ୱ ତୁଲାଉଛନ୍ତି। ବର୍ଷକ ମଧ୍ୟରେ ପୂଜା କମିଟିର ୩ଜଣ ଦିବଙ୍ଗତ ସଭାପତି ଅଶୋକ ନାୟକ, ପ୍ରତିଷ୍ଠାତା ଆଚାର୍ଯ୍ୟ ନିଗମାନନ୍ଦ ମିଶ୍ର ଓ ପ୍ରତିଷ୍ଠାତା ସଦସ୍ୟ ବାଇଧର ସୂତାରଙ୍କ ପାଇଁ 'ଲୋତକାଞ୍ଜଳୀ' ମଣ୍ଡପ ନିର୍ମାଣ କରାଯାଇ ସାର୍ବଜନୀନ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଉଛି। ପୂଜା କମିଟି ସମ୍ପାଦକ ଗୋକୁଳ ଚନ୍ଦ୍ର ସାହୁ, ମଙ୍ଗରାଜ କରଣ, ନୃସିଂହ ସ୍ୱାଇଁ, ଅଶୋକ ସାହୁ, ପ୍ରଦ୍ୟୁମ୍ନ ନନ୍ଦ, କୂଳମଣି ପରିଡା ପ୍ରମୁଖ ପୂଜା ଦାଇତ୍ୱ ତୁଲାଉଥିବା ଜଣାଯାଇଛି। ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ବିଜେପି ଜିଲ୍ଲା ସଭାପତି ଅକ୍ଷୟ ସାହୁ, ସମାଜସେବୀ ରାମଚନ୍ଦ୍ର ପରିଡା ପୂଜା ମଣ୍ଡପକୁ ଆସି ପୂଜାର୍ଚ୍ଚନା କରିବା ସହ ଓ 'ଲୋତକାଞ୍ଜଳୀ' ଠାରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି। ଏହାସହ ଏଠାରେ ସଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।















# ଶିଶୁ ମହୋତ୍ସବ ସୁରଭି

ନୀଳଗିରି,(ସବ୍ୟୁ) : ନୀଳଗିରି ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଟିଆଳି ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରୂପକ କୁମାର ପଶା, ଶାନ୍ତିଲତା ବିଶ୍ୱାଳ, ଶୈଳେନ୍ଦ୍ର କୁମାର ଶତପଥି, ଶଶୀଧର ମହାପାତ୍ର, ଶଶଧର ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଏହି ସାଧନ କେନ୍ଦ୍ରସ୍ତରରେ ୧୨ଗୋଟି ବିଦ୍ୟାଳୟର ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ୩୩ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଅନୁରୂପ ଭାବେ ଧବଣୀ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉପରଡିହା ଉ.ପ୍ରା. ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୧୦ଟି ବିଦ୍ୟାଳୟର ୩ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ସିଂ, କୂଳମଣି ନାୟକ, ବିନିତା ମଢେଇ, ଉମାକାନ୍ତ ଦାସ, ଆରତୀ ପାତ୍ର,ଉପେନ୍ଦ୍ର ନାଥ ପଶା, ମମତା ଖଣ୍ଡେଇ, ଶଙ୍କର୍ଷଣ ମଣ୍ଡଳ, ଲମ୍ବୋଦର ସିଂ , ଜ୍ୟୋତିର୍ମୟୀ ପୁଥାଳ, ରେଣ୍ଟା ସୋରେନ୍, ଗୋପାଳ ସେଠୀ ପ୍ରମୁଖ ଯୋଗଦେଇଥିଲେ । କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା ।













# ପରିବା ଦର ବୃଦ୍ଧି ନେଇ ଚିନ୍ତାରେ ଖାଉଟି



ବୁଗୁଡ଼ା, (ସବ୍ୟୁ): ଶାରଦୀୟ ପର୍ବକୁ ନେଇ ବୁଗୁଡ଼ା ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠୁଥିବା ବେଳେ ବଜାରରେ ପନିପରିବା ଦର ହଠାତ୍ ବୃଦ୍ଧି ପାଇଛି। ବିଭିନ୍ନ ଖାଦ୍ୟ ସାମଗ୍ରୀ ଦର ଅହେତୁକ ଭାବେବୃଦ୍ଧି ପାଇଥିବାରୁ ନେଇ ସାଧାରଣ ବର୍ଗର ଲୋକଙ୍କ ପାଇଁ ଚଳିବା କଷ୍ଟକର ହୋଇପଡ଼ିଛି । ବିଶେଷ କରି ପନିପରିବା ଦର କଥା ନକହିଲେ ଭଲ । ଏବେ ବୁଗୁଡ଼ା ବଜାରରେ ଟମାଟ କିଲୋ ପ୍ରତି ୮୦ ଟଙ୍କା, ପିଆଜ ୬୦ ଟଙ୍କା, ଝୁଲଣ ୬୦, ବିନ୍ସ ୧୨୦ ଟଙ୍କା, ଫୁଲ କୋବି ୧୦୦ ଟଙ୍କା, ଶିମ୍ବ ୧୦୦ ଟଙ୍କା, ପିଠଳ ୧୦୦ ଟଙ୍କା, ପୋଟଳ ୭୦ ଟଙ୍କା, ବାଇଗଣ ୭୦ ଟଙ୍କା, ଦେଶୀ ଆଳୁ ୬୦, କାକୁଡି ୪୦, ଜହ୍ନି ୪୦ଟଙ୍କା, ଗୁହାଁର ୫୦ ଟଙ୍କା, କାଙ୍କଡ଼ ଦେଶୀ ୧୬୦ ଓ ହାଇବ୍ରିଡ ୭୦ ଟଙ୍କା, କଲରା ୪୦ଟଙ୍କା ରହିଛି । ପାଞ୍ଚ ଶହ ଟଙ୍କାରେ ମଧ ବ୍ୟାଗ ଭରୁନି ବ୍ୟବସାୟୀମାନେ ମନଇଚ୍ଛା ଦର ବୃଦ୍ଧି କରି ଲାଭବାନ ହେଉଥିବା ବେଳେ ଏହାକୁ ନେଇ ଖାଉଟିଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

# ଶାରଦୀୟ ଦୁର୍ଗାପୂଜା ପାଇଁ ଉତ୍ସବମୁଖର ଭଞ୍ଜନଗର

ଭଞ୍ଜନଗର, (ସବ୍ୟୁ): ଶାରଦୀୟ ଦୁର୍ଗାପୂଜା ପାଇଁ ସମଗ୍ର ଭଞ୍ଜନଗର ଉତ୍ସବମୁଖର ହୋଇପଡ଼ିଛି। ଚଳିତବର୍ଷ ଲୋକଙ୍କ ମନରେ ପାର୍ବଣର ଆନନ୍ଦ ସ୍ପଷ୍ଟ ବାରି ହୋଇପଡୁଛି। ପୂଜାବଜାର ପାଇଁ ଏବେ ପାର୍ବଣରେ ଦିନସାରା ଭଞ୍ଜନଗର ବଜାର ବେଶ ଭିଡ ଜମୁଥିବା ବେଳେ ବିଭିନ୍ନ ସ୍ଥାନରେ ମେଢ ନିକଟରେ ଅସମ୍ଭବ ଅସମ୍ଭବ ଦେଖିବାକୁ ମିଳୁଛି। ଶୁକ୍ରବାର ବିଭିନ୍ନ ଦୁର୍ଗାମେଢରେ ଦେବୀଙ୍କ ମହାଷ୍ଟମୀ ଯୁକ୍ତ ମହା ନବମୀ ପୂଜା ଅତି ନିଷ୍ଠାର ସହ ପାଳିତ ହୋଇଛି। ଭଞ୍ଜନଗର ଜଳସଂପଦ ବିଭାଗ ସାଂସ୍କୃତିକ କର୍ମଚାରୀ ସଂଘ, ଭଞ୍ଜ ସାହିତ୍ୟ ପରିଷଦ, ବିଶ୍ୱ ଜନନୀ ଦୁର୍ଗାପୂଜା କମିଟି ଓ ଓଏଆରଟିସି ପକ୍ଷରୁ ଆୟୋଜିତ ପୂଜା ପେଣ୍ଡାଲରେ ଶୁକ୍ରବାର ଭୋରରୁ ସନ୍ଧିପୂଜା ସହ ଯୋଗିନୀ ପୂଜା, ବଳି ଭୋଗ, ୧୦୮ ଦୀପଦାନ, ୧୦୮ ପଦ୍ମଫୁଲ ଅର୍ପଣ କରାଯାଇଥିଲା। ପରେ ଅପରାହ୍ନରେ ଦେବୀଙ୍କ ମହା ନବମୀ ପୂଜା ଆୟୋଜିତ ହୋଇଯାଇଛି। ମହାନବମୀ ପୂଜାରେ ଦେବୀଙ୍କ ମହାସ୍ନାନ, ଦେବୀ ପୂଜା, ଚଣ୍ଡୀପାଠ, ସ୍ତୋତ୍ର ପାଠ, ହୋମାଦି ଯଜ୍ଞକାର୍ଯ୍ୟ ଆୟୋଜିତ ହୋଇଥିବାବେଳେ ଶନିବାର ଦଶହାରା ତିଥିରେ ଦଶହାରା ପୂଜା, ଘଟ ବିସର୍ଜନ, ଅପରାଜିତା ପୂଜା ଆଦି ବିଭିନ୍ନ ପୂଜା ପେଣ୍ଡାଲରେ ଆୟୋଜିତ ହେବା କାର୍ଯ୍ୟକ୍ରମ ରହିଛି। ଭଞ୍ଜନଗର ନିକଟସ୍ଥ କୁଲାଡ଼ ମାଆ ବ୍ୟାଘ୍ରଦେବୀଙ୍କ ପୀଠ, ଭଞ୍ଜନଗର ଠାକୁରାଣୀଙ୍କ ପୀଠ ସମେତ ବିଭିନ୍ନ ଶକ୍ତିପୀଠମାନଙ୍କରେ ମହାଷ୍ଟମୀ ଯୁକ୍ତ ନବମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସେହିପରି ୧୩ ତାରିଖ ଦେବୀଙ୍କ ବିଶ୍ରାମ ଦିବସ ହୋଇଥିବାବେଳେ ୧୪ ତାରିଖ ସଂଧ୍ୟାରେ ଦେବୀଙ୍କ ଭଷାଣୀ ଉତ୍ସବ ଆୟୋଜିତ ହେବ। ଏହା ପୂର୍ବରୁ ଦେବୀଙ୍କ ସାଟୋପ ଯାତ୍ରା, ଜଳ ଘଟ ଓ ପ୍ରତିମା ବିସର୍ଜନ କାର୍ଯ୍ୟସହ ଶାନ୍ତିବାରି ସିଞ୍ଚନ କାର୍ଯ୍ୟ ସଂପନ୍ନ କରାଯିବ। ଅପରପକ୍ଷରେ ମହାଷ୍ଟମୀ ତିଥିରୁ



ସ୍ଥାନୀୟ ଭଞ୍ଜ ସାହିତ୍ୟ ପରିଷଦ ପୂଜା କମିଟି ଓ ବିଡେକା ପକ୍ଷରୁ ପାର୍ବଣ ଉପଲକ୍ଷେ ଆୟୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତଜନଙ୍କ ମନହରଣ କରୁଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଚଳିତ ମାସ ୧୩ ତାରିଖ ଯାଏଁ ପ୍ରତିଦିନ ସଂଧ୍ୟାରେ ଆୟୋଜିତ ହେବବୋଲି ଆୟୋଜକଙ୍କ ସୁତ୍ରରୁ ସୂଚନା ମିଳିଛି। ମହାଷ୍ଟମୀ ତିଥିରେ ସ୍ଥାନୀୟ ଭଞ୍ଜ ସାହିତ୍ୟ ପୂଜା କମିଟି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହରର ଅନ୍ୟତମ ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ୟୁନିକ୍ ଡେନ୍ସ ଏକାଡେମୀ ପକ୍ଷରୁ ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଇଥିଲା। ଯାହାକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ଏସଡିପିଓ ସୁଜିତ୍ କୁମାର ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ନଗରପାଳ ଗୋପବନ୍ଧୁ ମହାପାତ୍ର ଏଥିରେ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିବାବେଳେ ୟୁନିକ୍ ଡେନ୍ସ ଏକାଡେମୀର ମୁଖ୍ୟ ଜୟକୃଷ୍ଣ ପଟ୍ଟନାୟକ ଓ କୋରିଓଗ୍ରାଫର ମାଷ୍ଟର ପିଣ୍ଟୁ ମଞ୍ଚରେ ଉପସ୍ଥିତ ରହିଥିଲେ। ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାଂସ୍କୃତିକ ସଂଧ୍ୟାକୁ ପୂଜା କମିଟି ଉପସଭାପତି ଲୋକନାଥ କର ସଂଯୋଜନା କରିଥିଲେ। ଏଥିରେ ଯାତ୍ରା କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ସଂପୂର୍ଣ୍ଣ ସହଯୋଗ କରିଥିଲେ। ଶୁକ୍ରବାର ସଂଧ୍ୟାରେ ସହରର ଅନ୍ୟତମ ଅଗ୍ରଣୀ ନୃତ୍ୟ ସଂଗୀତ ଅନୁଷ୍ଠନ ପ୍ରଜ୍ଞା ନୃତ୍ୟ ସଂଗୀତ ଅନୁଷ୍ଠାନ ପକ୍ଷରୁ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ସମସ୍ତ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ଏଠାରେ ପୂଜା କମିଟିର ଆଗ୍ରହ ଯୋଗୁଁ ମହା ସପ୍ତମୀ ତିଥିରୁ ପ୍ରତିଦିନ ଶହ ଶହ ଭକ୍ତ ଅନ୍ନପ୍ରସାଦ ସେବନ କରି ନିଜକୁ କୃତାର୍ଥ ମଣୁଥିବା ଦେଖିବାକୁ ମିଳିଛି।

# ରନ୍ନେଶ୍ୱରୀଙ୍କ ପୀଠରେ ନବରାତ୍ର ପୂଜା

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏକ ଗଡ଼ଜାତ ଅଞ୍ଚଳ ହୋଇଥିବା ବେଳେ ମା ରନ୍ନେଶ୍ୱରୀ ଅଧିଷ୍ଠାତ୍ରୀ ଦେବୀ। ଆବାହମାନ କାଳରୁ ହିନ୍ଦୋଳ ପୂଜା ପାଉଛନ୍ତି ହିନ୍ଦୋଳର ଅଧିଷ୍ଠାତ୍ରୀ ଦେବୀ ମା ରନ୍ନେଶ୍ୱରି। ମା'ଙ୍କର ଅପାର କୃପା ଲାଭ କରିବାକୁ ପ୍ରତ୍ୟେକ ଦିନ ଏଠାକୁ ବିଭିନ୍ନ ଅଞ୍ଚଳରୁ ଭକ୍ତମାନଙ୍କ ସୁଅ ଛୁଟେ। ଯଦି କୌଣସି ଭକ୍ତ ଶ୍ରଦ୍ଧାରେ ମା ରନ୍ନେଶ୍ୱରିଙ୍କୁ ସ୍ମରଣ କରେ ତେବେ ମା ରନ୍ନେଶ୍ୱରି ଓ.. କରନ୍ତି ବୋଲି ବିଶ୍ୱାସ କରାଯାଏ। ତେବେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ ରବିବାର ଠାରୁ ମା ରନ୍ନେଶ୍ୱରୀଙ୍କର ନବରାତ୍ର ପୂଜା ଅନୁଷ୍ଠିତ ହୋଇଯାଇଛି। ନଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ମା ରନ୍ନେଶ୍ୱରୀ ଅଲଗା ଅଲଗା ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଆଜି ନବମୀ ପୂଜା ହୋଇଥିବା ବେଳେ ଆସନ୍ତାକାଲି ଦଶମୀପୂଜା ଓ ପୂର୍ଣ୍ଣାହୂତି ଯଜ୍ଞ ଅନୁଷ୍ଠିତ ହେବବୋଲି ଅନୁଷ୍ଠାନ ପକ୍ଷରୁ ଜଣାପଡିଛି। ଏହି ନ ଦିନ ପର୍ଯ୍ୟନ୍ତ ଶହ ଶହ ଭକ୍ତମାନେ ମା ଙ୍କର ଦର୍ଶନ କରିବା ପାଇଁ ଏଠାକୁ ଆସନ୍ତି। ବିଭିନ୍ନ ପ୍ରକାରର ମାନସିକ ନେଇ ରାଜ୍ୟର ବିଭିନ୍ନ କୋଣରୁ ଶ୍ରଦ୍ଧାଳୁମାନେ ଏହି ପୀଠରେ ସମାଗମ ହେଉଥିବାର ଦେଖାଯାଏ। ନିଷ୍ଠାର ସହ ଏଠାକୁ ଆସୁଥିବା ଭକ୍ତ ମାନଙ୍କର ସମସ୍ତ ମାନସିକ ପୂରଣ ହୁଏ ବୋଲି ଦୃଢ଼ ବିଶ୍ୱାସ ରହିଛି। ତେବେ ମାନଙ୍କ ପୀଠକୁ ଥିବା ଏକମାତ୍ର ରାସ୍ତାଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ରାସ୍ତା ପାର୍ଶ୍ୱ ୩୦ଫୁଟରୁ ଉର୍ଦ୍ଧ ଖାଇ ବିପଦ ସୃଷ୍ଟି କରୁଛି ନା ଅଛି ବାରିକେଟ ବ୍ୟବସ୍ଥା ନା କୌଣସି ସୁବିଧା ଏବଂ ମନ୍ଦିର ଚତୁଃପାର୍ଶ୍ୱ ପ୍ରାଚେରୀ ନଥିବା ସହ ଭବ୍ୟ ମୁଖଶାଳା ନଥିବାରୁ ସୌନ୍ଦର୍ଯ୍ୟ ହାନୀ ହେଉଛି ଯାହା ଶ୍ରଦ୍ଧାଳୁଙ୍କ ମନରେ କଷ୍ଟ ହୁଏ। ହିନ୍ଦୋଳ ଏନ୍ଏସି ମଧରେ ଥିବା ଏହି ପ୍ରସିଦ୍ଧ ପୀଠ ଚତୁଃପାର୍ଶ୍ୱରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଥିବା ବେଳେ ରାସ୍ତାଘାଟ ଏବଂ ସୌନ୍ଦର୍ଯ୍ୟକରଣ ଉପରେ ଆଉ କିଛି ପ୍ରାଶାସନିକ ତତ୍ପରତା ଆବଶ୍ୟକ ବୋଲି ବୁଦ୍ଧିଜୀବି ମାନେ ମତପ୍ରକାଶ କରିଛନ୍ତି।

# ଶିଳ୍ପପତି ରତନ ଟାଟାଜୀଙ୍କୁ ଶ୍ରଦ୍ଧାଞ୍ଜଳି




ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଗାନ୍ଧୀ ଛକରେ ରୁବେନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭାରତର ମହାନ ଶିଳ୍ପପତି ଟାଟା କମ୍ପାନୀର ପୂର୍ବତନ ଚେୟେରମେନ ପଦ୍ମବିଭୂଷଣ ରତନ ଟାଟାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜଣାଇ କେଣ୍ଡେଲ ପ୍ରଜ୍ୱଳନ କରାଯାଇଥିଲା । କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ରତନ ଟାଟା ଶିଳ୍ପ ପ୍ରତିଷ୍ଠା କରି ଲକ୍ଷଲକ୍ଷ ଲୋକଙ୍କୁ ରୋଜଗାର ଦେବା ସହ ପରିବେଶ, ପ୍ରାକୃତିକ ବିପର୍ଯ୍ୟୟରେ ସହଯୋଗର ହାତ ବଢ଼ାଇ ଭାରତବାସୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ପାଇଛନ୍ତି। ସାମାଜିକ ଦାୟିତ୍ୱବୋଧ ପାଇଁ ତାଙ୍କର କାର୍ଯ୍ୟ ସର୍ବଦା ମନେ ରହିବା ସହ ଭାରତରତ୍ନ ସମ୍ମାନ ପାଇବାକୁ ଟାଟାଜୀ ଯୋଗ୍ୟ ବୋଲି ସାମାଜିକ କାର୍ଯ୍ୟକର୍ତ୍ତା ମାନେ ମତ ପ୍ରକାଶ କରିଥିଲେ । ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ମହାନସଙ୍ଘ ସଭାପତି ସୁଶାନ୍ତ ସାବତ, ଆମ୍ ଆଦ୍ମୀ ପାର୍ଟି ନେତା ଆଦିତ୍ୟ ରଥ, ସାଗର ପାଢୀ, ଲକ୍ଷଣ ରାଓ, କେ ପ୍ରମିତ ରଞ୍ଜନ ମହାପାତ୍ର,ଏନ ଶ୍ରୀକାନ୍ତ ଦୋରା,କେ. କ୍ରିଷ୍ଣା ରାଓ, କେ. ଜଗଦିଶ ରାଓ, ଅଜିତ ସ୍ୱାମୀ, ବାପି ପଣ୍ଡା, ତରୁଣ ରାଓ, ମହେଶ୍ୱର ବାଡ଼ତ୍ୟା ରବି, ରାଜା ପ୍ରମୁଖ ଟ୍ରଷ୍ଟର ସଦ୍ୟସ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଅଦ୍ୟାବଧି ହେଇନି କମିଟି : ଡିଏମ୍ଏଫ ଆଦାୟ ବଢୁଛି

ଗୋଡ଼ିବନ୍ଧ, (ସବ୍ୟୁ): ସାଂପ୍ରତିକ ପରିସ୍ଥିତିରେ ଶିଳ୍ପନଗରୀ ତାଳଚେରରେ ଖଣି ଖାଦାନ ବଢୁଛି । ସେହି ଅନୁପାତରେ ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି(ଡିଏମ୍ଏଫ)କୁ ଆସୁଥିବା ଅର୍ଥର ପରିମାଣ ବି ବଢ଼ିବାରେ ଲାଗିଛି । କିନ୍ତୁ ଏହାକୁ ଖର୍ଚ୍ଚ କରି ଜିଲ୍ଲାର ବିକାଶ କରିବାରେ ପ୍ରଶାସନ ତତ୍ପର ହେଉନି। ନୂଆ ସରକାର ଆସିବାପରେ ଅଦ୍ୟାବଧି ଜିଲ୍ଲା ଖଣିଜ ପାଣ୍ଠିର କମିଟି ହୋଇନାହିଁ ଯାହା ଫଳରେ ବୈଠକ ନହୋଇ ପାରି ପାଣ୍ଠିରୁ ଟଙ୍କାଟିଏ ଖର୍ଚ୍ଚ ହେଇ ପାରି ନାହିଁ। ଡିଏମ୍ଏଫ୍ ପାଣ୍ଠିକୁ ଆସୁଥିବା ସିଂହଭାଗ ଅର୍ଥ କୋଇଲା ଖଣିରୁ ଆସୁଚି। କୋଇଲା ଖଣି ପାଇଁ ୩୪୪୩ କୋଟି ଟଙ୍କା ମିଳିଥିଲା ବେଳେ ଅନ୍ୟ ସୂତ୍ରରୁ ସାଢ଼େ ୩ କୋଟି ଟଙ୍କା ଆସିଛି। ଡିଏମ୍ଏଫ୍ ପାଇଁ ଟଙ୍କା ଅନେକ ଜିଲ୍ଲାରୁ ଆସୁଛି ମାତ୍ର ଅନୁଗୁଳ ଜିଲ୍ଲାର ଅର୍ଥ ଆସିବାରେ ତୃତୀୟ ସ୍ଥାନରେ ରହିଛି । ୨୦୧୫-୧୬ ଆର୍ଥିକ ବର୍ଷରେ ଡିଏମ୍ଏଫ୍ ପାଣ୍ଠିକୁ ୧୦୮ କୋଟି ଟଙ୍କା ମିଳିଥିଲା ବେଳେ ୧୬-୧୭ ଆର୍ଥିକ ବର୍ଷରେ ୪୭୯ କୋଟି ଟଙ୍କା ମିଳିଥିଲା ୨୦୨୩-୨୪ ବର୍ଷରେ ୫୧୦ କୋଟି ଟଙ୍କାରେ ପହଞ୍ଚିଛି ବୋଲି ବିଭାଗୀୟ ସୁତ୍ରରୁ ଜଣାପଡିଛି। ଆର୍ଥିକ ବର୍ଷ ୨୨-୨୩ରେ ସର୍ବାଧିକ ୬୫୨ କୋଟି ଟଙ୍କା ମିଳିଥିଲା ଏମିତି ବର୍ଷକୁ ପ୍ରାୟ ୫ଶହ କୋଟି ଟଙ୍କା ଡିଏସ୍ଏଫ୍ ପାଣ୍ଠିକୁ ଆସୁଛି। ପ୍ରଭାବିତ ଅନୁଗୁଳ ଜିଲ୍ଲା ଏହି ଖଣିଜ ପାଣ୍ଠିର ବିନିଯୋଗ ପାଇଁ ବୈଠକ ବା କମିଟି ବାଧା ସୃଷ୍ଟି କରୁଛି। ନୂଆ ସରକାର ଘୋଷଣା ପରେ ଯେଉଁ କମିଟି ହେବାକଥା ତାହା ଅଦ୍ୟାବଧି ହୋଇପାରୁନି। ବର୍ଷକୁ ବର୍ଷ ପାଣ୍ଠି ଆସୁଛି ସତ୍ୟ ଏହାକୁ କେମିତି ଖର୍ଚ୍ଚ କରି ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ, ସେ ନେଇ ପ୍ରଶାସନ ବିଶେଷ ଆଗ୍ରହ ଦେଖାଉନି ଫଳରେ ଶହ ଶହ କୋଟି ଟଙ୍କା ପଡ଼ି ରହିଛି। ରାଜକୋଷ ଥାଇ ବିକାଶ ହେଇ ପାରୁ ନଥିବାରୁ ଖୁବଶୀଘ୍ର ଡିଏମ୍ଏଫ୍ ଫଣ୍ଡ କମିଟି ଗଠନ କରାଯାଉ ବୋଲି ଜନମତ ପ୍ରକାଶ ପାଉଛି ।

# କିଶୋରନଗର ଉଚ୍ଚ ବିଦ୍ୟାଳୟରେ ଗୋପବନ୍ଧୁ ଜୟନ୍ତୀ

ଠାକୁରଗଡ଼ ,(ସବ୍ୟୁ) :ଗୋପବନ୍ଧୁଙ୍କ ତ୍ୟାଗର ପଟ୍ଟାନ୍ତର ନାହିଁ । ତାଙ୍କ କାର୍ଯ୍ୟଧାରା ହିଁ ତାଙ୍କୁ ଉତ୍କଳମଣି ଭାବରେ ପରିଚିତ କରାଇ ପାରିଛି । ତାଙ୍କ ସାହିତ୍ୟରେ ମାନବବାଦ ପ୍ରତିଫଳିତ ହୋଇପାରିଛି ବୋଲି ବୁଧବାର ଦିନ କିଶୋରନଗର ହାଇସ୍କୁଲ ପରିସର ରେ ଅନୁଷ୍ଠିତ ଉତ୍କଳ ମଣୀ ଗୋପବନ୍ଧୁ ଦାସ ଙ୍କ ଜୟନ୍ତୀ ଅବସର ରେ ଯୋଗ ଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ଅଧକ୍ଷତାରେ ସମସ୍ତ ଶିକ୍ଷକ - ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ମାନେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି , ପ୍ରମୋଦିନୀ ପ୍ରଧାନ ଓ ପ୍ରସନ୍ନ ପ୍ରଧାନ ଗୋପବନ୍ଧୁଙ୍କ ତ୍ୟାଗମୟ ଜୀବନ ଓ ସଂଘର୍ଷର କଥା ମାଧ୍ୟମରେ ସେହି ପବିତ୍ର ଆତ୍ମାଙ୍କ ସ୍ମୃତିଚାରଣ କରିଥିଲେ । ବିଦ୍ୟାଳୟର କର୍ମଚାରୀ ସଂଗ୍ରାମ କାଶରୀ ନାୟକ ଓ ସତ୍ୟକାମ ପ୍ରଧାନ ଏଥିରେ ସହଯୋଗ କରିଥିଲେ । ସେହପରି ଜଏରାଟ ପରିସରରେ ଦିଗ ବଳୟ ସଂ । ସ୍ମୃତିକ ମଞ୍ଚ ପକ୍ଷରୁ ଉତ୍କଳ ମଣୀ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ମଞ୍ଚର ଅବାହାକ ଶିକ୍ଷକ ଚିତ୍ତରଞ୍ଜନ ମେଣ୍ଡୁଲି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ ମୁଖ୍ୟଅତିଥି ଭାବରେ ଶିକ୍ଷାବିତ ତୈଲକ୍ୟ ନାଥ ପ୍ରଧାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜଏରାଟ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ , ଶିକ୍ଷକ ବୀର କିଶୋର ବେହେରା , ତୀର୍ଥବାସୀ ଭୋଇ , ପବିତ୍ର ମୋହନ ପ୍ରଧାନ , ବିଶ୍ୱଜିତ ରଣା , ବୈଶାଳୀ ବେହେରା , ଅର୍ପିତା ସାହୁ ଯୋଗ ଦେଇ ଗୋପବନ୍ଧୁ ଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

# ଟ୍ରେନ ଲାଇନରୁ ଯୁବକଙ୍କ ଶବ ଉଦ୍ଧାର

ବଇଣ୍ଡା, (ସବ୍ୟୁ) ହଣ୍ଡପା ଥାନା ଅନ୍ତର୍ଗତ ଲୁହାମୁଣ୍ଡା ଟ୍ରେନ ଲାଇନରୁ ଏକ ଯୁବକ ସାନନ୍ଦ ବିଶ୍ୱାଳ (୨୫) ଙ୍କ ଶବ ଉଦ୍ଧାର ହୋଇଛି । ରେଲୱେ ପୁଲିସ ଶବ ଜବତ କରି ବ୍ୟବଛେଦ କରି ପରିବାରକୁ ହସ୍ତାନ୍ତର କରିଥିବା ରେଲୱେ ପୁଲିସ ସରୋଜ ଦିଗଲ ସୂଚନା ଦେଇଛନ୍ତି । ଘରୋଇ କଳିରୁ ଏହା ହୋଇଥାଏ ବୋଲି ଅନୁମାନ କରାଯାଉଛି । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛ ।

# ଭୁବନେଶ୍ୱରୀ କୋଇଲା ଖଣି ସାଇଲୋରେ ଆନ୍ଦୋଳନ : ୮୬ ଗିରଫ

ତାଳଚେର, (ସବ୍ୟୁ): ତାଳଚେର ଭୁବନେଶ୍ୱରୀ କୋଇଲା ଖଣି ସାଇଲୋରେ ଠିକା ନିଯୁକ୍ତି ଦାବିରେ ହେଂସମୂଳ ପଂଚାୟତର ଖଣିକ୍ଷତିଗ୍ରସ୍ତ ଶତାଧିକ ବେକାର ଯୁବକ ସୋମାବାର ଠାରୁ ସାଇଲୋ ନିକଟରେ ଆନ୍ଦୋଳନ କରିଆସୁଥିଲେ। ଘଟଣାରୁ ପ୍ରକାଶ, ଜମିବାଡ଼ି ହରାଇ ବେକାର ହୋଇ ବସି ରହିଥିବା ଯୁବକମାନେ ଭିନ୍ନ ଭିନ୍ନ ସମୟରେ କୋଇଲା ଖଣି କର୍ତ୍ତୁପକ୍ଷ, ପ୍ରଶାସନ ଓ ବିଭିନ୍ନ ଠିକା କମ୍ପାନୀକୁ ବାରମ୍ବାର ଠିକାନିଯୁକ୍ତି ପାଇଁ ଅବଗତ କରାଇ ଆସୁଥିଲେ ମଧ ଫଳ କିଛି ନମିଳିବାରୁ ବାଧହୋଇ ସେମାନେ ସାଇଲୋରେ ଠିକା ନିଯୁକ୍ତି ଦାବିକରି ଆନ୍ଦୋଳନ କରିବାରୁ ଗତକାଲି ବିଳମ୍ବିତ ରାତ୍ରୀରେ ତାଳଚେର ଥାନା ପକ୍ଷରୁ ଏଥିନେଇ ୮୬ଜଣଙ୍କୁ ଗିରଫ କରି ଆଣି ଥାନାରେ ଅଟକ ରଖିଛନ୍ତି ଓ ଏଥିନେଇ ଗ୍ରାମବାସୀଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଆଜି ବିଧାୟକ ଏଥିନେଇ ଦୁଃଖ ପ୍ରକାଶ କରିବା ସହ ଏହାର ତୀବ୍ର ନିନ୍ଦା କରିଛନ୍ତି ଓ ତୁରନ୍ତ ସରକାର ସେମାନଙ୍କୁ ନିଯୁକ୍ତି ଦେବା ପରିବର୍ତ୍ତେ ଗିରଫ କରିଥିବା ଏକ ଦୁଃଖ ଦାୟକ ଘଟଣା ବୋଲି ସେ ଏହା ପ୍ରକାଶ କରିଛନ୍ତି। ଖଣି କର୍ତ୍ତୁପକ୍ଷ ପୋଲିସ୍‌ରେ ଅଭିଯୋଗ କରିବାପରେ ଗତକାଲି ପୋଲିସ୍ ଘଟଣା ସ୍ଥଳରେ ପଂହଚି ସେମାନଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ନିଜ ଜିଦିରେ ଅଟଳ ରହିଥିଲେ। ଫଳରେ ସାଇଲୋ ଯୋଗେ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। କ୍ଷତିଗ୍ରସ୍ତ ପ୍ରଜା ପକ୍ଷରୁ ସେହି ସାଇଲୋରେ ମାତ୍ର ୪୦ଜଣଙ୍କୁ ନିଯୁକ୍ତି ପ୍ରଦାନ କରି ଏମସିଏଲ କର୍ତ୍ତୁପକ୍ଷ ବାହାର ଲୋକଙ୍କୁ ନିଯୁକ୍ତି ଦେଉଥିବାରୁ କ୍ଷତିଗ୍ରସ୍ତ ପ୍ରଜାମାନେ ଏହାକୁ ବିରୋଧ କରିବା ସହିତ ଜମିବାଡ଼ି ହରାଇ ସର୍ବସ୍ୱାନ୍ତ ହୋଇଥିବା ପ୍ରଜାଙ୍କୁ କାହିଁକି ଏଥିରୁ ବାଦ୍ ଦିଆଯାଉଛି ତାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଖବର ଲେଖାହେଲା ବେଳକୁ ବିଧାୟକ ଓ ସେମାନଙ୍କ ସମର୍ଥକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇଥିବା ବେଳେ ସେଠାରେ ପୋଲିସ୍ ଛାଉଣୀ ହୋଇଥିବା ବେଳେ ସେହିଭଳି ଥାନା ପରିସର ସମାନ ଅବସ୍ଥା ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ୮୬ଜଣ ଆନ୍ଦୋଳନକାରୀଙ୍କୁ ଥାନାରେ ଅଟକ ରଖିଥିଲେ ମଧ ସେମାନଙ୍କୁ କୋର୍ଟ ଚାଲାଣ କରିନଥିବା ଜଣାପଡ଼ିଛି।

# ଦୁଇ ମହିଳାଙ୍କୁ ହତ୍ୟା ଉଦ୍ୟମ

ଠାକୁରଗଡ଼ ,(ସବ୍ୟୁ) :ହଣ୍ଡପା ଥାନା କମରେଇ ଗ୍ରାମର ଅଞ୍ଜଳି ବେହେରାଙ୍କୁ ସେହି ଗ୍ରାମର ସାନନ୍ଦ ଜେନା ଏକ ଟାଙ୍ଗିଆ ରେ ଆକ୍ରମଣ ସହ ହତ୍ୟା ଉଦ୍ୟମ କରିଥିବା ଅଞ୍ଜଳି ଗୁରୁବାର ଦିନ ହଣ୍ଡପା ପୋଲିସରେ ଅଭିଯୋଗ କରିଛନ୍ତି । ଏ ନେଇ ତାଙ୍କ ଅଭିଯୋଗକୁ ଭିତିକରି ନମ୍ବର ୩୦୭/୨୪ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଅଞ୍ଜଳି ଘରେ ଥିବାବେଳେ କୌଣସି କାରଣ ନ ଥାଇ ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି । ସେହପରି ପାର୍ବତୀପୁର ଗ୍ରାମର ଦୁଖୀ ସାହୁଙ୍କୁ ସେହି ଗ୍ରାମର ନିଧି ନାୟକ , ସୁଦର୍ଶନ ନାୟକ ଗାଳି ଗୁଲଜ କରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଗୁରୁବାର ଦିନ ହଣ୍ଡପା ଥାନାରେ ଦୁଖୀ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ନମ୍ବର ୩୧୦/୨୪ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଦୁଖୀ ତାଙ୍କ ପଡୋଶୀ ଶରତ ନାୟକଙ୍କ ଘରେ ବସିଥିବା ବେଳେ ଉଭୟ ଆସି ତାଙ୍କୁ ଗାଳି ଗୁଲଜ କରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗପତ୍ରରେ ଉଲେଖ କରାଯାଇଛି ।

# ସରସ୍ୱତୀ ଶିଶୁ ମନ୍ଦିରରେ ସେବା ଦିବସ

ଆଠମଲ୍ଲିକ,(ସବ୍ୟୁ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଠମଲ୍ଲିକ ରେ ସେବା ଦିବସ ,ବିଜୟା ଦଶମୀ ଉତ୍ସବ ଓ ପୂର୍ବ ଛାତ୍ର ଏକତ୍ରୀ କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଭାଗ ସଂଘ ଚାଳକ ମାନନୀୟ ସୁଧୀର କୁମାର ମିଶ୍ର ଉତ୍ସବକୁ ଉଦଘାଟନ କରିଥିଲେ । ସଂଘର ବିଭାଗ ସେବା ପ୍ରମୁଖ ନାରାୟଣ ନାୟକ ,ବିଦ୍ୟାଳୟ ର ପରିଚାଳନା ସମିତି ର ସମସ୍ତ ସଦସ୍ୟ / ସଦସ୍ୟା ଓ ଆଠମଲ୍ଲିକ ଖଣ୍ଡର ସ୍ୱୟଂ ସେବକ ମାନେ ଯୋଗ ଦେଇଥିଲେ । ବିଦ୍ୟାଳୟର ଆଚାର୍ଯ୍ୟା ବବିତା ପାତ୍ର ଗୋପବନ୍ଧୁ ଙ୍କ ଜୀବନ ଆଦର୍ଶ ଓ ଦେଶ ପାଇଁ କରିଥିବା ସେବା ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ମଞ୍ଚାସିନ ଅତିଥି ଗଣଙ୍କ ପରିଚୟ ତଥା ସ୍ୱାଗତ ଜଣାଇଥିଲେ । ସେବା ପ୍ରମୁଖ ନାରାୟଣ ନାଏକ ପୂର୍ବ ଛାତ୍ର ଛାତ୍ରୀ ମାନଙ୍କୁ ନିଜର କର୍ତ୍ତବ୍ୟକୁ ସ୍ୱଚ୍ଛତା ସହ ଦେଶ ପାଇଁ ଆମର କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ । ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# ୩ ବାଇକ୍ ଜବତ : ୩ ଗିରଫ

ଠାକୁରଗଡ଼, (ସବ୍ୟୁ) : ଗୁରୁବାର ଦିନ ହଣ୍ଡପା ପୋଲିସ ନାକିଚି ଅଞ୍ଚଳ ରେ ଗାଡିମଟର ଯାଞ୍ଚ କରିଛି । ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ ଗୁଡିକ ଯାଞ୍ଚ କରାଯାଇଥିଲା । ଏହି ସମୟରେ ମଦ୍ୟପାନ କରି ବାଇକ ଚଲାଉଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଗାଁ ବଇଣ୍ଡା ଗ୍ରାମର ରଞ୍ଜନ ବାରିକ, ବଡ ଡଙ୍ଗିଆଣୀ ଗ୍ରାମର ନଗେନ ବେହେରା , ନାକିଚି ଅଞ୍ଚଳର ପ୍ରସାଦି ନାଗ । ସେମାନଙ୍କ ୩ ଟି ବାଇକକୁ ଜବତ କରାଯାଇଛି । ଏଥିସହ ସେମାନଙ୍କ ନାମରେ ୩ଟି ମାମଲା ରୁଜୁ କରାଯାଇଥିବା ହଣ୍ଡପା ଆଇଆଇସି ନମିତା ନାୟକ ସୂଚନା ଦେଇଛନ୍ତି ।

# ବଇଣ୍ଡା ଜନତା ମହାବିଦ୍ୟାଳୟରେ ରକ୍ତ ଦାନ ଶିବିର

ବଇଣ୍ଡା,(ସବ୍ୟୁ) :ବଇଣ୍ଡା ଜନତା ମହାବିଦ୍ୟାଳୟରେ ରକ୍ତଦାନ ଶିବିର ମଙ୍ଗଳବାର ବିଦ୍ୟାଳୟର ଅଧକ୍ଷ କାଳନ୍ଦୀ ଚରଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ସମୁଦାୟ ୫୨ଟି ୟୁନିଟ୍ ରକ୍ତ ନମୁନା ସ୍ୱେଚ୍ଛାସେବୀଙ୍କ ସଂଗ୍ରହ କରଯାଇଛି । ବଇଣ୍ଡା ବିକାଶ ପରିଷଦର ସମ୍ପାଦକ ଲକ୍ଷ୍ମୀଧର ବେହେରା ଓ କର୍ମକର୍ତ୍ତାମାନେ, ସମାଜସେବୀ ରଣଜି୍ କୁମାର ପଟ୍ଟନାୟକ, ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର, ନାଇସ ଶିକ୍ଷାନୁଷ୍ଠାନର ବୁବୁନ୍ ସାହୁ, ନିରଞ୍ଜନ ଦାସ ମହାବିଦ୍ୟାଳୟର ଛାତଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । ଅନଗୁଳରୁ ବ୍ଲଡ଼ କ୍ୟାମ୍ପ ଆସି ସହଯୋଗ କରିଥିଲେ ।

# ବିଭିନ୍ନ ସ୍ଥାନରେ ଦଶହରା ପୂଜା

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ବଇଣ୍ଡା , ବାମୁର , ଡେବେରାପାଲି , ସାନହୁଲା ଆଦି ସ୍ଥାନ ଗୁଡିକ ରେ ଗୁରୁବାର ଦିନ ଠାରୁ ଦଶହରା ପୂଜା ଆରମ୍ଭ ହୋଇଛି । ଷଷ୍ଠୀରେ ନିକଟସ୍ଥ ପୋଖରୀରୁ ପାଣି ଆଣିବା ପରେ ସପ୍ତମୀରେ ମା ଙ୍କ ପୂଜା ଆରମ୍ଭ ହୋଇଥିଲା । ରଙ୍ଗ ବେରଙ୍ଗ ଆଲୋକମାଳା ରେ ପୂଜା ମଣ୍ଡପ ପୁରା ଝଲସି ଉଠିଥିବା ବେଳେ ଚୁମ୍ବକୀୟ ଲାଇଟ ଯୋଗୁଁ ପୂଜା ମଣ୍ଡପ ବେଶ ଚଳଚଞ୍ଚଳ ହୋଇପଡିଛି । ଯଥା ରୀତନୀତି ନିୟମ ଅନୁସାରେ ପୂଜକ ପ୍ରକାଶ ଚନ୍ଦ୍ର ମିଶ୍ର ପୂଜା କରୁଥିବା ବେଳେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି । ପୂଜା କମିଟର ଶଙ୍କର ଦାସ , ରିତୁପୂର୍ଣ୍ଣ ତ୍ରିପାଠୀ , ଗିରିଶ ଚନ୍ଦ୍ର ବେହେରା , ରାଜା ପ୍ରଧାନ , ବିକାଶ ବେହେରା , ଅନ୍ତର୍ଯ୍ୟାମି ପାତ୍ର , ରାଜା ପ୍ରଧାନ , ସଂଜୀବ ପ୍ରଧାନ ପ୍ରମୁଖ ସହଯୋଗ କରୁଛନ୍ତି ।

# ମା' ପୁଅଙ୍କୁ ମାଡ଼ ମାରି ଟଙ୍କା ଲୁଟ ଅଭିଯୋଗ

ଠାକୁରଗଡ଼ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସୋମନାଥପୁର ଗ୍ରାମର ନଳିନୀ ପାତ୍ର ଓ ତାଙ୍କ ପୁଅ ଶ୍ରୀଧର ପାତ୍ର ଙ୍କୁ ତାଙ୍କ ବହୁ ଡେଜି ପାତ୍ର ଓ ସେମାନଙ୍କର ସମ୍ପର୍କୀୟ ରଘୁ ପାତ୍ର, ଧୀର ପାତ୍ର, ବୈଜୟନ୍ତି ପ୍ରଧାନ ମାଡ଼ ମାରିବା ସହ ନଳିନୀଙ୍କ ଠାରୁ ୫୦ ହଜାର ଟଙ୍କା ଲୁଟି ନେଇଥିବା ଗୁରୁବାର ଦିନ ଠାକୁରଗଡ଼ ଥାନାରେ ନଳିନୀ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୨୨୩/୨୪ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଜେ ନଳିନୀଙ୍କ ପୁଅ ଶ୍ରୀଧର କେଞ୍ଝୁଆନାଳୀ ଗ୍ରାମର ଡେଜି ପାତ୍ର ଙ୍କୁ ବିବାହ କରିଥିଲେ । ହେଲେ ଡେଜି କିଛି ଦିନ ହେବ ତାଙ୍କ ବାପା ଘର କେଞ୍ଝୁଆନାଳୀ ଗ୍ରାମକୁ ଯାଇଥିଲେ । ତାଙ୍କୁ ନଳିନୀ ଓ ଶ୍ରୀଧର ମିଶି ଡାକିବାକୁ ଯାଇଥିବା ବେଳେ କୌଣସି କାରଣରୁ ବଚସା ହୋଇ ଡେଜି ଓ ସେମାନ ଙ୍କର ସମ୍ପର୍କୀୟ ମାନେ ମିଶି ମା ,ପୁଅ ଙ୍କୁ ମାଡ଼ ମାରିବା ସହ ସେମାନେ ଧରିଥିବା ୫୦ ହାଜର ଟଙ୍କା ଛଡାଇ ନେଇ ଯାଇଥିଲେ । ଶ୍ରୀଧରଙ୍କର ୩ଟି ଦାନ୍ତ ଭାଙ୍ଗି ଯିବା ସହ ନଳିନୀ ଗୁରୁତର ଆହାତ ହେବା ପରେ ଠାକୁରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର ରେ ଚିକିତ୍ସା ହେବା ସହ ଥାନାରେ ଅଭିଯୋଗ କରିଛନ୍ତି ।

## ତାଳଚେରରେ ଦଶହରା ଏକ ନିଆରା ପରମ୍ପରା

# ଝଲସୁଛି କୋଇଲା ନଗରୀ ତାଳଚେର

ତାଳଚେର, (ସବ୍ୟୁ): ଆଶ୍ୱିନମାସ ଶୁକ୍ଳପକ୍ଷ ସପ୍ତମୀ ଠାରୁ ଦୁର୍ଗାପୂଜା ଆରମ୍ଭ ହୋଇଥାଏ। ଦେବୀ ତିନିଦିନ ପୂଜାପାଇବା ପରେ ଦଶମୀରେ ବିସର୍ଜନ ହୁଅନ୍ତି। ପର୍ବପର୍ବାଣୀ ସାମାଜିକ ଜୀବନକୁ ମଧୁମୟ ଓ ଆମୋଦିତ କରେ। ତେଣୁ ଧନୀଗରୀବ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଏହି ପର୍ବକୁ ଉଲ୍ଲାସର ସହିତ ପାଳନ କରିଥାନ୍ତି। ପ୍ରତ୍ୟେକ ପର୍ବପର୍ବାଣୀ ଭିତିଭୂମି ଉପରେ ପ୍ରତିଷ୍ଠିତ। ମୁସଲମାନଙ୍କ ମହରମ, ଖ୍ରୀଷ୍ଟିଆନଙ୍କ ବଡ଼ଦିନ ପରି ଦଶହରା ବା ଦୁର୍ଗାପୂଜା ହିନ୍ଦୁମାନଙ୍କର ଏକ ପ୍ରମୁଖ ପର୍ବ ଓ ଏହି ଉତ୍ସବ ବିଜୟା ଦଶମୀ ନାମରେ ଖ୍ୟାତ। ହିନ୍ଦୁମାନଙ୍କ ପର୍ବପର୍ବାଣୀ ପଛରେ କିଛି ନା କିଛି ପୌରାଣିକ ଆଖ୍ୟାନ ରହିଛି। ଯେତେ ବେଳେ ତ୍ରିଭୁବନରେ ଶକ୍ତିଶାଳୀ ମହିଷାସୁର ରାକ୍ଷସର ଅତ୍ୟାଚାରରେ ଅତିଷ୍ଠ ହୋଇ ଉଠିଥିଲା, ସେତେ ବେଳେ ମାଦୁର୍ଗାଙ୍କ ଆବିର୍ଭାବ ହୋଇଥିଲା ଏବଂ ସେ ମହିଷାସୁରର ବଦ୍ଧ କରିଥିଲେ। ତେଣୁ କେଉଁ ଆବାହମାନକାଳ ରାଜା ରାଜୁଡ଼ା ଅମଳରୁ ମାଦଶଭୂଜାଙ୍କ ଦଶହରା ତାଳଚେରରେ ଏକ ନିଆରା ପରମ୍ପରା ପୂର୍ବ ପୁରୁଷରୁ ଆଜି ପର୍ଯ୍ୟନ୍ତ ମାଙ୍କ ବିଜୟା ଦଶମୀ ମୃଣ୍ମୟୀ ଦେବୀ, ଗୃହଦେବୀ ଓ ସର୍ବତ୍ର ଦଶହରା ପୂଜା ଭାବେ ପାଳିତ ହୋଇ ଆସୁଛି। ତାଳଚେର ଦଶହରାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ହୋଇଥାଏ, ଏଥିରେ ପାଇକ ଆଖଡ଼ା ହେଉଛି ଅନ୍ୟତମ। ଦେଶ ସ୍ୱାଧୀନରେ ମଧ ପାଇକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତେଣୁ ପାଇଖ ଆଖଡ଼ାକୁ ଏକ ପରମ୍ପରା ଭାବେ ଦଶହରା ଅବସରରେ ପାଳନ କରାଯାଇଥାଏ। ଏଥିରେ ପାଇକ ମାନେ ନିଜର ବିଭିନ୍ନ କୌତୁକହଳ ଖେଳ ପ୍ରଦର୍ଶନ କରି ଲୋକଙ୍କ ମନକୁ ଜିଣି ନେଇଥାନ୍ତି। ଦଶହରାର କିଛି ଦିନ ପୂର୍ବରୁ ଶରଧାପୁର ଗ୍ରାମରୁ ମା କନକ ଦୁର୍ଗାଙ୍କୁ ତାଳଚେର ରାଜାଙ୍କ ଦ୍ୱାରା ଆମନ୍ତ୍ରଣ କରାଯାଇଥାଏ। ଏବଂ ବିଧିବିଧାନ ରୀତିନୀତି ଅନୁସାରେ ମା ଆଗମନ ହୋଇ ତାଳଚେର ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଜଗତରନାଥ ଜଗନ୍ନାଥ ମନ୍ଦିର ସମ୍ମୁଖ ରେ ମାଙ୍କ ବିଶ୍ରାମ ପାଇଁ ଏକ ପୀଠ କରାଯାଇଛି। ଏବଂ ମାଙ୍କ ଆଗମନକୁ ନେଇ ତାଳଚେର ରାଜପ୍ରସାଦକୁ ତୁରନ୍ତ ଖବର ଦିଆଯାଇଥାଏ ଓ ସେଠାରେ ବିଧି ମୂତାବକ ପୂଜା କରାଯାଇଥାଏ। ଦଶମୀ





ପରେ ରାଜା ଆସି ମାଙ୍କ ପୂଜାର୍ଚ୍ଚନା କରିବା ସହିତ ସହରରେ ବିଭିନ୍ନ ସାହି ଗୁଡ଼ିକରେ ମାଙ୍କ ନିମନ୍ତେ ଗୋବର ଲେପନକରି ବଡ଼ ଧୁମଧାମରେ ପୂଜା କରିଥାନ୍ତି। ରାଜପ୍ରସାଦ ଠାରୁ ପ୍ରାୟ ଦେଢ଼ କିମି ଦୂରତା ତାଳଚେର ଟାଉନ ମୋଚିସାହି ଠାରେ ମାକନକ ଦୁର୍ଗାଙ୍କ ଏକ ପୀଠ କରାଯାଇ ସେଠାରେ ପୂଜାର୍ଚ୍ଚନା କରାଯାଇଥାଏ। ଏହି ଦଶହରାରେ ଯେଉଁ ମାନସିକ ଧାରୀ ମାଙ୍କ ପାଇଁ ଉପବାସ ରଖି ନିଜର ମନସ୍କାମନା ପୂର୍ଣ୍ଣ ନିମନ୍ତେ ବିଭିନ୍ନ ମାନସିକ କରିବା ସହ ଭୋଗରାଗ, ନୈବେଦ୍ୟ, କଂଚାଅମୃତ, ଝାଞ୍ଜ, କିର୍ତନ, ମୃଦଙ୍ଗବାଦ୍ୟରେ ତାଳଚେର ସହର ଏକ ଆଧାତ୍ମିକ ପରିବେଶରେ ପରିଣତ ହୋଇଥାଏ ଓ ଭକ୍ତଙ୍କ ମନରେ ଏକ ଆନନ୍ଦ ଉଲ୍ଲାସ ଭରିଦେଇଥାଏ। ତେବେ ବର୍ଷକୁ ଥରେ ମାଙ୍କ ଆଗମନକୁ ନେଇ ଏହି ନିଆରା ପରମ୍ପରା ଆଜି ବି ତାଳଚେରରେ ପୂର୍ବପୁରୁଷରୁ ଚାଲିଆସୁଛି। ଦଶହରା ପୂଜା ଶେଷ ହେବାପରେ ମା ପୁଣି ତାଙ୍କ ନିଜସ୍ୱ ଶରଧାପୁର ଗ୍ରାମର ମନ୍ଦିରକୁ ପ୍ରତ୍ୟାବର୍ତନ କରିଥାନ୍ତି। ସେହିପରି କୋଇଲା ନଗରୀ ତାଳଚେର ଅଂଚଳରେ ଦେଉଳବେଢ଼ା, ଲିଙ୍ଗରାଜ, ଭୁବନେଶଶ୍ୱରୀ, ବଳରାମ, ଡ଼େରା, ଭରତପୁର, ନନ୍ଦିରା, ହିଙ୍ଗୁଳା, ଜଗନ୍ନାଥ, ଅନନ୍ତ, ସେଟ୍ରାଂଲ କଲୋନୀ ଇତ୍ୟାଦିରେ କୋଇଲା ଖଣି ପକ୍ଷରୁ ବଡ଼ ଧୁମଧାମରେ ଏହି ମାଙ୍କ ପୂଜା ତିନିଦିନ ବ୍ୟାପୀ ଲାଗି ରହିଥାଏ। ବଡ଼ବଡ଼ ତୋରଣ ସାଙ୍ଗକୁ ବିଭିନ୍ନ ରଙ୍ଗବେରଙ୍ଗୀ ଆଲୋକମାଳାରେ ଅଂଚଳ ଗୁଡ଼ିକ ଉତ୍ସବ ମୁଖରେ ହୋଇ ଉଠିଥାଏ। ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇ ମଦ୍ୟପୀ ଓ ଅସାମାଜିକ ଯୁବକ ପ୍ରତି କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ୍ ପକ୍ଷରୁ ଜଣାପଡ଼ିଛି। ପୂର୍ବପୁରୁଷ ଅମଳରୁ ଏସବୁ ରୀତିନୀତି ଓ ପରମ୍ପରା ଅନୁଯାୟୀ ଆଜି ପର୍ଯ୍ୟନ୍ତ ଚାଲି ଆସିଥିବାରୁ ତାଳଚେର ସହରରେ ଦଶହରା ଏକ ଐତିହାସିକ ଓ ନିଆରା ପରମ୍ପରା ସୃଷ୍ଟି କରିଥାଏ।

# ଇ-ଟେକର ୧୨ ଛାତ୍ରଛାତ୍ରୀ ମେଡିକାଲରେ ନାମ ଲେଖାଇଲେ




ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ସହରନିକଟସ୍ଥ ମଙ୍ଗଳପୁର ଠାରେ ଥିବା ଇଟେକ ଉଚ୍ଚ ମାଧମିକ ବିଦ୍ୟାଳୟର ୧୨ଜଣ ଛାତ୍ରଛାତ୍ରୀ ନିଟ ପରୀକ୍ଷାରେ ସଫଳତା ଅର୍ଜନ କରିବା ପରେ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇଥିବାର ଜଣାପଡିଛି। ସଫଳତାପାଇଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଅଧକ୍ଷ ଡ.ସୁରେଶ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଡିଏମଓ ଡା.ଦିଲ୍ଲିପ କୁମାର ବିଶ୍ୱାଳ,ନାସା ଗଳା ଓ କର୍ଣ୍ଣବିଭାଗର ଡା.ମୋନିକା ପଟ୍ଟନାୟକ, ଯୋଗଦେଇଥିବା ବେଳେ ଇଟେକରୁ ପ୍ରଥମ ଭାବରେ ମେଡିକାଲ ପାଠ ଶେଷ କରିଥିବାଛାତ୍ରୀ କଳ୍ପିତାବେହେରା ଅତିଥି ଭାବରେଯୋଗଦେଇଥିଲେ। ସିଡିଏମଓ ଛାତ୍ରଛାତ୍ରୀଙ୍କୁ ଦିଗ ଦର୍ଶନ ଦେବା ସହିତ ମାନବସେବାକୁ ମାଧବ ସେବା ଭାବରେ ଗ୍ରହଣ କରିବାକୁକହିଥିଲେ। ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କ ମଧରୁ ଅନିମେଶ ସି,ଅଭିଷେକ ପାଲ,ନୀଳମାଧମ ମିଶ୍ର,ଭାରତ ଗୌରବ ରାୟ,ସାରସ୍ୱତା ଶୁଭଲକ୍ଷ୍ମୀ ମିଶ୍ର,ଶୁଭଜିତ ସ୍ୱାଇଁ,ଦିବାଂସୁ ସାହୁ,ଅଶ୍ୱିନିକୁମାର ମିଶ୍ର,ଲିପସିତା ସାହୁ,ହିତେଶ ପରିଡା,ଶିବାନନ୍ଦ ବେହେରା,ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ବିଭିନ୍ନ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଛାତ୍ରଛାତ୍ରୀଙ୍କ ପିତାମାତା ଉପସ୍ଥିତ ରହିଥିବା ବେଳେ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଯବାନଙ୍କ ଶେଷକୃତ ସମ୍ପନ୍ନ



ବାସୁଦେବପୁର , (ସବ୍ୟୁ) : ବାସୁଦେବପୁର ବ୍ଲକର ପଦ୍ମପୁର ପଞ୍ଚାୟତର ସରତରପୁର ଗ୍ରାମର ବୀର ଜବାନ ବସନ୍ତ କୁମାର ଦଳେଇ ଏକ ହସପିଟାଲରେ ଚିକିତ୍ସାଧିନ ଥିବା ବେଳେ ମୃତ୍ୟୁବରଣ କରିଛନ୍ତି । ବସନ୍ତ କୁମାର ଦଳେଇ ବିଏସଏଫ ଯବାନ ଭାବେ କୋଲକାତାର କାର୍ଯ୍ୟରତ ଥିଲେ । ହଠାତ ତାଙ୍କର ଦେହ ଅସୁସ୍ଥ ହେବାରୁ ସରତରପୁର ଘରକୁ ଆସିଥିଲେ । ପରେ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିଲେ ଛ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ସହିଦ ବୀର ଯବାନଙ୍କ ମରଶରୀରକୁ ଏକ ଶୋଭାଯାତ୍ରାର ନେଇ ଜନ୍ମ ଭୂମି ସରତରପୁର ପହଞ୍ଚିବା ପରେ ରାଷ୍ଟ୍ରୟ ମର୍ଯ୍ୟାଦାର ସହିତ ବିଏସଏଫ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇ ଥିଲା । ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଓ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ପୁଅ ବୋହୂ ଓ ପରିବାର ଲୋକ ଉପସ୍ଥିତ ଥିଲେ । ଶୋକାକୁଳ ପରିବେଶରେ ସହୀଦ ବୀର ଯବାନଙ୍କୁ ମରଶରୀର ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇ ଥିଲା ।

# ଧାମନଗରରେ ଶାରଦୀୟ ଦୁର୍ଗାପୂଜା,୩୪ଟି ଦୁର୍ଗାମଣ୍ଡପ ଉତ୍ସବ ମୁଖର

ଧାମନଗର, (ସବ୍ୟୁ) : ଧାମନଗର ବ୍ଲକ ଓ ଏନଏସି ଅଂଚଳରେ ଶାରଦୀୟ ଦୁର୍ଗାପୂଜା ମହା ଆଡମ୍ବରରେ ପାଳନ କରାଯାଉଛି। ଧାମନଗର ଏନଏସି ଅନ୍ତର୍ଗତ ଶାମପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ମନ୍ତ୍ରବାସିନୀଙ୍କ ପୀଠରେ ନବଦିନ ବ୍ୟାପି ପୂଜାର୍ଚ୍ଚନା କରାଯାଉଥିବାବେଳେ ଶୁକ୍ରବାର ଦିନ ମା'ଙ୍କ ନବମୀ ବିହିତ ପୂଜା କରାଯାଇଛି। ସେହିପରି ଧାମନଗର ମେଡିକାଲ ବଜାର ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା କମିଟି ତରଫରୁ ମା'ଦୁର୍ଗାଙ୍କ ପୂଜା ଶୋଡଶୋପଚାରରେ କରାଯାଉଥିବାବେଳେ ଶୁକ୍ରବାର ଦିନ ପ୍ରାତଃ ସମୟରୁ ମା'ଙ୍କ ମହାଷ୍ଟମୀ ପୂଜା କରାଯାଇଥିଲା। ଶ୍ୟାମପୁର ଗ୍ରାମର ବହୁ ପୁରାତନ ଦୁର୍ଗା ମଣ୍ଡପରେ ମଧ୍ୟ ଅନୁରୂପ ପୂଜାର୍ଚ୍ଚନା କରାଯାଇଥିଲା। ଆକର୍ଷଣୀୟ ତୋରଣ ଓ ଆଲୋକସଜ୍ଜା ଭକ୍ତ ଓ ଜନସାଧାରଣଙ୍କୁ ବେସ ଆକୃଷ୍ଟ କରୁଥିବାବେଳେ ପାଗ ଅନୁକୂଳ ହେତୁ ପୂଜା ମଣ୍ଡପ ଗୁଡିକରେ ପ୍ରବଳ ଭିଡ ଅନୁଭୂତ ହେଉଛି। ଧାମନଗର ଏନଏସି ବ୍ୟତିତ ଧାମନଗର ବ୍ଲକର ବିଭିନ୍ନ ଅଂଚଳରେ ମା'ଦୁର୍ଗାଙ୍କ ପୂଜା ଉତ୍ସବ ଆଡମ୍ବରରେ ପାଳନ କରାଯାଉଛି। ଇଛଦା, କଲ୍ୟାଣୀ ନଗରୀ, ମାର୍କିଡିଆ, ବରହମପୁର, ଦୋବଲ, ଦେହୁଡିଆନନ୍ଦପୁର, କରଦା, ସୋହଡା, ଖଙ୍ଗରା, ଖରାଖାଇ, ରାମେଶ୍ୱରପୁର, ନଦୀଗାଁ, ପାୟାସାହି, ଓଲଟପୁର ଆଦି ୩୪ ଟି ସ୍ଥାନରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ଧାମନଗର ଏନଏସି ଅଂଚଳରେ ଦୁଇଟି ମଣ୍ଡପରେ ମା' ସିଂହବାହିନୀଙ୍କ ପୂଜା କରାଯାଉଥିବାବେଳେ ଧାମନଗର ଥାନାର ଗ୍ରାମାଂଚଳରେ ୧୫ଟି ସ୍ଥାନରେ ଏବଂ ଧୁଷୁରୀ ଥାନା ଅଂଚଳରେ ୧୭ଟି ସ୍ଥାନରେ ମା'ଦୁର୍ଗା ପୂଜା ପାଉଛନ୍ତି। ବିଭିନ୍ନ ପୂଜାମଣ୍ଡପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ଆୟୋଜନ କରାଯାଇଥିବାବେଳେ କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ଆସନ୍ତା ରବିବାର ଦିନ ବିଜୟା ଦଶମୀ ବା ଦଶହରା ପର୍ବ ପାଳନ କରାଯିବ। ଏହି ଅବସରରେ ମା'ମନ୍ତ୍ରବାସିନୀଙ୍କ ପୀଠରୁ ରବିବାର ଭୋର ସମୟରେ କାଳିସୀ ଶୋଭାଯାତ୍ରା ବାହାରି ଦିନ ପ୍ରାୟ ୧୧ଟା ସମୟରେ ଦକ୍ଷିଣବାଡ ବଳି ଗଡିଆ ଠାରେ ସମାପନ ହେବ। ଏହି ଐତିହାସିକ ଶୋଭାଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେବେ। ରବିବାର ଠାରୁ ମା'ଦେବୀ ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏସଡିପିଓ ତ୍ରିଲୋଚନ ସେଠୀଙ୍କ ତତ୍ତ୍ୱାବଧାରେ ୫ପ୍ଲାଟୁନ ପୋଲିସ ଫୋର୍ସ ଓ ରାପିଡ ଆକ୍ସନ ଫୋର୍ସ ମୁତୟନ କରାଯାଇଛି।

# ଉତ୍କଳମଣି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଗୋପବନ୍ଧୁଙ୍କ ୧୪୭ତମ ଜୟନ୍ତୀ ପାଳିତ

ଭଦ୍ରକ, (ସବ୍ୟୁ) : ସେବା ମାନବିକତାର ମୂଳ ମନ୍ତ୍ର। ସେବା, ସଂଗଠନ, ସାହିତ୍ୟ ଓ ସାମାଜିକତାକୁ ନିଜ ଜୀବନର ବ୍ରତ ବୋଲି ଭାବିନେଇ ନିର୍ଭୀକ ସତ୍ୟାନୁଶରଣ କରିପାରିଲେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତି ଶ୍ରେଷ୍ଠ ନିର୍ଦର୍ଶନ ହୋଇପାରିବ। ସେ ଯେଉଁଭଳିଭାବେ ନିଜ ଜୀବନକୁ ସମାଜ ପାଇଁ ଉତ୍ସର୍ଗୀକୃତ କରି ଉତ୍କଳ ପାଇଁ କାନ୍ଦୁଥିଲେ ସେହିଭଳି ଭାବେ ଆଜିର ଯୁବପିଢି ସମୟକୁ ଗୁରୁତ୍ୱ ଦେଇ ସେବାକୁ ପ୍ରାଧାନ୍ୟ ଦେବା ପୂର୍ବକ ନିଜ ପିତା-ମାତା, କୁଳଗୁରୁ ଓ କୁଳ ଦେବତାଙ୍କ ପ୍ରତ୍ୟକ୍ଷ ଆଶୀର୍ବାଦ ଲାଭ କରିପାରିଲେ, ସମାଜ ପ୍ରଗତି ପଥରେ ଗତି କରିପାରିବ ବୋଲି ତାଙ୍କର ୧୪୭ତମ ଜନ୍ମ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକର ଉତ୍କଳମଣି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସଭାପତି ଡ. ପ୍ରସନ୍ନ କୁମାର ରାୟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜିତ ଆଜିର ଏହି ଉତ୍ସବରେ ଜିଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ସମାଜସେବୀ ତଥା ସୁସଂଗଠିକା ଶ୍ରଦ୍ଧାଞ୍ଜଳି ରାୟ, ପଣ୍ଡିତ ବୈତ୍ୟାରି ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଜିର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରି ଗୋପବନ୍ଧୁ ଆମ ସମାଜ ପାଇଁ ଏକ ଆଦର୍ଶ ବୋଲି ବର୍ଣ୍ଣନା କରିଥିଲେ। ଏହି ସ୍ୱତନ୍ତ୍ର ସଭାରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ସେକ୍ ରିଆଜ ମହମ୍ମଦଙ୍କୁ ଉତ୍କଳମଣି ସମ୍ବାଦପତ୍ର ସଂପାଦନା ସମ୍ମାନ, ଡ. ଶଶଧର ଦାସ ଉତ୍କଳମଣି ପ୍ରବନ୍ଧ ସମ୍ମାନ, ପବିତ୍ର ପାଣିଗ୍ରାହୀ ଉତ୍କଳମଣି ଗଳ୍ପ ସମ୍ମାନ, ସରୋଜ ବଳ ଉତ୍କଳମଣି କବିତା ସମ୍ମାନ, ଆଡଭୋକେଟ୍ ପର୍ଶୁରାମ ଦ୍ୱିବେଦୀ ଉତ୍କଳମଣି ସେବା ସମ୍ମାନ, ବରିଷ୍ଠ ସାମ୍ବାଦିକ ପ୍ରତାପ ଦାସ ଉତ୍କଳମଣି ପତ୍ରକାର ସମ୍ମାନ, ସମାଜସେବୀ ନିର୍ମଳ କୁମାର ବେହୁରିଆ ଉତ୍କଳମଣି ପ୍ରକୃତି ମିତ୍ର ସମ୍ମାନ, କାର୍ତ୍ତିକ ଚନ୍ଦ୍ର ମଣ୍ଡଳ ଉତ୍କଳମଣି ପ୍ରଶାସକ ସମ୍ମାନ, ଡାକ୍ତର ବସନ୍ତ ସାହୁ ଉତ୍କଳମଣି ସେବାଧର୍ମ ସମ୍ମାନ, ଚରମ୍ପା ଆଇଟିଆଇ ଉତ୍କଳମଣି ବିଦ୍ୟାରତ୍ନ ସମ୍ମାନ, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ଗୋପବନ୍ଧୁ ପତ୍ରକାର ସମ୍ମାନ, ବାବାଜୀ ଶଙ୍କର ପାଢ଼ୀ ଗୋପବନ୍ଧୁ ପତ୍ରକାର ସମ୍ମାନ, ବୈଲୋଚନ ସାହୁ ଗୋପବନ୍ଧୁ ପତ୍ରକାର ସମ୍ମାନ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ଗୋପବନ୍ଧୁ ପତ୍ରକାର ସମ୍ମାନ, ସଂଜୀବ କୁମାର ନାୟକ ଉତ୍କଳମଣି ଯୁବପ୍ରତିଭା ସମ୍ମାନ, ଗୌରାଙ୍ଗ ଚନ୍ଦ୍ର ବାରିକ ଉତ୍କଳମଣି କଳାକାର ସମ୍ମାନ, ସେକ୍ ଏକ୍ରାମ ମହମ୍ମଦ ଉତ୍କଳମଣି ଚିତ୍ରଶିଳ୍ପୀ ସମ୍ମାନ, ପ୍ରତାପ କୁମାର ପାଢ଼ୀ ଉତ୍କଳମଣି ନଦୀସଂସ୍କାର ସମ୍ମାନ, ବୈକୁଣ୍ଠ ବିଶ୍ୱାଳ ଉତ୍କଳମଣି ପରିବେଶବିତ ସମ୍ମାନ, ଶରତ ଚନ୍ଦ୍ର ଜେନା ଉତ୍କଳମଣି ଶିକ୍ଷାବିତ୍ ସମ୍ମାନ ପ୍ରମୁଖ କୃତି ପ୍ରତିଭାଧରଙ୍କୁ ଉତ୍କଳମଣି ଫାଉଣ୍ଡେସନ ପକ୍ଷରୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭା ପ୍ରାରମ୍ଭରେ ବରିଷ୍ଠ ସାମ୍ବାଦିକ ତଥା ଟ୍ରଷ୍ଟର ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରମୋଦ ରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ନାଟ୍ୟଶ୍ରୀ ନିର୍ମଳ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମାଜସେବୀ ନିର୍ମଳ ବେହୁରିଆ ଗୋପବନ୍ଧୁଙ୍କ ଉପରେ ଏକ କବିତା ଆବୃତ୍ତି କରିଥିଲେ। ଆଜି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୭ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ସକାଳ ୭ ଘଟିକା ସମୟରେ ଭଦ୍ରକ ପୁରୁଣା କୋର୍ଟ ଓ ଡାହାଣୀଗଡିଆରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ବରିଷ୍ଠ ଅଧିବକ୍ତା ଦିବ୍ୟସିଂହ ନାୟକ, ସାମ୍ବାଦିକ ସୁକାନ୍ତ ମହାନ୍ତି, ରାଜେନ୍ଦ୍ର ଜେନା ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସମାଜ ପ୍ରଗତି, ସମାଜ ସଂସ୍କାର ଓ ଭାରତର ସ୍ୱାଧୀନତା ସଂଗ୍ରାମକୁ ଗୋପବନ୍ଧୁଙ୍କର ଅବଦାନ ସଂପର୍କରେ ଆଲୋଚନା କରାଯାଇଥିଲା। ଉତ୍କଳମଣି ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ଦିନ ଦରିଦ୍ରଙ୍କୁ ଫଳ ବଂଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍ଦାର, ଲାୟନ୍ସ କ୍ଲବ୍ ସଭାପତି ପଦ୍ମନ ରାୟ, ବୈଲୋଚନ ବେହୁରିଆ, ସୁଧାକର ରାଉତ, ସାମ୍ବାଦିକ ରସାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ସସ୍ମିତ ନାୟକ, ରାଜେଶ ବେହେରା, ସନାତନ ଦାସ, ଦିଲ୍ଲୀପ କୁମାର ସାହୁଙ୍କ ସମେତ ବହୁ କର୍ମକର୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ପ୍ରୟାସ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ୭୫ବର୍ଷର ନୀଳଗିରି କଚେରୀ ବଜାର ଦୁର୍ଗାପୂଜା



ନୀଳଗିରି,(ସବ୍ୟୁ): ବାଲେଶ୍ୱର ଜିଲ୍ଲାର ଗଡ଼ଜାତ ମାଟି ନୀଳଗିରି କଚେରୀ ବଜାର ଦୁର୍ଗାପୂଜା ବହୁପୁରାତନ ରାଜାରାଜୁଡ଼ା ଅମଳରୁ ମା ଦୁର୍ଗାଙ୍କର ପୂଜା କରାଯାଉଥିବାର ଶୁଣାଯାଏ ଜଙ୍ଗଲ ଘେରା ଆଦିବାସୀ ବହୁଳ ଅଞ୍ଚଳରେ ଦୁର୍ଗାପୂଜା ନିଆରା ଦେବୀପୀଠରେ ଗୁରୁବାର ଦିନ ଅଷ୍ଟମୀ ପୂଜା ପାଳନ କରାଯାଉଥିବା ବେଳେ ମଣ୍ଡପ ଗୁଡ଼ିକରେ ତାପରଦିନ ଅଷ୍ଟମୀ ପୂଜା କରାଯାଇଥାଏ । ନୀଳଗିରି କଚେରୀ ବଜାର ଦୁର୍ଗାପୂଜା କମିଟି ବହୁ ପୂରାତନ ଅନୁଷ୍ଠାନ ଭାବରେ ବାଲେଶ୍ୱର ଜିଲ୍ଲାରେ ସ୍ଥାନ ପାଇଛି । ସପ୍ତମୀ ଦିନ ଠାରୁ ମା ଦୁର୍ଗାଙ୍କୁ ରୀତିନୀତି ଅନୁସାରେ ପୂଜା କରାଯାଇଥାଏ । ପ୍ରଥମେ କିଛି ଦୋକାନୀ ଦୁର୍ଗାଙ୍କ ଫଟୋ ରଖି ପୂଜା ଆରମ୍ଭ କରିଥିଲେ । ସେମାନେ ଆଜି ନାହାଁନ୍ତି ସତ ହେଲେ ସେମାନଙ୍କ ପରମ୍ପରାକୁ ବଜାୟି ରଖିଛନ୍ତି ନୀଳଗିରିର ଉଦୀୟମାନ ଦୁର୍ଗାଭକ୍ତ ମନୋରଂଜନ ବିଶ୍ୱାଳ ଓରଫ ମନୁଭାଇ । ଆଜକୁ ୫୫ବର୍ଷ ଧରି ମନୋରଂଜନ ବିଶ୍ୱାଳ ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟମାନଙ୍କୁ ଏକତ୍ର କରି ମାଙ୍କର ପୂଜାକୁ ଚଳାଇ ଆସୁଛନ୍ତି । ଚଳିତବର୍ଷ ଜାକଜମକ ସହକାରେ ମାଙ୍କର ପୂଜା କରାଯାଉଥିବା ବେଳେ ପ୍ରତିବର୍ଷ ସପ୍ତମୀ ଠାରୁ ଦଶମୀ ପର୍ଯ୍ୟନ୍ତ ପାଖାପାଖି ୧ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥାଏ । ଚଳିତବର୍ଷ ମଧ୍ୟ ୪ଦିନଧରି ମାଙ୍କ ମଣ୍ଡପ ନିକଟରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି ।

# ମହାଷ୍ଟମୀରେ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼

ଭଦ୍ରକ, (ସବ୍ୟୁ) : ମହାଷ୍ଟମୀ ପାଇଁ ଭଦ୍ରକ ସହରର ସମସ୍ତ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ବାହ୍ନ ୬ ଟାରୁ ବିଭିନ୍ନ ପୂଜା ମଣ୍ଡପରେ ରୀତିନୀତି ଅନୁଯାୟୀ ଅଷ୍ଟମୀ ପୂଜା ଆରମ୍ଭ ହୋଇଥିବା ବେଳେ ଉପବାସ ରଖିଥିବା ଶ୍ରଦ୍ଧାଳୁ ମହିଳା ମାନେ ପରିବାର ର ଶୁଭ ମନାସି ମା ଙ୍କ ଠାରେ ଦୀପ ଜାଳିଛନ୍ତି। ସହରର ୨୩ ଟି ପୂଜା ମଣ୍ଡପରେ ମା ଦୁର୍ଗତିନାଶିନୀଙ୍କ ପୂଜା ଆରାଧନା ଆରମ୍ଭ ହୋଇଛି। କଚେରୀ ବଜାର ସ୍ଥିତ ବଙ୍କବାସୁଳି ମନ୍ଦିର ପୂଜା ମଣ୍ଡପ, ଗାନ୍ଧୀପଡ଼ିଆ, ବାଇପାସ, ପ୍ରାଚୀନଗର, ଜାନୁଗଞ୍ଜ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବଙ୍କବାସୁଳୀ ମନ୍ଦିରରେ ଚଳିତ ବର୍ଷ ୬୭ ବର୍ଷରେ ମା ଙ୍କ ପୂଜା ପହଞ୍ଚିଥିବା ବେଳେ ସଭାପତି ପ୍ରଦୀପ ଦାସ, ସମ୍ପାଦକ ବ୍ରଜକିଶୋର ଦାସ, ସହସମ୍ପାଦକ ବିକାଶ ରଞ୍ଜନ ଜତି, ମିଲନ ମହାନ୍ତି, କୋଷାଧ୍ୟକ୍ଷ ମିହିର ମହାନ୍ତି ପୂଜା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେହିପରି ଗାନ୍ଧୀପଡ଼ିଆରେ ଅନୁଷ୍ଠିତ ପୂଜା ୭୭ ବର୍ଷରେ ପହଞ୍ଚିଥିବା ବେଳେ କମିଟି ସଭାପତି ସୌମାଭ କୁମାର ଦେ, ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଗୁପ୍ତାଙ୍କ ତତ୍ତ୍ୱାବଧାନରେ ପୂଜା ଆୟୋଜନ ହୋଇଥିବା ବେଳେ ପ୍ରାଚୀନଗର ପୂଜା ମଣ୍ଡପରେ ସଭାପତି ଟିକିଲି ଲେଙ୍କା, ସମ୍ପାଦକ ମଣ୍ଟୁ ପରିଡାଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଛି। ସେହିପରି ଗବସାହି, ବାଙ୍କା ବଜାର, ଚନ୍ଦନବଜାର, ସଛିଆ, ପାଟଣା ସାହି, ଚରମ୍ପା ସ୍କୁଲ ରୋଡ଼, ଷ୍ଟେଶନ ରୋଡ଼, ତେଲି ମହଲା, ବିଶାଣିଖରିଦା ସମେତ ଗ୍ରାମାଞ୍ଚଳରେ ବିଭିନ୍ନ ମଣ୍ଡପରେ ମା ଙ୍କୁ ପୂଜା କରାଯାଉଛି ।

# ଆଖଣ୍ଡଳମଣି ମନ୍ଦିରର ବରିଷ୍ଠ ସେବାୟତଙ୍କ ପରଲୋକ

ଆରଡି, (ସବ୍ୟୁ) : ଆରଡିପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରର ବରିଷ୍ଠ ସେବାୟତ ଗୋପାଳକୃଷ୍ଣ ପାଢ଼ୀ(୬୮) ଦୀର୍ଘଦିନ ହେବ ଅସୁସ୍ଥା ଯୋଗୁ ଚିକିତ୍ସିତ ହେଉଥିଲେ। ଗତକାଲି ରାତିରେ ହୃଦଘାତରେ ପରଲୋକ ଘଟିଛି। ସ୍ୱର୍ଗତ ପାଢ଼ୀ ଦୀର୍ଘ ୪୫ବର୍ଷରୁ ଉର୍ଦ୍ଧ ହେବ ମଣିବାବାଙ୍କର ସେବାପୂଜା କରି ଆସିବା ସହିତ ଶିବବିବାହ,ଚନ୍ଦନଯାତ୍ରା,ଦୋଳପୂର୍ଣ୍ଣିମା ଆଦି ପର୍ବପର୍ବାଣୀରେ ନିଜକୁ ସାମିଲ କରି ସମସ୍ତ ସେବା କରିଥାନ୍ତି। ମୃତ୍ୟୁ ସମୟରେ ପୁତ୍ର ଦ୍ୱୟ କାଳନ୍ଦୀ ଓ କୁନନଙ୍କ ସହ ପରିବାରବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗତ ପାଢ଼ୀଙ୍କ ଖବର ନେଇ ଆରଡିପୀଠରେ ଶୋକର ଛାୟା ଖେଳିଯାଇଛି।

# ଟିଏସ୍ଏଫ୍ ସହଯୋଗିତାରେ ସୁବର୍ଣ୍ଣରେଖା ବନ୍ଦର ପକ୍ଷରୁ ସୌର ଶକ୍ତିଚାଳିତ ପାଣି ଟାଙ୍କି ସ୍ଥାପିତ

ବାଲେଶ୍ୱର,(ସବ୍ୟୁ) :ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରର ପରିପାଶର୍ବିକ ଅଞ୍ଚଳବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍ଏଫ୍) ପକ୍ଷରୁ ବାଲିଆପାଳ ବ୍ଲକର ଚଉମୁଖ ଗ୍ରାମରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା କଙ୍କଡ଼ାପାଳ ଗ୍ରାମର ୫ଟି ପୃଥକ ଅଞ୍ଚଳକୁ ୧୨,୦୦୦ ଲିଟର କ୍ଷମତା ସମ୍ପର୍ଣ୍ଣ ପାଣିଟାଙ୍କି ଏବଂ ୫ଟି ପାଇପଲାଇନ୍ ମାଧ୍ୟମରେ ଦୈନିକ ୮୦ଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଛି।ଓଡ଼ିଶାର ଉତ୍ତର ଉପକୂଳରେ ଅବସ୍ଥିତ ଏହି ଗ୍ରାମ ବାତ୍ୟା ଓ ଝଡ଼ ପ୍ରବଣ ଅଂଚଳ ହୋଇଥିବାରୁ ଏହାର ଭୂତଳ ଜଳ ନିୟମିତ ଭାବେ ପ୍ରଦୁଷିତ ଓ ଅପମିଶ୍ରିତ ହେଉଛି। ବିଶୁଦ୍ଧ ଜଳ ଉତ୍ସ ପାଇଁ ଅଂଚଳର ଲୋକମାନଙ୍କ ସଂଘର୍ଷ ସମ୍ପର୍କରେ ବର୍ଣ୍ଣନା କରି ଏହି ଗ୍ରାମର ସାବିତ୍ରୀ ଦେବୀ କହିଛନ୍ତି ଯେ, ଆମ ପାଇଁ ଭୂତଳ ଜଳ ହେଉଛି ଏକମାତ୍ର ପାନୀୟ ଜଳ ଉତ୍ସ ଏବଂ ୨୦୨୧ରେ ୟାସ ବାତ୍ୟା ପରେ ଭୂତକ ଜଳ ଅତ୍ୟଧିକ ପ୍ରଦୁଷିତ ହୋଇଯାଇଥିଲା। ସେବେଠାରୁ ଆମେ ବିଶୁଦ୍ଧ ପାନୀୟ ଜଳ ପାଇବାକୁ ସଂଘର୍ଷ କରୁଥିବା ବେଳେ ବହୁତ କମ ସମୟ ବିଶୁଦ୍ଧ ପାନୀୟ ଜଳ ମିଳୁଛି। ଟିଏସ୍ଏଫ୍ ପକ୍ଷରୁ ଗଭୀର ନଳକୂପ ଓ ନୂଆ ପାଣି ଟାଙ୍କି ସ୍ଥାପନ କରି ଆମ ପରିବାର ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଥିବାରୁ ଆମେ ବହୁତ ଖୁସି ବୋଲି ସେ କହିଛନ୍ତି ।ୟାସ ବାତ୍ୟାର ବିନାଶକାରୀ ପରିଣାମକୁ ସାମ୍ନା କରିଥିବା ଚଉମୁଖ ଗ୍ରାମ ସହିତ ଉତ୍ତର ଓଡ଼ିଶା ଉପକୂଳର ଅନ୍ୟ କିଛି ଅଂଚଳ ଦୀର୍ଘଦିନ ଧରି ପ୍ରଦୁଷିତ ଜଳ ସମସ୍ୟା ଭୋଗୁଛନ୍ତି।

# ଆଗରପଡ଼ାରେ ବ୍ୟାପିଲା ଡେଙ୍ଗୁ

ଆଗରପଡ଼ା, (ସବ୍ୟୁ) : ସ୍ଥାନୀୟ ବଡ଼ ମହଁଷଗୋଠ ପଂଚାୟତ କୁଆଁଶମଡ଼ିଆ ତଥା ଏହାର ଆଖପାଖ ଗ୍ରାମରେ ବହୁଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇପଡ଼ି ଚିକିସାଧୀନ ଅବସ୍ଥାରେ ଓ ଅନେକ ଆରୋଗ୍ୟ ହୋଇଥିବାର ଜଣାପଡ଼ିଛି। କ୍ରମଶଃ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପ୍ରତିଷେଧକ ବ୍ୟବସ୍ଥା କରାଯାଇପାରିନାହିଁ। ଯୁବନେତା ରଣଜିତ୍ ମହାନ୍ତି,ଦିପକ ମହାନ୍ତି,ଆଶୀଷ ମହାନ୍ତି ପ୍ରମୁଖଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଡେଣ୍ଟ ଡାକ୍ତର ମନୋଜ ପତିଙ୍କୁ ଏ ସଂପର୍କରେ ଅଭିଯୋଗ କରିବା ପରେ ସେ ମେଡିକାଲ ଟିମ୍ ସେଠାକୁ ପଠାଇବେ ବୋଲି ପ୍ରତିଶୃତି ଦେଇଛନ୍ତି। ସରପଂଚ ବିନୋଦିନୀ ମହାନ୍ତି,ବ୍ଲକ ବିଜେଡି ଯୁବସଭାପତି ସତ୍ୟ ସାଧନ ବେଜ,ଲୋକନାଥ ମହାନ୍ତି,ରମେଶ ମହାନ୍ତି, ସୁକାନ୍ତ ଦାସ,ସିନ୍ଧୁସୁତା ମହାନ୍ତି, ପ୍ରଫୁଲ୍ଲ ଭୂୟାଁ, ଲଳିତ ମୋହନ ମହାନ୍ତି, ଜାନକୀଲତା ମହାନ୍ତି, ବାଉଲା ନାଥ, ଶଙ୍କର୍ଷଣ ଦାସ,ଖଇରା ଦାସ, ଟିକିଲି ମହାନ୍ତି, ଦୟାନିଧି ଜେନା, ରୀନା ଜେନା, ପ୍ରଦୀପ ନାଇକ, ସୁଖ ନାଇକ, ଗୁଡୁ ନାଇକ, ସ୍ୱର୍ଣ୍ଣଲତା ଦାସ ପ୍ରମୁଖ ଆକ୍ରାନ୍ତ ହୋଇଥିବାର ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

# ଭଣ୍ଡାରିପୋଖରୀରେ ଶାରଦୀୟ ଦୁର୍ଗା ଉତ୍ସବ

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀର ବିଭିନ୍ନ ସ୍ଥାନରେ ଜଗଜ୍ଜନନୀ ମା'ଦୁର୍ଗାଙ୍କ ମହାଷ୍ଟମୀ ପୂଜା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଭଣ୍ଡାରିପୋଖରୀ ବଜାର ପୂଜା ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଛି। ଶିଳ୍ପୀ ଅଭିରାମଙ୍କ ଦ୍ୱାରା ନିର୍ମିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜକ ନାରାୟଣ ଚନ୍ଦ୍ର ମିଶ୍ର (ବାହୁଡାନା) ସାଥି ସୌରଭ ଦାଶଙ୍କ ଦ୍ୱାରା ବିଧିମତେ ପୂଜିତ ହେଉଛନ୍ତି। ସନ୍ତୋଷ କୁମାର ନାୟକ ଓ ପତ୍ନୀ ଝରଣାରାଣୀ କର୍ତ୍ତା ଓ କର୍ତ୍ତୀ ଦାଇତ୍ୱ ତୁଲାଇଛନ୍ତି। ପୂଜା କମିଟି ସଭାପତି ଗଙ୍ଗାଧର ପଣ୍ଡା, ସମ୍ପାଦକ ଶଶଧର ସାହୁ, ଶୁଭେନ୍ଦୁ ମିଶ୍ର, ଅଭୟ ସାହୁ, ଦିଲ୍ଲିପ ସାମଲ, ହର ପରିଡ଼ା, ମଇନ ସାହୁ, ଗୌରାଙ୍ଗ ନାୟକ ପ୍ରମୁଖ କର୍ମକର୍ତ୍ତା ପୂଜାକାର୍ଯ୍ୟ ତତ୍ତ୍ୱାବଧାନ କରୁଛନ୍ତି। ମଞ୍ଜୁରୀରୋଡ ବଜାର ଦୁର୍ଗାମଣ୍ଡପରେ ମା'ଦୁର୍ଗାଙ୍କ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମନୋଜ ସାହୁ ଓ ପତ୍ନୀ କୁସୁମଲତା କର୍ତ୍ତା ଓ କର୍ତ୍ତୀ ଦାଇତ୍ୱ ତୁଲାଇଛନ୍ତି। ପୂଜକ ସତ୍ୟବ୍ରତ ନନ୍ଦ ଓ ରଞ୍ଜନ ପତି ପ୍ରମୁଖ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ସେହିପରି ମଞ୍ଜୁରୀରୋଡ ବଜାର କମିଟି ପକ୍ଷରୁ ପୂଜା ଉତ୍ସବ ପରିଚାଳନା କରାଯାଉଛି। ଏହି ଉପଲକ୍ଷେ ମଞ୍ଜୁରୀରୋଡ ତାରେଣୀ ମନ୍ଦିରରେ ହୋମ ଯଜ୍ଞ ଆଦି ଅନୁଷ୍ଠିତ ହୋଇଛି। ପାଟୁଳି ପଞ୍ଚାୟତର ବିଭିନ୍ନ ସ୍ଥାନର ପୂଜାମଣ୍ଡପରେ।ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ଭଦ୍ରକ, (ସବ୍ୟୁ) : ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱମାନସିକ ସ୍ୱାସ୍ଥ୍ୟ ଦିବସ ଚରମ୍ପାସ୍ଥିତ ସି.ଆର୍.ଏସ୍.ଆର(ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର) ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ଶ୍ରୀମତୀ ନେହା ଅଗ୍ରୱାଲ, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଏହାକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦିବ୍ୟାଙ୍ଗ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ମାନସିକ ଅନଗ୍ରସରଙ୍କ ଥଇଥାନ ଲାଗି ଆଇନ୍‌ରେ ଥିବା ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା । ଦିବ୍ୟାଙ୍ଗ ପିଲାମାନେ ଅକ୍ଷମ ନୁହଁନ୍ତି । ସେମାନେ ସବୁ କ୍ଷେତ୍ରରେ ନିଜର ପାରଦର୍ଶତା ଦେଖାଇ ସକ୍ଷମ ହୋଇ ପାରିଛନ୍ତି । ଏହି କାର୍ଯ୍ୟକ୍ରମରେ ସି.ଆର୍.ଏସ୍.ଆର ମୁଖ୍ୟ ଡ଼. ଭଗବାନ ପରିଡ଼ା, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ନେହା ଅଗ୍ରୱାଲ, ଡ଼ି.ଏସ୍.ଏସ୍.ଓ. ଭଦ୍ରକ ପବିତ୍ର କୁମାର ଦାସ, ଦିବ୍ୟାଙ୍ଗ, ମାନସିକ ଅନଗ୍ରସରଙ୍କ ଥଇଥାନ ଲାଗି ଆଇନ୍‌ରେ ଥିବା ବ୍ୟବସ୍ଥା ସଂପର୍କରେ ମଧ୍ୟ ଆଲୋଚନା କରିଛନ୍ତି । ଏଥି ସହ ସରକାରଙ୍କ ବହୁବିଧ ଯୋଜନା ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।

# ବିଜେଡ଼ିର ସଭ୍ୟ ସଂଗ୍ରହ ଅଭିଯାନ ଶୁଭାରମ୍ଭ



ବାଲେଶ୍ୱର,(ସବ୍ୟୁ):ଉତ୍କଳମଣୀ ଗୋପବନ୍ଧୁଙ୍କ ପବିତ୍ର ଜୟନ୍ତୀ ଅବସରରେ ବିଜୁ ଜନତା ଦଳ(ବିଜେଡ଼ି)ପକ୍ଷରୁ ସଭ୍ୟସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ଶଙ୍ଖ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡ଼ି ସୁପ୍ରିମୋ ତଥା ବିଜେଡ଼ିର ରାଜ୍ୟସଭାପତି ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିବା ବେଳେ ବାଲେଶ୍ୱର ଜିଲ୍ଲାସ୍ତରରେ ସିଦ୍ଧି କଲ୍ୟାଣ ମଣ୍ଡପରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲା ବିଜେଡ଼ି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନମନ୍ତ୍ରୀ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଭୋଗରାଇ ବିଧାୟକ ଗୌତମ ଦାସ ସୋର ବିଧାୟକ ମାଧବ ଧଡ଼ା, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ପୂର୍ବତନ ଜିଲ୍ଲାପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ନିବେଦିତା ମହାନ୍ତି,ସାଂସଦ ପ୍ରାର୍ଥୀନୀ ଡକ୍ଟର ଲେଖାଶ୍ରୀ ସାମନ୍ତ ସିଂହାର, ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ରଂଜନ ବାଗ, ରାଜ୍ୟ ବିଜୁ ଯୁବଜନତା ଦଳ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲ୍ଲା ଯୁବ ସଭାପତି ତାପସ ପରିଡ଼ା, ଜିଲ୍ଲାମହିଳା ସଭାନେତ୍ରୀ ବିନ୍ଦୁବାଳା ନନ୍ଦୀ, ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠୀଙ୍କ ସମେତ ଜିଲ୍ଲାର ବହୁ ବିଜେଡ଼ି ଜିଲ୍ଲାପରିଷଦ ସଭ୍ୟ, ସରପଞ୍ଚ,ସମିତି ସଭ୍ୟ,କାଉନସିଲର, ଲୋକପ୍ରତିନିଧି ଏବଂ ଦଳର ବହୁ କର୍ମକର୍ତ୍ତା ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିବା ବେଳେ ଜିଲ୍ଲା ବିଜେଡ଼ି ସମ୍ପାଦକ ତଥା ପୂର୍ବତନ ଉପନଗରପାଳ ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ସଦର ନିର୍ବାଚନ ମଣ୍ଡଳୀରୁ ୧ହଜାରରୁ ଅଧିକ ନୂତନ ସଦସ୍ୟ ବିଜୁ ଜନତା ଦଳର ସଦସ୍ୟତା ଗ୍ରହଣ କରିଥିଲେ ।

# ଦିବ୍ୟାଙ୍ଗ କ୍ରିକେଟର୍ ସୋମନାଥଙ୍କୁ ଜିଲ୍ଲାପାଳଙ୍କ କିଟ୍ ପ୍ରଦାନ

ସୋର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ସୋରର ଦିବ୍ୟାଙ୍ଗ ଯୁବକ୍ରିକେଟର୍ ସୋମନାଥ ଦାସ ୪ର୍ଥ ଜାତୀୟ ଦିବ୍ୟାଙ୍ଗ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ଜିଲ୍ଲାର ଏକମାତ୍ର ଖେଳାଳି ଭାବେ ଓଡ଼ିଶା ଟିମ୍ ପାଇଁ ମନୋନୀତ ହେବାର ଗୌରବ ଅର୍ଜନ କରିଛନ୍ତି। ଆସନ୍ତା ୧୫ ତାରିଖଠାରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନ ଉଦୟପୁରରେ ହେବାକୁ ଥିବା ୪ର୍ଥ ନେସ୍‌ନାଲ ଫିଜିକାଲ ଡିଜାବଲଟି ଟି-୨୦ କ୍ରିକେଟ ଚମ୍ପିଆନସିପ୍ ଟୁର୍ଣ୍ଣାମେଣ୍ଟ ପାଇଁ ସୋମନାଥ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଫର୍ ଫିଜିକାଲ ଚ୍ୟାଲେଞ୍ଜ ଚେରିଟାବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ୧୬ ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଥିବା ବେଳେ ଜିଲାର ଏକାମାତ୍ର ଖେଳାଳି ଭାବେ ଏହି ଟିମ୍‌ରେ ସ୍ଥାନ ପାଇଛନ୍ତି। ଏହି ଉପଲକ୍ଷେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଯୁବଦିବ୍ୟାଙ୍ଗ ଖେଳାଳି ସୋମନାଥଙ୍କୁ ଉତ୍ସାହିତ କରିବା ପାଇଁ ସମ୍ବର୍ଦ୍ଧିତ କରିବା ସହିତ କ୍ରିକେଟ୍ କିଟ୍ ପ୍ରଦାନ କରି ତାଙ୍କର ସଫଳତା କାମନା କରିଥିଲେ। ଏହି ଅବସରରେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ସୋର ପୌରାଞ୍ଚଳ କୋଦଣ୍ଡପୁର ଗ୍ରାମର ବ୍ରହ୍ମାନନ୍ଦ ଦାସଙ୍କ ପୁତ୍ର ସୋମନାଥ ଜନ୍ମରୁ ଦିବ୍ୟାଙ୍ଗ ହୋଇଥିଲେ ବି ପିଲାଟିବେଳୁ କ୍ରିକେଟ୍ ପ୍ରତି ପ୍ରବଳ ଆକର୍ଷଣ ରହିଥିଲା। ଏଥିପାଇଁ ସେ ପାଠପଢ଼ା ସହିତ ଅନ୍ୟପିଲାମାନଙ୍କ ସହ ମିଶି କ୍ରିକେଟ୍ ଖେଳିବା ଆରମ୍ଭ କରିଥିଲେ। ଏହାଦେଖି ପରିବାର ଲୋକେ ତାଙ୍କୁ ସୋର କ୍ରିକେଟ ଏକାଡ଼େମୀର ସୁମନ ଓଝାଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ପାଇଁ ଛାଡ଼ିଥିଲେ। କିଛିଦିନ ତଳେ ଓଡ଼ିଶା ଟିମ୍ ତରଫରୁ ଭୁବନେଶ୍ୱରର ପାରାମାଉଣ୍ଟ ଫିଲ୍ଡରେ ହୋଇଥିବା ମନୋନୟନ ଖେଳରେ ନିର୍ବାଚିତ ହୋଇ ଗତ ମାର୍ଚ୍ଚମାସରେ ରାଞ୍ଚି ଇଷ୍ଟଜୋନ୍ ଖେଳିବାକୁ ଯାଇ ସେଠାରେ ଜାତୀୟ ଖେଳରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ସୋମନାଥଙ୍କର ଏହି ସଫଳତା ପାଇଁ ସୋରର କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିବା ବେଳେ ଜାତୀୟ ଖେଳରେ ତାଙ୍କର ସଫଳତା କାମନା କରିଛନ୍ତି।

# ଢେଙ୍କିକୋଟରେ ଦୁର୍ଗାପୂଜା

ଢେଙ୍କିକୋଟ, (ସବ୍ୟୁ) : ଖେଙ୍କିକୋଟ ମାର୍କେଟ ସଂଲଗ୍ନ ଟିକିରା ଠାରେ ଶ୍ରୀ ଦୁର୍ଗା ପୁଜା କମିଟି ଓ ଦେବୀ ମଣ୍ଡପ ଠାରେ ଦୁର୍ଗାପୂଜା ଧୁମଧାମରେ ପାଳନ କରାଯାଉଛି । ଆଜି ଷଷ୍ଠୀ ପୂଜା ଅବସରରେ ଶ୍ରଧାଳୁ ମାତୃପ୍ରେମୀ ମାନେ ମା କୁଂ ପୁଜାଚର୍ନା କରିଥିଲେ । ସୁ ଉଚ ତୋରଣ,ରଂଗିନ ଆଲୋକ ସଜ୍ଜା ସହିତ ମା କଂ ମୃମୟୀ ମୁର୍ତ୍ତି ମାତୃପ୍ରେମୀମାନଙ୍କୁ ଭକ୍ତିର ମୁର୍ଚ୍ଛନାରେ ବାନ୍ଧି ରଖିଥିଲା । ମନ୍ତ୍ରପାଠ ସହିତ ହରିବୋଲ ହୁଳହୁଳି କରତାଳି ଘଣ୍ଟ ଘଣ୍ଟା ଧ୍ୱନିରେ ମାତୃପୀଠ ଭକ୍ତିମୟ,ଭାବମୟ, ଆନନ୍ଦମୟ, କୋଳାହଳମୟ ହୋଇଉଠିଥିଲା । ସନ୍ଧ୍ୟାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରସାଦସେବନ କାର୍ଯ୍ୟକ୍ରମ ଯୋଗୁଁ ଭକ୍ତମାନେ ପୁଜାମଣ୍ଡପ ନିକଟରେ ଭିଡ ଜମାଉଛନ୍ତି । ଶାନ୍ତି ଶୃଂଖଳା ଉପରେ ଉଭୟ ପୁଜା କମିଟି ତରଫରୁ ବ୍ୟବସ୍ଥା କରାଯାଇଛି । ମା'ଙ୍କ ପୂଜା ଯୋଗୁଁ କେଂକୋଟ ମାର୍କେଟ ଅଧିକ ଚଳଚଞ୍ଚଳ,ସକ୍ରିୟ ହୋଇଉଠିଛି । ଶ୍ରୀ ଦୁର୍ଗା ପୁଜା କମିଟି ର ସର୍ବଶ୍ରୀ ସନ୍ତୋଷ କୁମାର ଶତପଥୀ, ଅମରେଶ୍ୱ ପଟ୍ଟନାୟକ,ଅମର ସିଂ, ଅଜୟ କୁମାର୍ ସାହୁ,ପଂକଜ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି । ସେହିପରି ଦେବୀମଣ୍ଡପ ରେ ସର୍ବଶ୍ରୀ ଉତ୍ତମ କୁମାର ନାଏକ, ଲଲାଟେନ୍ଦୁ ସଝହୁ, ଗତିକୃଷ୍ଣ ଦଳେଇ, ନାରୟଣ ବେହେରା, ଶତ୍ରୁଘ୍ନ ସଝହୁ, ଚିତରଞ୍ଜନ ସଝହୁ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି ।

# ଇଞ୍ଜୋଳ ବିକାଶ ମଞ୍ଚ ପକ୍ଷରୁ ବନାନୀ ବନ୍ଧୁ କାର୍ଯ୍ୟକ୍ରମ



କେନ୍ଦୁଝର, (ସ୍ୱପ୍ର) : ଇଞ୍ଜୋଳ ବିକାଶ ମଞ୍ଚ ପକ୍ଷରୁ ସପ୍ତମ ବାର୍ଷିକ ଉତ୍ସବ ବନାନୀବନ୍ଧୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ଅନ୍ତର୍ଯ୍ୟାମୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଞ୍ଜୋଳ ସରପଞ୍ଚ ସସ୍ମିତା ମହାପାତ୍ର, ପ୍ରକୃତି ବନ୍ଧୁ ପ୍ରାପକ ଆଦର୍ଶ ଶିକ୍ଷକ ନିରଞ୍ଜନ ସାହୁ, ଶ୍ରୀକାନ୍ତ ପଟ୍ଟନାୟକ,ବିଷ୍ଣୁ ପ୍ରସାଦ ସାହୁ ,ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ପଣ୍ଡା , ମୁରଲୀଧର ବେହେରା, ବୃନ୍ଦାବନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଦୁଇଟି ସଂପାନରେ ଅବକ୍ଷୟମୁଖୀ ଓଡ଼ିଆ ସଂସ୍କୃତି ଜଳବାୟୁ ପରିବର୍ତ୍ତନର ଆହ୍ୱାନ ଓ ସମାଧାନ ସମ୍ପର୍କରେ ନିଜ ନିଜର ଅଭିବ୍ୟକ୍ତି ରଖିଥିଲେ । ଏହି ଅବସରରେ ମୃତ୍ତିକା ,ବୃକ୍ଷ, ଗୋ-ପୂଜନ ସହ ଗୀତା ଓ ଗୋ-ମହାତ୍ମ୍ୟ ଆବୃତ୍ତି ସହ ସଂସ୍କୃତି ଓ ପ୍ରକୃତି ସମ୍ପର୍କିତ ଶପଥପାଠ ଓ ଦସ୍ତଖତ ଅଭିଯାନର ଶୁଭାରମ୍ଭ ହୋଇଥିଲା । ନିମନ୍ତ୍ରିତ କବି ମିନତୀ ନାୟକ, ହେମନ୍ତ କୁମାର ନାୟକ, ଅଭୟ କୁମାର ସାମଲ,ବନମାଳୀ ଜେନା ପ୍ରମୁଖ,ପରିବେଶ ସମ୍ପର୍କିତ କବିତା, ଗଳ୍ପ ପାଠ କରିଥିଲେଛ ଏବଂ ପିଲାମାନଙ୍କୁ ନେଇ ପରିବେଶ ଉପଯୋଗୀ ବିଭିନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ବିତର୍କ, ପ୍ରବନ୍ଧ, ସାଧାରଣଜ୍ଞାନ ଆଦି ଆୟୋଜିତ ହୋଇଥିଲା । ଏଥିରେ ବିଚାରକ ଭାବେ ଶ୍ରୀକାନ୍ତ ପଣ୍ଡା ,ନାରାୟଣ ଚନ୍ଦ୍ର ଲେଙ୍କା ,ନାରାୟଣ ସାହୁ, ରଞ୍ଜନ କୁମାର ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ । ଉପସ୍ଥିତ ଅତିଥିମାନଙ୍କୁ ନିଆରା ଢଙ୍ଗରେ ତାଳ ଗଛର ସୁରକ୍ଷା ଓ ସଂରକ୍ଷଣ ସହ ଆମ ଜୀବନ ଜୀବିକାକୁ କିଭଳି ପ୍ରୋତ୍ସାହିତ କରୁଛି ଏଥି ନିମନ୍ତେ ତାଳପତ୍ର ବିଞ୍ଚଣା ପ୍ରଦାନ କରାଯାଇଥିଲା । ଆଦ୍ୟାଶା ପଣ୍ଡା ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ସମସ୍ତେ ମାଟିମନସ୍କ ହେବା ପାଇଁ ଗ୍ରାମ୍ୟ ପରିବେଶ ସମ୍ପର୍କିତ ଏକ ସଂଗୀତ ଆସର ମଧ୍ୟ ହୋଇଥିଲା । ସୁସ୍ଥ ,ସବୁଜ ଓ ସଂସ୍କୃତି ସମ୍ପର୍ଣ୍ଣ ସମାଜ ଗଠନ ନିମନ୍ତେ ସମସ୍ତଙ୍କୁ ତାଳ ଆସନରେ ଶାଳପତ୍ରରେ ପାରମ୍ପରିକ ଓଡିଆ ଭୋଜନ ପରିବେଷଣ କରାଯାଇ ନବେ ଦଶକର ଓଡିଆ ସଂସ୍କୃତିକୁ ସମସ୍ତେ ମନେ ପକାଇଥିଲେ । ଉକ୍ତ କାର୍ଯ୍ୟକ୍ରମଟି ଆଭାସୀ ମାଧ୍ୟମରେ ପ୍ରସାରିତ ହୋଇଥିଲା। ଏହାର ପରିଚାଳନା ଦାୟିତ୍ୱରେ ଥିଲେ ବିଜୟ କୁମାର ସାହୁ ,ଏଥିରେ ଶତାଧିକ ପ୍ରକୃତି ଓ ସଂସ୍କୃତି ଓ ଭାଷା ସାହିତ୍ୟ ପ୍ରେମୀ , ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଡି ହୋଇଥିଲେ । ଚନ୍ଦନ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉମାକାନ୍ତ ପଣ୍ଡା ସଂଯୋଜନା କରିଥିଲେ ଛ ଏହି ଅବସରରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବା ସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇ ମାନବ ଶୃଙ୍ଖଳ କରାଯାଇଥିଲା । ପରେପରେ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଧରି ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ସବୁଜ ଗ୍ରାମ ପରିକ୍ରମା ଅନୁଷ୍ଠିତ ହୋଇଥିଲା । ବିଶ୍ୱ ବିଜୟ ସୁଆର,ରାଜେଶ ରାଉତ, ଦେବଦର୍ଶୀ ପଣ୍ଡା, ଜ୍ୟୋର୍ତିମୟ ପଣ୍ଡା,ବିଶ୍ୱଜିତ ରାଉତ, ଯୁବରାଜ ନାୟକ, ଇନ୍ଦ୍ରମଣୀ ଜେନା , ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଚମ୍ପାଝର ଆଶ୍ରମ ବିଦ୍ୟାଳୟକୁ ପ୍ରକୃତି ମିତ୍ର ସମ୍ମାନ



ଠାକୁରମୁଣ୍ଡା,(ସବ୍ୟୁ) : ୭୦ ତମ ବନ୍ୟ ପ୍ରାଣୀ ସପ୍ତାହ ପାଳନ ଅବସରରେ ଜଙ୍ଗଲ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଠାକୁରମୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଚମ୍ପାଝର ଆଶ୍ରମ ବିଦ୍ୟାଳୟକୁ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନୀତ କରାଯାଇଛି। ଗତ ମଙ୍ଗଳବାର ଦିନ ବନ୍ୟ ପ୍ରାଣୀ ସପ୍ତାହ ପାଳନର ଉଦଯାପନ ଦିବସରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ବନଖଣ୍ଡ କାର୍ଯ୍ୟାଳୟର ସଂକଳ୍ପ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟକୁ ମାନପତ୍ର ଏବଂ ୨୦୦୦୦ଟଙ୍କା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିମିଳିପାଳ ଅଭୟାରଣ୍ୟର ନିର୍ଦ୍ଦେଶକ, ସହନିର୍ଦ୍ଦେଶକ, ବାରିପଦା ଓ କରଞ୍ଜିଆ ବନଖଣ୍ଡ ଅଧିକାରୀ , ବାରିପଦା ବିଧାୟକ ଶ୍ରୀଯୁକ୍ତ ପ୍ରକାଶ ସୋରେନ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଅତିଥି ଭାବରେ ଉପସ୍ଥିତ ଥିଲେଛ ବିଦ୍ୟାଳୟର ଏହି ସଫଳତା ପାଇଁ ବିଦୟାଳୟର ପ୍ରଧାନ ଶିକ୍ଷକ ସର୍ବିକ୍ କୁମାର ପଣ୍ଡା ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ କିଶୋର କୁମାର ପାଣିଗ୍ରାହୀ , ଚମ୍ପାଝର ବନପାଳ, ବିଦ୍ୟାଳୟରସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ,ଛାତ୍ରଛାତ୍ରୀ, କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସଦସ୍ୟ ସଦସ୍ୟା ଏବଂ ଅଞ୍ଚଳ ବାସିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତିଛବିଦ୍ୟାଳୟର ଏହି ସଫଳତା ପାଇଁ ଅଞ୍ଚଳରେ ଖୁସିର ଲହରୀ ଖେଳିଯିବା ସହ ଅଞ୍ଚଳବାସୀ ଏବଂ ବିଭାଗୀୟ ଅଧିକାରୀ ମାନେ ପ୍ରଧାନ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

(ଶ୍ରୀମଦ୍ଭଗବଦ୍ ଗୀତା ୧୦/୧୮)
-ବିଭୂତିଯୋଗଃ-
( ଅର୍ଜ୍ଜୁନ ଉବାଚ )
ବିସ୍ତରେଣାତ୍ମନୋ ଯୋଗଂ ବିଭୂତିଂ ଚ ଜନାର୍ଦ୍ଦନ ।
ଭୂୟଂ କଥୟ ତୃପ୍ତିର୍ହି ଶୃଣ୍ୱତୋ ନାସ୍ତି ମେ ମୃତମ୍ ।।୧୮।।
(ଚିତ୍ତବୃତ୍ତି ବହିର୍ମୁଖ ହେଲେ ମଧ୍ୟ ତୁମର ବିଭୂତି ଭେଦଦ୍ୱାରା ସେହି ଚିତ୍ତରେ ତୁମର ଚିନ୍ତା ଯେପରି ହୋଇପାରେ, ସେହିପରି)- ହେ ଜନାର୍ଦ୍ଦନ !ତୁମର ( ସର୍ବଜ୍ଞତ୍ୱ ଓ ସର୍ବଶକ୍ତିମତ୍ତ୍ୱାଦିରୂପ) ଯୋଗୈଶ୍ୱର୍ଯ୍ୟ ଓ ବିଭୂତି ବିସ୍ତୃତ ଭାବରେ ମୋତେ କହ, କାରଣ ତୁମର ଅମୃତମୟ ବଚନ ଶୁଣି ମୋର ତୃପ୍ତି ହେଉ ନାହିଁ ।।୧୮।।

# ବନ୍ଧୁ ଦେଶ

ସମ୍ପାଦକୀୟ

ଆମର କେତେକ ପଡୋଶୀ ଦେଶ ଆମଠାରୁ ଦୂରେଇବାରେ ଲାଗିଛନ୍ତି । ଏହି ସମୟରେ, ଆମ 'ପଡୋଶୀ ନୀତି' କେତେଦୂର ସଫଳ ହେଇଛି ବା ବିଫଳ ହେଇଛି ତାହା ବିତର୍କର ବିଷୟ ଏବଂ ବର୍ତ୍ତମାନ ସମୟରେ ଏହା ଅଲୋଚନା ସାପେକ୍ଷ । ତେବେ ଏହି ଭଲ ବା ଖରାପ କେବଳ ଆମର ପଡୋଶୀ ନୀତି ଉପରେ ନିର୍ଭର କରେନାହିଁ ବରଂ ପଡୋଶୀ ଦେଶର ଅର୍ଥନୀତି, ସମାଜକ ସ୍ଥିତି ଏବଂ ଭୌଗଳିକ ଅବସ୍ଥିତି ଉପରେ ଅନେକଟା ନିର୍ଭର କରିଥାଏ । କେବଳ ଚୀନ ଓ ପାକିସ୍ତାନକୁ ଛାଡିଦେଲେ, ବର୍ଷ ବର୍ଷ ଧରି ପଡ଼ୋଶୀ ଦେଶଗୁଡିକ ସହ ଆମର ଭଲ ସମ୍ପର୍କ ରହିଛି । ସୀମାକୁ ନେଇ ପାକିସ୍ତାନ ଏବଂ ଚୀନ୍ ସହିତ ଆମର ସମ୍ପର୍କ ବିବାଦରେ ରହିଛି । ଦକ୍ଷିଣ ଏସିଆର ଅନ୍ୟ ଦେଶମାନଙ୍କ ସହିତ, ଭାରତ ଆବଶ୍ୟକ ସମୟରେ ସହାୟତା ଏବଂ ସାହାଯ୍ୟ ଯୋଗାଇ ଦେଇ ନିଜର ସମ୍ପର୍କକୁ ମଜଭୁତ କରିବାକୁ ଚାହିଁଛି । ୨୦୦୮ରେ ଗ୍ରହଣ କରାଯାଇଥିବା ଭାରତର 'ପଡ଼ୋଶୀ ପ୍ରଥମ' ନୀତି ଏହାର ପଡୋଶୀ ଦେଶ ସହ ଭଲ ସମ୍ପର୍କ ରଖିବାକୁ ସବୁବେଳେ ପ୍ରୟାସ କରିଆସିଛି । ଚଳିତ ବର୍ଷ ଶପଥ ଗ୍ରହଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ପଡୋଶୀ ଦେଶର ନେତାମାନଙ୍କୁ ଆମନ୍ତ୍ରଣ କରିଥିଲେ ... ପ୍ରତ୍ୟେକଙ୍କୁ ପୃଥକ ଭାବରେ ଭେଟିଥିଲେ । ତେବେ ଏବେ ପ୍ରଶ୍ନ ଉଠିଛି, ଆମେ କେତେ ସଫଳ ହେଇଛେ ବା ବିଫଳ ହେଇଛେ । ଭାରତ ଏକ ସକ୍ରିୟ ବିକାଶ ସହଭାଗୀ ହୋଇ ପଡ଼ୋଶୀମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ଏବଂ ପାରସ୍ପରିକ ଲାଭଦାୟକ ସମ୍ପର୍କ ବିକାଶ କରିବାକୁ ଚାହୁଁଥିଲା । ପଡୋଶୀ ଦେଶଗୁଡିକରେ ଅନୁଦାନ ଓ ଋଣ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପରେ ନିଜକୁ ସାମିଲ କରି, ଭାରତ ଏହାର ମନୋଭାବକୁ ସ୍ପଷ୍ଟ କରିଥିଲା ଯେ' ଏହା ନିଃସ୍ୱାର୍ଥ ଭାବରେ ପଡୋଶୀ ଦେଶଗୁଡିକର ବିକାଶ ଚାହୁଁଛି । କିନ୍ତୁ ଦୁଃଖର ବିଷୟ, କ୍ରମେ ଆମର କେତେକ ପଡୋଶୀ ଚୀନ ଦ୍ୱାରା କବଳିତ ହେବାରେ ଲାଗିଛନ୍ତି ଏବଂ ଭାରତ ଠାରୁ ଦୂରେଇବାରେ ଲାଗିଛନ୍ତି । ନିଜ ଦେଶର ଜନତାଙ୍କ ସମ୍ମୁଖରେ ଭାରତର ଭାବମୂର୍ତ୍ତିକୁ ଖରାପ କରିବା ପାଇଁ ଚେଷ୍ଟା କରିଚାଲିଛନ୍ତି । ଭାରତର ସମସ୍ତ ପଡ଼ୋଶୀ ଚୀନ୍‌ର BRI (ବେଲ୍ଟ ରୋଡ୍ ଇନିସିଏଟିଭ୍) ର ଅଂଶ ହୋଇଥିବାରୁ ସେମାନେ ଚୀନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ପାକିସ୍ତାନ ପରି ଦେଶ ଭାରତରେ ବିଚ୍ଛିନ୍ନତାବାଦୀ କାର୍ଯ୍ୟକ୍ରମ କରିବାରେ ଲାଗି ପଡିଛନ୍ତି, କିନ୍ତୁ ଏହା ଏବେ ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି । ମାଳଦ୍ୱୀପ ଏବଂ ଶ୍ରୀଲଙ୍କାର ହାମବନ୍ତୋଟା ବନ୍ଦରରେ ଚାଇନାର ଗୁପ୍ତଚର ଜାହାଜକୁ ସ୍ୱାଗତ କରାଯାଇଥିବାରୁ ଏହା ଭାରତ ପାଇଁ ଗୋଟିଏ ବଡ ଝଟ୍‌କା ବୋଲି କୁହାଯାଇପାରେ । ଭାରତର ପଡ଼ୋଶୀ ରାଜନୈତିକ ନେତାମାନେ ନିର୍ବାଚନ ଜିତିବା ପାଇଁ ଭାରତ ବିରୋଧୀ କାର୍ଡ ଖେଳୁଛନ୍ତି, ଯାହାଦ୍ୱାରା ଜନମତ ପ୍ରଭାବିତ ହେଉଛି । ମାଳଦ୍ୱୀପରେ ମହମ୍ମଦ ମୁଇଜ୍ଜୁ 'ଇଣ୍ଡିଆ ଆଉଟ୍' ଅଭିଯାନ ଦ୍ୱାରା କ୍ଷମତାକୁ ଆସିଥିଲେ । ନେପାଳରେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ କେ.ପି ଶର୍ମା ଓଲି ଜନସାଧାରଣଙ୍କ ସମର୍ଥନ ପାଇବା ପାଇଁ ଭାରତ ସହ ଆଞ୍ଚଳିକ ବିବାଦ କଥା କହୁଛନ୍ତି । ବାଂଲାଦେଶରେ ଶେଖ ହସିନା ସରକାରଙ୍କ ବହିଷ୍କାର ଏବଂ ନୂଆଦିଲ୍ଲୀରେ ତାଙ୍କର ବର୍ତ୍ତମାନର ରାଜନୈତିକ ଆଶ୍ରୟ ନେଇ ବାଂଲାଦେଶରେ ଭାରତ ବିରୋଧୀ ଭାବନା ବୃଦ୍ଧି ପାଉଛି । ମିଆଁମାରରେ ନିଆଁ ଜଳୁଛି, ଯାହା ଭାରତର ଉତ୍ତର ପୂର୍ବରେ ସମସ୍ୟା ସୃଷ୍ଟି କରୁଛି । ଚାଇନା ସମର୍ଥକ ନେତାଙ୍କ ତାଲିକାରେ ଆଉ ଜଣେ ପଡୋଶୀ ନେତା ଯୋଗଦେଇଛନ୍ତି । ସେ ହେଉଛନ୍ତି ବାମପନ୍ଥୀ ରାଜନେତା ଅନୁରା କୁମାରା ଡିସାନାୟାକେ, ଯେ କି ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବରେ ନିର୍ବାଚିତ ହେଇଛନ୍ତି । ନଭେମ୍ବରରେ ସଂସଦ ନିର୍ବାଚନ ପରେ ସ୍ପଷ୍ଟ ହେବ ସରକାରଙ୍କ ଆଭିମୁଖ୍ୟ କି ପ୍ରକାର ରୂପ ନେବ । ଭାରତ, ସର୍ବଦା କହିଥାଏ ଯେ' ଏହା ଲୋକଙ୍କ ପସନ୍ଦକୁ ସମ୍ମାନ କରେ ଏବଂ ଯିଏ କ୍ଷମତାରେ ଅଛି ବା ଆସେ, ଭାରତ ସେହି ସରକାରଙ୍କ ସହ ଯୋଡି ହେବାକୁ ପସନ୍ଦ କରେ । କିନ୍ତୁ ଚୀନର ପ୍ରଭାବକୁ କାଉଣ୍ଟର କରିବା ଭାରତ ପାଇଁ ସହଜ ହେଉନାହିଁ । ଯଦିଓ ଦେଶଗୁଡିକ ଚୀନ ସମର୍ଥନରେ ଅଛନ୍ତି, କିନ୍ତୁ ଭାରତର ସହଯୋଗକୁ ସିଧାସଳଖ 'ନା' କରିପାରୁନାହାନ୍ତି । କାରଣ ହେଉଛି, ଭାରତ ସହ ଦୀର୍ଘ ଦିନର ସାମାଜିକ, ସାଂସ୍କୃତିକ, ବ୍ୟବସାୟିକ ସହଭାଗିତା । ଭାରତ ସହ ବାଣିଜ୍ୟ ବିନା ନେପାଳ ବଞ୍ଚିପାରିବ ନାହିଁ । ତେଣୁ କାଠମାଣ୍ଡୁକୁ ନୂଆଦିଲ୍ଲୀ ସହ ଘନିଷ୍ଠ ସମ୍ପର୍କ ବଜାୟ ରଖିବାକୁ ପଡିବ ଏବଂ ନେପାଳର ସମସ୍ତ ପ୍ରଧାନମନ୍ତ୍ରୀ ଜାଣିଛନ୍ତି ଯେ ସେମାନଙ୍କ ଭବିଷ୍ୟତ ପାଇଁ ଭାରତର ଆର୍ଥିକ ସହାୟତା ଏବଂ ବିକାଶମୂଳକ ପ୍ରକଳ୍ପ ଜରୁରୀ ଅଟେ । ତେଣୁ ଆଞ୍ଚଳିକ ବିବାଦ କଥା କହି ଦୁଇ ଦେଶର ଜନତାଙ୍କ ମଧ୍ୟରେ ବିଭାଜନ କରିବାରେ ସେମାନେ କଦାପି ସଫଳ ହେଇପାରିବେ ନାହିଁ । ସେହିପରି ମାଳଦ୍ୱୀପରେ ମଧ୍ୟ ଭାରତ ବିରୋଧରେ ପ୍ରଚାର ପ୍ରସାର କରି ମାଳଦ୍ୱୀପ ସରକାର ଅସୁବିଧାରେ ଅଛି ଏବଂ ମୁଇଜ୍ଜୁଙ୍କ ଭାରତ ପରିଦର୍ଶନ ଏହା ସ୍ପଷ୍ଟ କରୁଛି । ସମ୍ପ୍ରତି ଭାରତ ସେମାନଙ୍କ ଅନୁରୋଧ କ୍ରମେ ମାଳଦ୍ୱୀପର ୫୦ ମିଲିୟନ ଆମେରିକୀୟ ଡଲାରର ଟ୍ରେଜେରୀ ବିଲକୁ ସବସ୍କ୍ରାଇବ କରିଛି । ମାଳଦ୍ୱୀପର ପର୍ଯ୍ୟଟନ ମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ଏହା ଦୁଇ ଦେଶ ମଧ୍ୟରେ, ଗଭୀର ବନ୍ଧନକୁ ମଜବୁତ କରୁଛି ଏବଂ ଆର୍ଥିକ ସ୍ଥିରତା ଓ ଅଭିବୃଦ୍ଧି ଦିଗରେ ଆମର ପଥକୁ ମଜବୁତ କରୁଛି । ଶ୍ରୀଲଙ୍କା ଆର୍ଥିକ ସଙ୍କଟର ଶୀର୍ଷରେ ଥିବାବେଳେ, ଭାରତ ୩.୫ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ସହାୟତା ଦେଇ ଦେଶକୁ ବଞ୍ଚେଇ ଦେଇଥିଲା । ଚଳିତ ବର୍ଷ ଜୁନ୍‌ରେ କଲମ୍ବୋରେ ଅଲ-ଇଣ୍ଡିଆ ଭାଗୀଦାରୀ ବୈଠକକୁ ସମ୍ବୋଧିତ କରି ତତ୍କାଳୀନ ରାଷ୍ଟ୍ରପତି ୱିକ୍ରେମେସିଂହେ କହିଥିଲେ ଯେ ବର୍ତ୍ତମାନ ଦୁଇ କଷ୍ଟଦାୟକ ବର୍ଷ ବିଗତ ହେଇଛି , ମୁଁ ସ୍ୱୀକାର କରିବା ଉଚିତ ହେବ ଯେ ଏହା ସମ୍ଭବ ହେଲା କାରଣ ଭାରତ ଆମକୁ ୩.୫ ବିଲିୟନ ଆମେରିକୀୟ ଡଲାରର ଋଣ ଦେଇଛି ।' ବାଂଲାଦେଶକୁ ଭାରତ କ୍ରମାଗତ ଭାବରେ ସମର୍ଥନ ଦେଇଆସିଛି । ଭାରତ ନିକଟ ଅତୀତରେ କେତେକ ବିକାଶମୂଳକ ପ୍ରକଳ୍ପରେ ୪.୫ ବିଲିୟନ ଆମେରିକୀୟ ଡଲାର ବିନିଯୋଗ କରିଛି ଏବଂ ଦେଶକୁ ଅନୁଦାନ ମଧ୍ୟ ପ୍ରଦାନ କରିଛି । ତେବେ ବର୍ତ୍ତମାନ ଦେଶର ନେତୃତ୍ୱ, ଲୋକଙ୍କ ମଧ୍ୟରେ ଭାରତ ବିରୋଧୀ ଭାବନା ସୃଷ୍ଟି କରିବାରେ ଲାଗିଛନ୍ତି । ତେବେ ବର୍ତ୍ତମାନର ନେତୃତ୍ୱ ପାଖରେ ଭାରତର ବିକଳ୍ପ ନାହିଁ, ବାଧ୍ୟ ହେଇ ବାଂଲାଦେଶ ଭାରତ ପକ୍ଷକୁ ଫେରିବ ଏବଂ ଜନମତକୁ ବିଭ୍ରାନ୍ତ କରିବାରେ ବିଫଳ ହେବ । କାରଣ ଦୁଇ ଦେଶର ଜନତାଙ୍କ ମଧ୍ୟରେ ଥିବା ସାମାଜିକ ଓ ସାଂସ୍କୃତିକ ବନ୍ଧନ । BRIରେ ଯୋଗ ଦେଇଥିବା ଅନ୍ୟ ସମସ୍ତ ଦେଶ ଚୀନ୍ ପାଖରେ ଯଥେଷ୍ଟ ଋଣୀ ଏବଂ କ୍ରମେ ଚୀନ ଏହାର ପ୍ରଭାବ ବିସ୍ତାର କରିଚାଲିଛି । ଏହା ବିରୋଧରେ ଭାରତ ସ୍ୱତନ୍ତ୍ର ରଣନୀତି ଆପଣେଇବା ଦରକାର । ଅନ୍ୟ ଦେଶରେ ବିଭିନ୍ନ ପ୍ରକଳ୍ପରେ ପୁଞ୍ଜି ନିବେଶ କରିବା ବାହାନାରେ, ଚୀନ ସେସବୁ ଦେଶଗୁଡିକର ଋଣ ଭାର ବଢ଼ାଇ ଚାଲିଛି । ଏବେ ନ ହେଲେ ମଧ୍ୟ, ସମ୍ପୃକ୍ତ ଦେଶଗୁଡିକ ଅନୁଭବ କରିବେ, ଚୀନ ଓ ଭାରତର ମାନସିକତାରେ ପ୍ରଭେଦ କଣ । କିନ୍ତୁ ଏଥିନେଇ ଭାରତ ଏହାର ରଣନୀତିକୁ ଶାଣିତ କରିବାକୁ ପଡିବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଶକ୍ତି ରୂପେଣ ସଂସ୍ଥିତା

ଡକ୍ଟର ମନୋରଞ୍ଜନ ବିଷୋୟୀ



*'ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ, ନମୋ ନମୋଃ ।'*

ସମସ୍ତ ଜାଗତିକ ସତ୍ତାର ମୂଳାଧାର ଶକ୍ତି । 'ଶକ୍ତି' ଶକ୍ତି ଅର୍ଥାତ୍ 'ଶକ୍' ଧାତୁରେ 'କ୍ତିନ୍' ପ୍ରତ୍ୟୟ ଯୋଗେ ଏହା ନିଷ୍ପନ୍ନ ହୋଇଛି । 'ଶକ୍' ଧାତୁ ସମର୍ଥ ସୂଚକ ଓ 'କ୍ତିନ୍' ପରାକ୍ରମ ଅର୍ଥ ସୂଚକ । ଅତଏବ ଜଗତର ସକଳ କାର୍ଯ୍ୟ ସାଧନରେ ସମର୍ଥ ତଥା ଉପକ୍ରମ ହେଉଛି ଶକ୍ତି । ଏହି ନିଖିଳ ଜଗତ, ମୂଳରେ ଯେ ଏକ ଅନିର୍ବଚନୀୟ, ଅଚିନ୍ତ୍ୟ, ଅନନ୍ତ, ଅଜ୍ଞେୟ ମହାଶକ୍ତି ବିରାଜିତ, ଏହାକୁ ସବୁଯୁଗରେ, ସବୁକାଳରେ, ସମସ୍ତେ, ମୁକ୍ତ କଣ୍ଠରେ ସ୍ୱୀକାର କରିଆସିଛନ୍ତି । ଏପରିକି ଏହି ଶକ୍ତିକୁ ବିଜ୍ଞାନ ମଧ୍ୟ ଅସ୍ୱୀକାର କରିପାରିନାହିଁ । ଯେପରି ବୈଦ୍ୟୁତିକ ଶକ୍ତିକୁ ଦେଖି ନ ପାରିଲେ ମଧ୍ୟ ଆଲୋକର ପ୍ରକାଶ, ବାୟୁର ସଞ୍ଚରଣ ପ୍ରଭୃତି କ୍ରିୟା ଦ୍ୱାରା ଆମେ ଶକ୍ତିର ଅସ୍ତିତ୍ୱକୁ ସ୍ୱୀକାର କରିଅଛୁ । ଠିକ୍ ସେହିପରି ବିଶ୍ୱର ଯାବତୀୟ କାର୍ଯ୍ୟ ଅନ୍ତରାଳରେ ମଧ୍ୟ ଏକ ମହାଶକ୍ତି ବିରାଜିତ । କାରଣ ବିଶ୍ୱ ଶକ୍ତିମୟ ।

ଏହାର ପ୍ରତ୍ୟେକଟି ଅଣୁ, ପରମାଣୁ, ଜଡ଼ ଓ ଚେତନରେ ମଧ୍ୟ ଶକ୍ତି ନିହିତ । ସଂସାରରେ ପ୍ରତ୍ୟେକ ବସ୍ତୁ ଶକ୍ତିର ପରିଣାମ ସ୍ୱରୂପ । ଏହି ଶକ୍ତିବଳରେ ଅଗ୍ନି ବିଶ୍ୱକୁ ଦହନ କରିପାରୁଥିବା ସ୍ଥଳେ, ପବନ ବିଶ୍ୱରେ ବିଲୋଡ଼ନ କରିପାରେ । କାରଣ ଶକ୍ତି ସର୍ବବ୍ୟାପୀ । ଏହି ବିଶାଳ ବ୍ରହ୍ମାଣ୍ଡ ହିଁ ତାଙ୍କର ମୂର୍ତ୍ତି । ତାଙ୍କରି ଠାରୁ ହିଁ ସଂସାର ବିସ୍ତାରିତ । ଯେଉଁଦିନ ମନୁଷ୍ୟ ପ୍ରଥମେ ବିଚିତ୍ର-ବର୍ଣ୍ଣ-ବୈଭବରେ ବିମଣ୍ଡିତ ଏହି ପ୍ରକୃତିର ପରିବର୍ତ୍ତିତ ରୂପ ଅବଲୋକନ କରି, ପ୍ରକୃତି ମଧ୍ୟରେ ଶକ୍ତିତତ୍ତ୍ୱକୁ ଅନୁଭବ କରିଛି, ସେହିଦିନ ଠାରୁ ହିଁ ଶକ୍ତିପୂଜାର ପରମ୍ପରା ସୃଷ୍ଟି ହୋଇଛି । ଏହି ଶକ୍ତି ହିଁ ପ୍ରକୃତିର କ୍ରିୟା ଶକ୍ତି ।

ବସ୍ତୁତଃ କହିବାକୁ ଗଲେ କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ- ଏହି ପଞ୍ଚଭୂତ ହିଁ ହେଉଛି ଆଦିଶକ୍ତିଙ୍କର ଲୀଳାକ୍ଷେତ୍ର । ଏଠାରେ ହୁଏ ଜୀବନର ଉତ୍ପତ୍ତି ଓ ବିଲୟ । ଆତ୍ମା ଯେପରି ପରମାତ୍ମାଙ୍କ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ, ଠିକ୍ ସେହିପରି ମୂଳ ଅବ୍ୟକ୍ତ ପ୍ରକୃତି ପରମପିତା ପରମାତ୍ମାଙ୍କ ଆଦିଶକ୍ତି ଅଟନ୍ତି । ଏପରିକି ସମସ୍ତ ବଳ, ସମସ୍ତ ବସ୍ତୁ, ଯାହା ନାନା ରୂପ ଓ ନାମରେ ପରିଦୃଷ୍ଟ ହେଉଛି, ତାହା ଶକ୍ତିଙ୍କ ରୂପ, ନାମ ବ୍ୟତିରେକ ଅନ୍ୟ କିଛି ନୁହେଁ । ଫଳସ୍ୱରୂପ ଏହି ଶକ୍ତି ନାନାରୂପ ଧାରିଣୀ, ପ୍ରଳୟ କାରିଣୀ, ନିତ୍ୟମୁକ୍ତା ତଥା ଆଦିଶକ୍ତି ରୂପେ ପ୍ରକାଶିତ ।

ଏ ପରିପ୍ରେକ୍ଷୀରେ କହିରଖେ, ମହାନ ଭାରତୀୟ ସଂସ୍କୃତିରେ ପ୍ରାକ୍-ବୈଦିକ କାଳରୁ ହିଁ ଶକ୍ତି ଉପାସନାର ଅବିଚ୍ଛିନ୍ନ ଧାରାରୁ ଶାକ୍ତଧର୍ମର ଉନ୍ମେଷ ଓ ବିକାଶ ଘଟିଅଛି । 'ଶକ୍ତି'ଙ୍କ ଉପାସକ 'ଶାକ୍ତ'ଭାବେ ପ୍ରସିଦ୍ଧି ଲାଭ କରିବା ସହ ସେମାନଙ୍କ ଦ୍ୱାରା ଅନୁସୃତ ଦେବୀ ଉପାସନା ଶାକ୍ତଧର୍ମ ନାମରେ ଅଭିହିତ ହୋଇଅଛି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତୀକାତ୍ମକ ଶକ୍ତି ଉପାସନା ପ୍ରଚଳନ ଥିଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସାକାର ଉପାସନାର ଭବ୍ୟ ରୂପ ଗ୍ରହଣ କରିଅଛି । ପ୍ରାକ୍-ବୈଦିକ କାଳୀନ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷରୁ ପ୍ରତୀକାତ୍ମକ ଓ ଦେବୀମୂର୍ତ୍ତି ଉଭୟର ସନ୍ଧାନ ମିଳିଥିବାରୁ ହୃଦ୍‌ବୋଧ ହୁଏ ଯେ, ବେଦ ରଚନାର ବହୁ ପୂର୍ବରୁ ଶକ୍ତି ଉପାସନାର ଏକ ବିକଶିତ ଧାରା ପବିତ୍ର ଭାରତଭୂମିରେ ପ୍ରବାହିତ ହୋଇଥିଲା । ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବୈଦିକ ଆର୍ଯ୍ୟ ସଂସ୍କୃତିକୁ ପ୍ରବେଶ କରିଥିବା ଅନୁମାନ କରାଯାଏ । ଏପରିକି ବେଦରେ ଶକ୍ତି ମାହାତ୍ମ୍ୟ ପ୍ରଖ୍ୟାପନ ସକାଶେ 'ଦେବୀସୂକ୍ତ', 'କାଳରାତ୍ରି ସୂକ୍ତ' ଓ 'ଶ୍ରୀସୂକ୍ତ' ପ୍ରଭୃତି ଉପଲବ୍ଧ । 'ଦେବୀସୂକ୍ତ'କୁ ଶକ୍ତି ଉପାସନାର ମୂଳଭିତ୍ତି ଭାବରେ ଗ୍ରହଣ କରାଯାଇଛି ।

ସେହିପରି ଅଥର୍ବ ବେଦରେ ପୃଥିବୀ ଦେବୀ ସୃଷ୍ଟିକାରିଣୀ ଶକ୍ତିରୂପରେ ଅଭିହିତ । ଏହି ସୃଷ୍ଟିକାରିଣୀ ଶକ୍ତି ହିଁ ପରବର୍ତ୍ତୀ ସମୟରେ ମହାଶକ୍ତି ରୂପେ ପରିଚିତ । ଯଜୁର୍ବେଦୀୟ ବାଜସନେୟୀ ସଂହିତାର ପ୍ରଥମରେ ରହିଥିବା ଅମ୍ବିକାଙ୍କ ବର୍ଣ୍ଣନା ମଧ୍ୟ ଶକ୍ତିତତ୍ତ୍ୱ ସଂପର୍କିତ ସୂଚନା ପ୍ରଦାନ କରେ । ଏପରିକି ତୈତ୍ତିରୀୟୋପନିଷଦରେ ଆଦ୍ୟାଶକ୍ତିଙ୍କୁ 'ଦୁର୍ଗା' ଶବ୍ଦରେ ଆବାହନ କରାଯାଇଛି । କେନୋପନିଷଦରେ ଉମା, ହୈମବତୀ ପ୍ରଭୃତି ଦେବୀମାନଙ୍କ ନାମୋଲ୍ଲେଖ ଥିବାବେଳେ ମାଣ୍ଡୁକ୍ୟୋପନିଷଦରେ ଅଗ୍ନିଙ୍କ ସପ୍ତଜିହ୍ୱା ରୂପେ ଶକ୍ତିଙ୍କର ସାତୋଟି ରୂପ ପରିକଳ୍ପନା କରାଯାଇଛି । ଉପନିଷଦୀୟ ଚେତନାରେ ଆଦିଶକ୍ତି ସତ୍ତ୍ୱଗୁଣରେ ବୈଷ୍ଣବୀ ରୂପରେ ପାଳନ କରନ୍ତି । ରଜଗୁଣରେ ବ୍ରାହ୍ମୀ ରୂପରେ ଜଗତ ସୃଷ୍ଟି କରନ୍ତି ଏବଂ ତମ ଗୁଣରେ ମାହେଶ୍ୱରୀ ରୂପରେ ଜଗତକୁ ସଂହାର କରନ୍ତି । ପ୍ରକୃତି ଭେଦରେ ମହାଶକ୍ତିଙ୍କର ଭିନ୍ନ ଭିନ୍ନ ନାମ ହେଉଛି ବିଷ୍ଣୁମାୟା, ଯୋଗମାୟା ଓ ମହାମାୟା ।

ଏପରିକି ପୁରାଣ ଯୁଗରେ ଭାରତୀୟ ଧାର୍ମିକ ଓ ସାମାଜିକ ଜୀବନରେ ଶକ୍ତି ଉପାସନା ପ୍ରାଧାନ୍ୟ ଲାଭ କରିଥିଲା । ତ୍ରିଗୁଣାତ୍ମିକା ମହାଶକ୍ତି ରାଜସିକ ଗୁଣରେ ସତ୍‌ସ୍ୱରୂପା ମହାଲକ୍ଷ୍ମୀ, ସାତ୍ତ୍ୱିକ ଗୁଣରେ ଚିତ୍‌ସ୍ୱରୂପା, ମହାସରସ୍ୱତୀ ଓ ତାମସିକ ଗୁଣରେ ଆନନ୍ଦ ସ୍ୱରୂପା ମହାକାଳୀ ନାମରେ ପ୍ରସିଦ୍ଧି ଲାଭ କଲେ । ମାର୍କଣ୍ଡେୟ ପୁରାଣଠାରୁ ଆରମ୍ଭ କରି ଦେବୀ ଭାଗବତ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ମହାଭାରତ, ହରିବଂଶ ଆଦି ପୁରାଣରେ ଶକ୍ତି ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ । ଏପରିକି ପୁରାଣ ବର୍ଣ୍ଣନା ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ, ସତୀଙ୍କ ମୃତ ଶରୀରର ଦେହାବଶେଷ ପତିତ ହୋଇଥିବା ସ୍ଥାନଗୁଡ଼ିକ, ପରବର୍ତ୍ତୀ ସମୟରେ ପ୍ରସିଦ୍ଧ ଶକ୍ତିପୀଠର ମାନ୍ୟତା ଲାଭ କଲା ।

ଏହି ପବିତ୍ର ପୀଠ ସମୂହରେ ଦେବୀ ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ଭାରତୀୟ ସମାଜରେ ଶକ୍ତି ଉପାସନାର ଏକ ଗୌରବମୟ ପରମ୍ପରା ସୃଷ୍ଟି କରିଥିଲା ଏବଂ ଏହି ପୁରାଣ ପରମ୍ପରାର ଶେଷାର୍ଦ୍ଧରେ ତାନ୍ତ୍ରିକ ବିଚାରବୋଧରେ ଶକ୍ତି ଆରାଧନା ପରମ୍ପରା ସୃଷ୍ଟିଲାଭ କଲା । ତନ୍ତ୍ରୋକ୍ତ ଶକ୍ତି ଉପାସନାରେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାତ୍ମିକା ପ୍ରଭୃତି ଦଶମହାବିଦ୍ୟାଙ୍କର ମହତ୍ତ୍ୱ ବୃଦ୍ଧି ପାଇଥିଲା ।

ଏଠାରେ କହିରଖେ ପ୍ରଥମେ ଭାରତର ଉଡ୍‌ଡୀୟାନ ପୀଠରେ ବ୍ରାହ୍ମଣ୍ୟ-ତନ୍ତ୍ରଧର୍ମ ପୀଠର ଆରମ୍ଭ ଓ ବୃଦ୍ଧି ଘଟିଥିଲା । ଉତ୍କଳ ବା ଉଡ୍‌ଡୀୟାନ ପୀଠରୁ ତାନ୍ତ୍ରିକତାର ଉଦ୍ଭବ ହୋଇ ପରବର୍ତ୍ତୀ ସମୟରେ କାମାକ୍ଷା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରି ପ୍ରଭୃତି ପୀଠକୁ ବ୍ୟାପିଥିବା ବିଷୟ ନିଃସନ୍ଦେହରେ କୁହାଯାଇପାରେ । ଉତ୍କଳରେ ଏହି ପାରମ୍ପରିକ ବୌଦ୍ଧଧର୍ମର ପରିବର୍ତ୍ତନ ଧାରାରେ ତାନ୍ତ୍ରିକ ବଜ୍ରଯାନ ଓ ସହଜଯାନର ଯେଉଁ ଆଧ୍ୟାତ୍ମିକ ଉଦ୍‌ବେଳନ ଦେଖାଦେଇଥିଲା ଶାକ୍ତଧର୍ମରେ ତାର ପ୍ରତିଫଳନ ହୋଇଥିଲା । କାରଣ ଖ୍ରୀଷ୍ଟୀୟ ୬ଷ୍ଠ / ୭ମ ଶତାବ୍ଦୀରେ ବ୍ରାହ୍ମଣ୍ୟ ତନ୍ତ୍ରଧର୍ମ ବୌଦ୍ଧ ବଜ୍ରଯାନ ସହିତ ପ୍ରତିଯୋଗିତା କରି ସମାଜରେ ଲୋକପ୍ରିୟତା ଅର୍ଜନ କରିବା ସହ ଏତିକିବେଳେ ଶାକ୍ତ ଯୋଗିନୀ ପୀଠଗୁଡ଼ିକ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା । ଯାହାର ସୂଚନା ଆଦିକବି ସାରଳା ଦାସଙ୍କ 'ଶ୍ରୀଚଣ୍ଡୀ ପୁରାଣ'ରୁ ସୁସ୍ପଷ୍ଟ । ଏଥିରେ ଅନାଦି ଶକ୍ତି ମହାମାୟା ଦୁର୍ଗା ହେଉଛନ୍ତି ମୁଖ୍ୟ ଦେବୀ । ଦେବତାମାନଙ୍କ କୋପାନଳରୁ ସମ୍ଭୂତା ଦେବୀଙ୍କର ଏକଶିର, ବେନିଚରଣ ଓ ସହସ୍ର ଭୁଜ ରହିଥିଲା । ସେ ଅନାଦି ଶକ୍ତି, ଜଗତତାରିଣୀ, ମହାବୈଷ୍ଣବୀ ରୂପ ଧାରଣ କରିଥିଲେ । ଉତ୍କଳର ପୀଠ ସ୍ଥାନମାନଙ୍କରେ, ଦେବୀଙ୍କର ଭୁଜ ଦୁଇ ସଂଖ୍ୟାରୁ ଅଷ୍ଟାଦଶ ସଂଖ୍ୟା ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଏହା ସହ ଦୁର୍ଗାଙ୍କୁ ସ୍ମରଣ କଲେ, ଦୁର୍ଗତି, ବିପଦ, ବିଘ୍ନ ଦୂର ହୁଏ, ଯମଦଣ୍ଡର ଭୟ ରହେ ନାହିଁ, ରୋଗ ନାଶ ହୁଏ, ମନୁଷ୍ୟ ଚିରାୟୁ ହୁଏ, ସନ୍ତାନପ୍ରାପ୍ତ ହୁଏ ଓ ଲୋଭ, ମୋହ, ଅପବାଦରୁ ମୁକ୍ତି ମିଳିଥାଏ । ଦୁର୍ଗାଙ୍କ 'ଦୁ' ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁର୍ବାସନାଦି ଦୈତ୍ୟକୁ ନାଶ କରିବା ପ୍ରତୀକ ଏବଂ 'ରେଫ୍' ରୋଗଘ୍ନ, ପାପଘ୍ନ, ଅନ୍ୟାୟ, ଅତ୍ୟାଚାର, ଅନୈତିକତା ଓ ଆଳସ୍ୟାଦି ଆସୁରିକ ପ୍ରକୃତିଗୁଡ଼ିକର ନାଶବାଚକ । ଏପରିକି କବି ଅନାଦି ଶକ୍ତି ରୂପିଣୀ ଦୁର୍ଗାଙ୍କୁ - ବ୍ରହ୍ମାୟଣୀ, ଇନ୍ଦ୍ରାୟଣୀ, ରୁଦ୍ରାୟଣୀ, ନାରାୟଣୀ, ଯମାୟଣୀ, ମାହେଶ୍ୱରୀ, ମହାମାୟା, ବାସେଳୀ, ଉଗ୍ରତାରା, ଭୈରବୀ, ତ୍ରିପୁରା, ଅନନ୍ତା, ବିଜୟା, ଅମ୍ବିକା, ମାଧବୀ, କଙ୍କାଳୀ, ବେତାଳୀ, କାଳିକା, ଚଣ୍ଡୀ, ଚାମୁଣ୍ଡା, କାମାକ୍ଷୀ, ବରାହୀ, ଦକ୍ଷିଣାୟଣୀ, ଉତ୍ତରାୟଣୀ, ପଶ୍ଚିମାୟଣୀ, ଛାୟା, ମାୟା, ଅପର୍ଣ୍ଣା ରୂପେ ନାମିତ କରିଛନ୍ତି । ଯାହା ଅନାଦି ଶକ୍ତି ଦୁର୍ଗାଙ୍କର ପ୍ରାଧାନ୍ୟକୁ ସୂଚିତ କରୁଅଛି । ଦେବତାମାନଙ୍କ ସଂଗଠିତ ଶକ୍ତିରେ ସେ ଧରା ଅବତରଣ କରିଥିଲେ । ତେଣୁ ଶକ୍ତି ଉପାସନାରେ ଅଦ୍ୱୈତ ତତ୍ତ୍ୱର ଧାରଣା ଜନ୍ମିଥାଏ । ଏପରିକି ସପ୍ତମାତୃକା, ଚଉଷଠୀ ଯୋଗିନୀ, ଶୋଣେହାରୂପି ଦେବୀ, ଚାରିପଦ୍ମ ଚଣ୍ଡୀ, ନବକୋଟି କାନ୍ତାନୀ, ଛପନକୋଟି ପିଶାଚୁଣୀ- ସମସ୍ତେ ଦୁର୍ଗାଙ୍କ ଠାରୁ ଜାତ ।

ଏ ପରିପ୍ରେକ୍ଷୀରେ ଦେଖାଗଲେ, ଭାରତରେ ଶକ୍ତିତତ୍ତ୍ୱର ଉନ୍ମେଷ ଓ ବିକାଶ ଧାରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଆସିଛି । ଓଡ଼ିଶାର ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରାରେ ଏହାର ବହୁ ପ୍ରମାଣ ମିଳେ । ଐତିହାସିକ ଯୁଗରେ ଭୌମକର ଶାଳନକାଳରୁ ମାତୃପୂଜାର ପ୍ରାଧାନ୍ୟ ଓଡ଼ିଶାର ଜନଜୀବନରେ ଅନୁଭୂତ ହୋଇ ଆସିଛି । ଭୌମକମାନଙ୍କ ରାଜଧାନୀ ଗୁହଦେବ ପାଟକ ଆଧୁନିକ ଯାଜପୁର ବା ବିରଜା ସହିତ ପରିଚିହ୍ନିତ ହୋଇଛି । ଶାକ୍ତଧର୍ମର ପ୍ରସିଦ୍ଧ ପୀଠସ୍ଥଳୀ ବିରଜା କ୍ଷେତ୍ରରୁ ମିଳିଥିବା ମାତୃକା ମୂର୍ତ୍ତି, ଶକ୍ତି ଉପାସନା ସହ ସଂଶ୍ଳିଷ୍ଟ । ଏତଦ୍‌ବ୍ୟତୀତ ଶକ୍ତିଙ୍କର ନାଭିସ୍ଥଳ ଏଠାରେ ପତିତ ହୋଇଥିବାରୁ ଏହା ଏକ ତନ୍ତ୍ରପୀଠ ରୂପେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି । ଏପରିକି ଶ୍ରମନ୍ଦିରରେ ବିମଳାଙ୍କ ଉପାସନା ବିଧିରୁ ଶକ୍ତିପୂଜାର ପ୍ରାଧାନ୍ୟ ବେଶ୍ ସୁସ୍ପଷ୍ଟ । ଏହାସହ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଥିବା ଚଉଷଠି ଯୋଗିନୀ ପୀଠ ଓଡ଼ିଶାର ତନ୍ତ୍ର ଉପାସନାର ଜ୍ୱଳନ୍ତ ନିଦର୍ଶନ ଅଟେ । ଏସବୁ ଓଡ଼ିଶାରେ ଶାକ୍ତଧର୍ମର ପ୍ରାଚୀନତାର ପ୍ରମାଣ ଦେଇ ଆସିଛନ୍ତି । ଏତଦ୍‌ଭିନ୍ନ ମା' ମଙ୍ଗଳା, ଶାରଳା, ହିଙ୍ଗୁଳା, ଭଗବତୀ, ତାରିଣୀ, ତାରାତାରିଣୀ, ଚର୍ଚ୍ଚିକା, ସମଲେଶ୍ୱରୀ, କଟକଚଣ୍ଡୀ ଭଳି ଶତାଧିକ ଶକ୍ତିପୀଠ ଶକ୍ତି ଉପାସନାର ମହନୀୟତାକୁ ପ୍ରତିପାଦିତ କରି ଆସୁଛନ୍ତି ।

ଦାମୋଦରପୁର, ଗଞ୍ଜାମ
ମୋ-୮୮୯୫୧୪୧୭୨୭

# ଅନନ୍ୟ ବଳଦଯାତ୍ରା



ପ୍ରେମାନନ୍ଦ ପାଣିଗ୍ରାହୀ

ଢେଙ୍କାନାଳ ଜିଲ୍ଲା ଭୁବନ, ଏସିଆ ମହାଦେଶର କେବଳ ଏକ ବଡ ଗାଁ ଭାବେ ସୁପରିଚିତ ନୁହେଁ, ବରଂ ଏହାର କଳା, ସଂସ୍କୃତି, ପରମ୍ପରା ମଧ୍ୟ ବେଶ୍ ସମୃଦ୍ଧଶାଳୀ । ବଳଦକୁ ପରିବହନର ସାରଥୀ କରି ଦିନେ ଏହି ଗ୍ରାମର ଥୋଡି ମହାଜନମାନେ ପଶ୍ଚିମ ଓଡ଼ିଶାରେ ଲୁଣ ବ୍ୟବସାୟ କରି ସମୃଦ୍ଧଶାଳୀ ହୋଇଥିଲେ । ଆଜି ସେ ଲୁଣ ବ୍ୟବସାୟ ନାହିଁ । କିନ୍ତୁ, କର୍ପୂର ଉଡି କନା ପଡି ରହିଥିବା ପରି, ଲୁଣ ବ୍ୟବସାୟ ପରମ୍ପରା ଆଜି କିମ୍ବଦନ୍ତୀ ପାଲଟିଛି । ସେଇ ସ୍ମୃତି ଆଜି ମନେପଡେ ଦଶହରା 'ବଳଦ ଯାତ୍ରା'ରେ । ଦଶହରା ପରି ପବିତ୍ର ଦିନରେ ଥୋଡି ମହାଜନ, ବାଣିଜ୍ୟ ଯାତ୍ରା ଅନୁକୂଳ କରୁଥିବାରୁ କୃଷି ଓ ବାଣିଜ୍ୟରେ ସହଯୋଗ କରି ଆସିଥିବା ବଳଦକୁ ଏହି ଦିନ ପୂଜାର୍ଚ୍ଚନା କରାଯାଏ । ଲୋକମାନେ ଘର ଲିପାପୋଛା କରିବା ସହ ଝୋଟି ପକାଇ ଏହି ପର୍ବକୁ ସ୍ୱାଗତ କରିଥାନ୍ତି । ବାହାରେ ଥିବା ପରିବାରର ସଦସ୍ୟମାନେ ବନ୍ଧୁବାନ୍ଧବମାନଙ୍କ ସହ ଘରମୁହାଁ ହୋଇଥାନ୍ତି । ପରମ୍ପରା ଅନୁଯାୟୀ ଦଶହରା ଦିନ ଥୋଡିଆ ପରିବାରର ମୁଖ୍ୟ ଗୋଠଣିରେ, ଶାଳକାଠରେ ନିର୍ମିତ ଦୁଇଟି ଲେଖାଏଁ ଖୁଣ୍ଟି ସ୍ଥାପନା କରନ୍ତି । ଏହାକୁ ଶୁଭ ଖୁଣ୍ଟି କୁହାଯାଏ । ଥୋଡି ମହାଜନ ପ୍ରଥମେ ଦୁଇଭାଇ ଥିଲେ । ସେମାନଙ୍କ ଅନ୍ତେ ଥୋଡିଆ ସମାଜ ଦୁଇଟି ଅଂଶରେ ବିଭାଜିତ ହୋଇଛନ୍ତି । ବଡ ଖୁଣ୍ଟିଟି ବଡ ଅଂଶ ଓ ସାନ ଖୁଣ୍ଟିକୁ ସାନ ଅଂଶର ମାନ୍ୟତା ଦିଆଯାଏ । । ଥୋଡିଆ ସମାଜ ଯେତୋଟି ପରିବାରରେ ବିଭାଜିତ ହୋଇଛି, ସେତେ ଯୋଡା ଖୁଣ୍ଟି ସ୍ଥାପନା କରାଯାଏ । ପରିବାରର ମୁଖ୍ୟ ଏହି ଖୁଣ୍ଟିରେ ଭୋଗ ଅର୍ପଣ କରନ୍ତି । ଥୋଡିଆ ସମାଜର ଅଧିଷ୍ଠାତ୍ରୀ ଦେବୀ ମା' ବଣିଜାରୀ । ବାଣିଜ୍ୟ ସମୟରେ ସୁଦୂର ବଣାଇ ଗଡରୁ ଥୋଡି ମହାଜନ ମା'ଙ୍କୁ ଆଣିଥିଲେ । ଯେଉଁ ବଳଦ, ଯାତ୍ରାରେ ଅଂଶଗ୍ରହଣ କରେ, ତାକୁ 'ଥୋଡି ବଳଦ' ବା 'ଦଶହରା ବଳଦ' କୁହାଯାଏ । ମନୋନୀତ ବଳଦକୁ ଗହ୍ମା ପୂର୍ଣ୍ଣିମା ଦିନ ପୂଜାର୍ଚ୍ଚନା କରାଯାଇ ଢୋଲ ମହୁରୀର ତାଳେ ତାଳେ ସାହି ପରିକ୍ରମା କରି ଯାତ୍ରା ନିମନ୍ତେ ଅଭ୍ୟାସ କରାଯାଏ । ଯଦ୍ୱାରା ଯାତ୍ରା ସମୟରେ ବାଜା, ଆଲୋକ ଦେଖି ବଳଦ ଆଉ ଅମାନିଆ ହୋଇନଥାଏ ।

ଦଶହରା ଦିନ ସନ୍ଧ୍ୟା ନଇଁ ଆସିଲେ ଥୋଡିଆ ସମାଜର ଯୁବକମାନେ ବଳଦଯାତ୍ରା ପାଇଁ ପ୍ରସ୍ତୁତ ହୁଅନ୍ତି । ମା' ବଣିଜାରୀଙ୍କ ପୀଠରେ ପୂଜା ହୋଇଥିବା ନୂଆବସ୍ତ୍ରକୁ ପରିବାର ଲୋକେ ପିନ୍ଧିବା ପରେ, ପ୍ରଥମେ ଦଶହରା ବଳଦକୁ ଶୁଭ ଖୁଣ୍ଟରେ ବନ୍ଧାଯାଏ । ତା'ପିଠିରେ ପହ୍ଲାଣ, ଶିଙ୍ଗରେ ଶିଙ୍ଗୁଆତ, ମୁହଁରେ ମୁହଁଖାର, ଲାଞ୍ଜରେ ଲାଞ୍ଜୁମୁଠି, ବେକରେ ଘୁଙ୍ଗୁରମାଳ, ଦେହସାରା କଉଡିମାଳ ଓ ସାରମାଳରେ ସଜ୍ଜିତ କରାଯାଏ । ଶେଷରେ ମହାଜନ ଘରୁ ଶୁଭଘଣ୍ଟ ଅଣାଯାଇ ବଳଦ ଗଳାରେ ବନ୍ଧାଯାଏ । ଏହି ଘଣ୍ଟ ମା' ବଣିଜାରୀଙ୍କ ଚଳନ୍ତି ପ୍ରତିମା । ଥୋଡି ବଳଦ ବ୍ୟତୀତ ଅନ୍ୟ କୌଣସି ପାଟକର ବଳଦ ଗଳାରେ ଶୁଭଘଣ୍ଟ ନଥାଏ । ମହିଳାମାନେ ଦଶହରା ବଳଦକୁ ବନ୍ଦାପନା ଓ ପ୍ରଣାମ କରି ପିତ୍ତଳ ଡାଳରେ ଆଣିଥିବା ଜୀବନ୍ତ ଗଡିଶ ମାଛକୁ ବଳଦର ଆଗ ଗୋଡ ପାଖରେ ଛାଡନ୍ତି । ବାଜା ରୋଷଣୀରେ ଥୋଡି ବଳଦକୁ ପ୍ରଥମେ ରଘୁନାଥଜିଉ ମନ୍ଦିରକୁ ନିଆଯାଏ । ସେଠାରେ ଜିଉଙ୍କୁ ଦର୍ଶନ କରିବା ପରେ ପୂଜକ ବଳଦକୁ ବନ୍ଦାପନା କରନ୍ତି । ଥୋଡିବଳଦକୁ ଗୁଜୁରୀହାଟ ଦେଇ ନୂଆବଜାର ନିକଟସ୍ଥ ଦଶହରା ପଡିଆକୁ ନିଆଯାଏ । ପୂର୍ବେ ଏହି ପଡିଆରେ ଥୋଡିଆମାନେ ଦଶହରା ଦିନ ଖଣ୍ଡା ଖେଳ କରୁଥିଲେ । ସେହି ସ୍ମୃତିକୁ ମନେପକାଇ ଏହାର ମାଟି ମଥାରେ ଲଗାନ୍ତି । ଦଶହରା ପଡିଆରୁ ଥୋଡିବଳଦ ଗୁଜୁରିହାଟ ଫେରିବା ବେଳକୁ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମାଙ୍କୁ ବଣିକ ସମାଜର ବଳଦ ପାଛୋଟି ଆଣି ସେଠାରେ ପହଞ୍ଚିଥାନ୍ତି । ଥୋଡି ବଳଦ ଉପରକୁ ଗୁଜୁରିହାଟରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ଫୁଲ ଅର୍ପଣ କରାଯାଏ । ସେଠାରୁ ରୋଷ ପଟୁଆରରେ ପ୍ରଥମେ ଥୋଡି ବଳଦ ଓ ପରେ ଅନ୍ୟ ପାଟକର ଦଶହରା ବଳଦ ଯାଆନ୍ତି ।



ଶେଷରେ ଜଗନ୍ନାଥଙ୍କର ବିମାନ ଯାଏ । ଯାତ୍ରା ସମୟରେ ମହିଳାମାନେ କେବଳ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମାକୁ ବନ୍ଦାପନା କରିଥାନ୍ତି । ରଘୁନାଥ ଜିଉ ମଣ୍ଡପ ବ୍ୟତୀତ କୌଣସି ଠାରେ ଥୋଡି ବଳଦକୁ ବନ୍ଦାପନା କରାଯାଏ ନାହିଁ । ରଘୁନାଥ ମଣ୍ଡପ, ଗୋପାଳ ମଣ୍ଡପ, ମଦନମୋହନ ଜିଉ ମଣ୍ଡପ, ବଡଦାଣ୍ଡ, ରାଧାକୃଷ୍ଣ ମଣ୍ଡପ ଆଦି ପାଞ୍ଚ ମଣ୍ଡପ ପରିକ୍ରମା କରି ବଳଦ ଶୋଭାଯାତ୍ରା ଦାନି ଘର (ବଣିଆ )କୁ ଯାଏ । ସେଠାରେ ଥୋଡି ବଳଦକୁ ବନ୍ଦାପନା କରାଯିବା ସହିତ ଧୋତି ଯୋଡ ମାନ୍ୟ ଦିଆଯାଏ । ଥୋଡି ମହାଜନଙ୍କୁ ବାଣିଜ୍ୟରେ ବଣିଆ ପାଟକ ବିଶେଷ ସହଯୋଗ କରିଥିଲେ । ତେଣୁ ଏବେବି ସେମାନଙ୍କ ସମ୍ପର୍କ ଅତୁଟ ରହିଛି । ଦାନି ଘରେ ଦୁଇଯୋଡା ଶୁଭଖୁଣ୍ଟି ବର୍ଷସାରା ପୂଜା ପାଇଆସୁଛନ୍ତି । ସେଠାରେ ବଳଦକୁ ବନ୍ଦାପନା କରାଯିବା ସହ ବଳଦିଆଙ୍କୁ ସମ୍ମାନ ସୂଚକ ଗୁଆ ଓ ନଡିଆ ଅର୍ପଣ କରାଯାଏ । ଏହି ଗୁଆ ଓ ନଡିଆ ଥୋଡିଆ ସମାଜର ମୁଖ୍ୟଙ୍କ ମହାଳୟା ପିଣ୍ଡରେ ଦୀପାବଳି ଦିନ ପର୍ଯ୍ୟନ୍ତ ରହେ । ଜଗନ୍ନାଥଙ୍କ ଚଳନ୍ତି ପ୍ରତିମାକୁ ବିଦାୟ ଦେଇ ଥୋଡି ବଳଦ ଗୁଜୁରୀହାଟକୁ ଆସେ । ସେଠାରେ ଲୁଣ ବ୍ୟବସାୟର ସ୍ମୃତି ସ୍ୱରୂପ ଲୁଣ ମାପ କରାଯାଏ । ସେଠାରୁ ରଘୁନାଥଜିଉଙ୍କ ମନ୍ଦିର ଦେଇ ଥୋଡି ବଳଦ ପ୍ରତ୍ୟାବର୍ତ୍ତନ କରେ । ମହିଳାମାନେ ପୁଣି ବଳଦକୁ ବନ୍ଦାପନା କରନ୍ତି ଓ ବଳଦକୁ ବିଶ୍ରାମ ଦିଆଯାଏ । କନିଷ୍ଠମାନେ ବୟୋଜ୍ୟେଷ୍ଠମାନଙ୍କୁ ପ୍ରଣାମ କରି ଆଶିଷ କାମନା କରିଥାନ୍ତି, ଯାହାକି ସମାଜକୁ ଏକ ସୂତ୍ରରେ ବାନ୍ଧି ହୋଇ ରହିବା ପାଇଁ ବାର୍ତ୍ତା ଦିଏ । ପରେ, ସମସ୍ତେ ଗୋଟିଏ ସ୍ଥାନରେ ବସି ମାଛ,ଭାତ ଖାଇବାର ପରମ୍ପରା ଅଛି । ସବୁ ରାଗରୁଷାକୁ ଭୁଲି ଏକାଠି ହୋଇ ନୂଆ ଜୀବନର ଶୁଭାରମ୍ଭ ହୁଏ । ଭୁବନରେ ପୂଜା ପାଉଥିବା ମା' ଦୁର୍ଗା ଓ ହରପାର୍ବତୀଙ୍କ ଭସାଣୀ ପୂଜାର୍ଚ୍ଚନା, ଯାହାକୁ କି ଭୁବନରେ 'ବାସୀ ଦଶହରା' କୁହାଯାଏ । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଏଠାକୁ, ଲୋକଙ୍କର ସୁଅ ଛୁଟେ ।

ପୂର୍ବ ଦିନ ପରି ପ୍ରଥା ଓ ପରମ୍ପରା ନ ଥିଲେ ବି ଦେବୀ ବିଗ୍ରହଙ୍କ ଆଗରେ ଚାଲିଥାନ୍ତି ପଚିଶରୁ ଅଧିକ ସୁସଜ୍ଜିତ ବଳଦ । ବିପଣୀମାଳା, ରଙ୍ଗୀନ ଆଲୋକ, ବାଜା ରୋଷଣୀ, ଜନ ସମୁଦ୍ରରେ ଭୁବନ ପାଲଟି ଯାଏ ମର୍ତ୍ତ୍ୟ ଭୁବନରେ । ସନ୍ଧ୍ୟାରେ ଶାସନ ପାଳା ମଣ୍ଡପ ଠାରେ ରାବଣପୋଡି ମହୋତ୍ସବ ସମାପ୍ତ ହେବା ପରେ, ରାତି ନଅରୁ ଆରମ୍ଭ ହୋଇଥିବା ଭସାଣୀ ଶୋଭାଯାତ୍ରା ସରିବା ବେଳକୁ ସକାଳ ହୋଇଯାଏ । ଯାତ୍ରାରେ ଅଂଶଗ୍ରହଣ କରିଥିବା ସମସ୍ତ ବଳଦଙ୍କୁ ମା' ବଣିଜାରୀଙ୍କ ପୀଠରେ ଫୁଲ, ସିନ୍ଦୁର ଓ ବଳଦିଆଙ୍କୁ ମା'ଙ୍କ ପ୍ରସାଦ ଦେଇ ମେଲାଣି ଦିଆଯାଏ । ବଣିଜାରୀ ପୀଠରେ ସମସ୍ତ ମେଢଙ୍କର ମେଳଣ ହେବା ପରେ, ବିଜ୍ଞାପିତ ପରିଷଦ ପକ୍ଷରୁ ନିର୍ମିତ ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ କରାଯାଏ । ବାସ୍ତବରେ ଭୁବନର ବଳଦ ଯାତ୍ରା କେବଳ ଏକ ସାଂସ୍କୃତିକ ଆନ୍ଦୋଳନ ନୁହେଁ, ବରଂ ଗୋସମ୍ପଦକୁ କୃତଜ୍ଞତା ଦେବାର ଏକ ମହାର୍ଘ ମୁହୂର୍ତ୍ତ ।

ଭୁବନ,ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଲ୍‌ଗାଡିକୁ...

ପ୍ରାଥମିକ ରିପୋର୍ଟ ଅନୁସାରେ, କବରପେଟ୍ଟାଇ ଷ୍ଟେସନରୁ ଯାତ୍ରୀବାହୀ ଟ୍ରେନ ବାହାରିବା ପରେ ଟ୍ରାକରେ ସମସ୍ୟାର ସମ୍ମୁଖୀନ ହୋଇଥିଲା । ଫଳରେ ଏକ୍ସପ୍ରେସ ଟ୍ରେନ ଲୁପ ଲାଇନରେ ପ୍ରବେଶ କରାଯାଇଥିଲା । ସେଠାରେ ପୂର୍ବରୁ ଗୋଟିଏ ମାଲବାହୀ ଟ୍ରେନ ରହିଥିଲା । ଏହି ଗାଡ଼ିକୁ ଏକ୍ସପ୍ରେସ ଟ୍ରେନ ଜୋରରେ ଧକ୍କା ଦେଇଥିଲା ।ଧକ୍କା ଦେବା ବେଳେ ଏକ୍ସପ୍ରେସ ଟ୍ରେନର ଘଣ୍ଟା ପ୍ରତି ବେଗ ୭୫ କିମି ଥିଲା । ସେହିପରି ଏକ୍ସପ୍ରେସ ଟ୍ରେନର ପାର୍ସଲ ଭ୍ୟାନ ମଧ୍ୟ ଜଳି ଯାଇଛି ।

### ଟାଟା...

ଟ୍ରଷ୍ଟର ପରବର୍ତ୍ତୀ ଅଧ୍ୟକ୍ଷ ହୋଇଛନ୍ତି । ଟାଟା ଗ୍ରୁପର ମାଲିକ ଦିବଂଗତ ରତନ ନବଲ ଟାଟା ଦୀର୍ଘ ଦିନ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇ ଆସିଥିଲେ । କିନ୍ତୁ ତାଙ୍କର କେହି ଉତ୍ତରାଧିକାରୀ ନ ଥିବାରୁ ପରବର୍ତ୍ତୀ ଅଧ୍ୟକ୍ଷ କିଏ ହେବେ ସେନେଇ ବୋର୍ଡର ବୈଠକ ବସିଥିଲା । ବୋର୍ଡ ବୈଠକର ନିଷ୍ପତ୍ତି କ୍ରମେ ନୋଏଲ ଟାଟା ହୋଇଛନ୍ତି ଟାଟା ଟ୍ରଷ୍ଟର ଅଧ୍ୟକ୍ଷ । ଟାଟା ଗ୍ରୁପରେ ୪୦ ବର୍ଷରୁ ଅଧିକ ଦିନ ଧରି କାମ କରି ଆସିଛନ୍ତି ନୋଏଲ ଟାଟା । ସେ ବର୍ତ୍ତମାନ ଟାଟା ଇଣ୍ଟରନ୍ୟାସନାଲ ଲିମିଟେଡ୍, ଭୋଲ୍ଟାସ୍ ଏବଂ ଟାଟା ଇନଭେଷ୍ଟମେଣ୍ଟ କର୍ପୋରେସନ୍ ସମେତ ଟାଟା ଗ୍ରୁପର ଏକାଧିକ କମ୍ପାନୀର ବୋର୍ଡର ସଦସ୍ୟ ଅଛନ୍ତି । ସେ ଟାଟା ଷ୍ଟିଲ ଏବଂ ଟାଇଟନ କମ୍ପାନୀ ଲିମିଟେଡର ଉପାଧ୍ୟକ୍ଷ ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି । ଟାଟା ଗ୍ରୁପର ରିଟେଲ ଟ୍ରେଣ୍ଟରେ ତାଙ୍କ ନେତୃତ୍ୱ ଉଲ୍ଲେଖନୀୟ ରହିଥିଲା । ୧୧ ବର୍ଷରୁ ଅଧିକ ସମୟ ପାଇଁ ଟ୍ରେଣ୍ଟର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି । ସେ ୨୦୧୦ରୁ ୨୦୨୧ ପର୍ଯ୍ୟନ୍ତ ଟାଟା ଇଣ୍ଟରନ୍ୟାସନାଲର ପରିଚାଳନା ନିର୍ଦ୍ଦେଶକ ମଧ୍ୟ ଥିଲେ ।ଏହି ସମୟରେ ସେ କମ୍ପାନୀର କାରବାରକୁ ୫୦୦ ମିଲିୟନ୍ ଡଲାରରୁ ୩ ବିଲିୟନ ଡଲାରକୁ ବୃଦ୍ଧି କରିଥିଲେ । ଏହା ବ୍ୟତୀତ ୨୦୧୪ ପରଠାରୁ ସେ ଟ୍ରେଣ୍ଟ ଲିମିଟେଡର ଚେୟାରମ୍ୟାନ୍ ଭାବରେ କାର୍ଯ୍ୟ କରିଛନ୍ତି । ତାଙ୍କ ନେତୃତ୍ୱରେ ଗତ ଦଶନ୍ଧି ମଧ୍ୟରେ ଟ୍ରେଣ୍ଟର ଶେଆର ୬,୦୦୦% ବୃଦ୍ଧି ପାଇଛି ।

### ନିହୋନ୍...

ଲୋକଙ୍କ ଜୀବନ ଯାଇ ଥିବାବେଳେ କୋଟି କୋଟି ଟଙ୍କାର ଧନ-ସମ୍ପତ୍ତି ନଷ୍ଟ ହୋଇଥିଲା ।କିନ୍ତୁ ଜାପାନ ଆମେରିକା ଉପରେ ପ୍ରତିଶୋଧ ନ ନେଇ କିପରି ପରମାଣୁ ଅସ୍ତ୍ରର ବ୍ୟବହାରକୁ ରୋକାଯିବ ସେ ଉପରେ କାର୍ଯ୍ୟ କରିଥିଲା । ଏଥିରେ ନିହୋନ୍ ହିଡାନକିଓ ସଂଗଠନ ମୁଖ୍ୟ ଭୂମିକା ନିଭାଇଥିଲା । ବିଶ୍ୱକୁ ଆଣବିକ ଅସ୍ତ୍ରଶସ୍ତ୍ରରୁ ମୁକ୍ତ କରିବା ପାଇଁ ସଂଗଠନ ଉଦ୍ୟମ ଜାରି ରଖିଥିଲା । ଏପରି ମହନୀୟ ଚିନ୍ତାଧାରା ଏବଂ ଉଦ୍ୟମ ପାଇଁ ଆଜି ଏହି ସଂଗଠନକୁ ନୋବେଲ ଶାନ୍ତି ପୁରସ୍କାର ବିଜେତା ଭାବେ ଘୋଷିତ କରାଯାଇଛି ।

# ମାଣିକେଶ୍ୱରୀଙ୍କ ଛତର ଯାତ୍ରାରେ ପୁଣି ପଶୁବଳି

ଭବାନୀପାଟଣା (ସବ୍ୟୁ) : ଭବାନୀପାଟଣାରେ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ବିଜୟ ଛତର ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମାନସିକ ପୂରଣ ନାଆଁରେ ଶହ ଶହ ସଂଖ୍ୟାରେ ପଶୁବଳି ଦିଆଯାଉଛି। ଏଥିଯୋଗୁଁ ରକ୍ତରଞ୍ଜିତ ହୋଇଛି ରାଜପଥ। ଗତ ବର୍ଷ ଭଳି ଚଳିତ ଥର ମଧ୍ୟ ଶ୍ରଦ୍ଧାଳୁମାନେ ନିଜର ମାନସିକ ପୂରଣ ଲାଗି ବଳି ଦେଇଥିବା ଜଣାଯାଇଛି। ପାରମ୍ପରିକ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ହଜାର ହଜାର ଶ୍ରଦ୍ଧାଳୁ ମାଆଙ୍କ ଦର୍ଶନ କରୁଛନ୍ତି।



ଶୁକ୍ରବାର ଭୋର ୪ଟାରେ ମା' ମାଣିକେଶ୍ୱରୀଙ୍କ ଛତର ମନ୍ଦିରରୁ ବାହାରି ଜେନାଖାଲରେ ପହଞ୍ଚିଥିଲା । ସେଠାରେ ପୂଜାର୍ଚ୍ଚନା ଓ ଗୁପ୍ତ ରୀତିନୀତି ପରେ ଭୋରରେ ମା'ଙ୍କ ଛତର ବିଜୟ ଯାତ୍ରା ଆରମ୍ଭ ହୋଇଥିଲା । ମାଣିକେଶ୍ୱରୀ ମନ୍ଦିରରେ ଛତର ପହଞ୍ଚିଥିବା ପରେ ସେଠାରେ କଳାହାଣ୍ଡି ରାଜପରିବାର ଛତରକୁ ସ୍ୱାଗତ କରି ମନ୍ଦିରକୁ ପାଛୋଟି ନେଇଥିଲେ । ଛତରଯାତ୍ରାରେ ପ୍ରାୟ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତ ନିଜ ମାନସିକ ପାଇଁ ପାରା ଉଡ଼ାଇବା ସହିତ ପ୍ରାୟ ୪ କିମି ଅଧିକ ରାସ୍ତାରେ ବୋଦା, କୁକୁଡ଼ା, ବଳି ଦେଇଥିଲେ। ସୁରକ୍ଷା ଦୃଷ୍ଟିରୁ ୧୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲା ।

## ଦୁର୍ଘଟଣାରୁ ବର୍ତ୍ତିଲା ଏୟାର ଇଣ୍ଡିଆ ଏକ୍ସପ୍ରେସ୍

ନୂଆଦିଲ୍ଲୀ : ଏୟାର ଇଣ୍ଡିଆର ଏକ୍ସପ୍ରେସ୍‌ର ଏକ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି । ହାଇଡ୍ରୋଲିକ୍ ତ୍ରୁଟି ଯୋଗୁ ବିମାନଟି ଦୁଇଘଣ୍ଟା ଧରି ମଝି ଆକାଶରେ ଚକର କାଟିବା ପରେ ତିର୍ଚ୍ଚି ବିମାନ ବନ୍ଦରରେ ଅବତରଣ କରିଥିଲା । ଏହା ତିର୍ଚ୍ଚିରୁ ସାରଜା ଅଭିମୁଖେ ଉଡାଣ ଭରିଥିଲା । ଉଡାଣର କିଛି ସମୟରେ ପରେ ଏଥିରେ ତ୍ରୁଟି ପରିଲକ୍ଷିତ ହୋଇଥିଲା । ବିମାନରେ ୧୪୦ ଯାତ୍ରୀ ଥିଲେ । ବିମାନର ଜରୁରୀ ଅବତରଣ ପରେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ସେମାନେ ପାଇଲଟଙ୍କୁ କରତାଳି ଦେଇ ସାଧୁବାଦ ଜଣାଇଛନ୍ତି ।

## ୪ ପୁରସ୍କାର ଘୋଷିତ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି (ସବ୍ୟୁ): ସୀମାନ୍ତ ଛତିଶଗଡ଼ର ସୁକମା ପୁଲିସ ୪ ଜଣ ପୁରସ୍କାର ଘୋଷିତ ମାଓବାଦୀକୁ ଗିରଫ କରିଛି । ସେମାନେ ଜିଲ୍ଲା ପୁଲିସ ଏବଂ ସିଆରପିଏଫଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସରକାରଙ୍କର ଆତ୍ମନିର୍ଭରଶୀଳ ନୀତିରେ ପ୍ରଭାବିତ ହୋଇ ଏମାନେ ଆତ୍ମସମର୍ପଣ କରୁଥିବା କୁହାଯାଇଛି। ପ୍ଲାଟୁନ ନମ୍ବର ୪ର ସଦସ୍ୟ ମିଡିୟମ ଭୀମା(୨୪), ସୋଡି ମୁନ୍ନା(୨୯), ସିଏନଏମ ସଦସ୍ୟ ମୁଚାକି ଦେବା(୨୯) ଏବଂ ସୁଲା ମୁଚାକୀ(୩୩)। ଏମାନଙ୍କ ବିରୋଧରେ ବହୁ ହିଂସା ମାମଲା ରହିଥିବା ପୁଲିସ କହିଛି। ପୁଲିସ ଉପରେ ଆକ୍ରମଣ କରିବା, ଜଂଗଲରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ସ୍ପାଇକ ହଲ ନିର୍ମାଣ କରିବା, ଲ୍ୟାଣ୍ଡମାଇନ ଖଞ୍ଜିବା, ମୁଖ୍ୟରାସ୍ତାକୁ ଖୋଳିବା, ପୋଷ୍ଟର ଏବଂ ବ୍ୟାନର ମାରି ଲୋକଙ୍କୁ ଭୟଭିତ କରାଇବା ଭଳି କେଶ ରହିଛି। ତେବେ ପୁଲିସ ତରଫରୁ ଏମାନଙ୍କୁ ୨୫ ହଜାର ଟଂକା ଲେଖାଏଁ ଆର୍ଥିକ ରାଶି ପ୍ରଦାନ କରିବା ସହ ସରକାରଙ୍କ ଆତ୍ମନିର୍ଭରଶୀଳ ନୀତି ଅନୁଯାୟୀ ଏମାନଙ୍କୁ ଥଇଥାନ କରାଯିବ ବୋଲି କୁହାଯାଇଛି ।








































ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

ଶୁଭେଚ୍ଛା ବାର୍ତ୍ତା

ଦୈନିକ ସମୟର ୨୮ତମ ସ୍ୱନକ୍ଷତ୍ର ତଥା ପବିତ୍ର ଦୁର୍ଗାପୂଜା ଅବସରରେ ମୋର ସମସ୍ତ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।



ଶ୍ରୀମତୀ ଦମୟନ୍ତୀ ଦାସ
ସମାଜସେବୀ,
ତାଳଚେର

Happy Navratri

GSTIN: 21FNGPS9016A1Z9
Mob:- 9937780555
7008714102
BISWAJIT SAHOO
AT: LINGARAJ ROAD, (NEAR SAI MANDIR)
TALCHER, DIST- ANGUL
Deals in:- Cement, Steel & Febrication
Wholesale Dealer-
Dalmia, Sagar, ACC, Tata TISCON, Shyam Steel,
Rasmi, Everest, Berger Paints &
Welding Works, Door, Window, Gate & Other Materials

GSTIN: 19BELPA8591N1ZP
Mob: 7584070545
Prop. Syed Mustak Ali
Civil Labour & General Order
Suppliers.
M/S USMANI CONTRUCTION
Vill. + P.O.- Jagatpur P.S. Mahishadal Dist.
Purba Medinipur Pin-721603

GST NO
21CLFPP3895Q2ZB
MOB: 9439020122
7008288300
PAN NO:CLFPP3895Q
M/S SWAGATIKA PRADHAN
Civil and Mechanical, Labour
Supply, Transport and Travellers
At: Gounighasa, Po- Parabil, Via- Talcher,
Dist- Angul, Odisha-759100
G-MAIL swagatikapr1988@gmail.com

ଶୁଭେଚ୍ଛା ବାର୍ତ୍ତା

'ସମୟ'ର ୨୮ତମ ସ୍ୱନକ୍ଷତ୍ର ତଥା ପବିତ୍ର ଦୁର୍ଗାପୂଜା ଅବସରରେ ଢେଙ୍କାନାଳ ଜିଲ୍ଲା ଲୋକସଭା ନିର୍ବାଚନମଣ୍ଡଳୀର ସମସ୍ତ ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭ କାମନା ସହ 'ସମୟ' ପରିବାରର ଦୀର୍ଘାୟୁ କାମନା କରୁଛି ।



ମହେଶ ସାହୁ
ପୂର୍ବତନ ଢେଙ୍କାନାଳ ସାଂସଦ ତଥା ପୂର୍ବତନ ତାଳଚେର, ପାଲଲହଡ଼ା ବିଧାୟକ ଓ ଅନୁଗୁଳ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ

ଶୁଭେଚ୍ଛା ବାର୍ତ୍ତା

ଦୈନିକ 'ସମୟ'ର ୨୮ତମ ସ୍ୱନକ୍ଷତ୍ର ତଥା ପବିତ୍ର ଦୁର୍ଗାପୂଜା ଅବସରରେ ତାଳଚେର ଅଞ୍ଚଳବାସୀ ଏବଂ ଖଣି ଖାଦାନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।



ରାଜକିଶୋର ସାହୁ
ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରିଣୀ ସଦସ୍ୟ, ତାଳଚେର

PMIT
Moulding Careers, Making Futures
Happy Navratri
PABITRA MOHAN INSTITUTE OF TECHNOLOGY



An enterprises of Vikash foundation Trust Deendayal Nagar,
Dharampur, Talcher, Angul, Odisha,
Ph.- 06760-211124 email.pmit.orissa@gmail.com

ଅଭିନନ୍ଦନ

'ସମୟ'ର ୨୮ତମ ସ୍ୱନକ୍ଷତ୍ର ଓ ଦୁର୍ଗାପୂଜା ଉପଲକ୍ଷେ ମୋର ସମସ୍ତ ଖଣି ଶ୍ରମିକ, ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭ କାମନା ।



ମନୋରଞ୍ଜନ ପ୍ରଧାନ
ସେକ୍ରେଟାରୀ ଜିଏମ୍ ୟୁନିଟ୍, ଲିଙ୍ଗରାଜ ଏରିଆ,
ଟି.କେ.କେ.ଏମ.ଏସ., ବି.ଏମ.ଏସ

ଶୁଭେଚ୍ଛା ବାର୍ତ୍ତା

'ସମୟ'ର ୨୮ତମ ସ୍ୱନକ୍ଷତ୍ର ତଥା ଦୁର୍ଗାପୂଜା ଉପଲକ୍ଷେ
ଓଡ଼ିଶା କୋଲିଆରି ମଜଦୁର ସଂଘ
(ଆଇ.ଏନ୍.ଟି.ୟୁ.ସି.)
(ରେଜିଷ୍ଟ୍ରେସନ୍ ନଂ. ୨୯୭, ଆଫିଲିଏସନ ନଂ. ୫୩୯୭)
ସାଉଥବଲଣ୍ଡା : ୭୫୯୧୧୬, ଜିଲ୍ଲା- ଅନୁଗୁଳ
ଓଡ଼ିଶାର କୋଇଲା ଖଣିରେ କାର୍ଯ୍ୟରତ ସମସ୍ତ ଶ୍ରମିକ ଓ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ।
ଶ୍ରୀଯୁକ୍ତ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ
ସାଧାରଣ ସମ୍ପାଦକ
ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ପଟେଲ
ସଭାପତି

ଅଭିନନ୍ଦନ
Happy Durga Puja



ସମୟର ୨୮ତମ ସ୍ୱନକ୍ଷତ୍ର ଓ ଦୁର୍ଗାପୂଜା ଅବସରରେ ତାଳଚେର ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭ କାମନା ।

Dr. DEBENDRA SINGH
PRESIDENT
Public Department
ODISHA STATE BOARD
Mob: +91 9437157454
INTERNATIONAL HUMAN RIGHTS COUNCIL
E'MPOWER HUMAN
INTERNATIONAL HUMAN RIGHTS COUNCIL
इंटरनेशनल ह्युमन राइट्स काउंसिल
EMAIL: PRESIDENTIHRCTALCHER@GMAIL.COM
WWW.IHRC.IN

WITH BEST COMPLIMENTS FROM :
P. K. PRADHAN & CO.
SPECIAL CLASS CONTRACTOR
MILAN-VILLA ANGUL, Ph: 94370-31994
PMGSY WORK & BRIDGE
HEAD OFFICE
MILAN-VILLA
ANGUL
SITE OFFICE
RODASAR,
MCL, TALCHER



Manas Mahapatra
Mob:-9861184726,9438569848
CHANCHALA ALANKAR
(916 Hallmark Gold Ornaments &
Silver Ornaments)
Sharma Chhak, Talcher-759100
Dist- Angul (Odisha)

ଶୁଭେଚ୍ଛା ବାର୍ତ୍ତା

ପବିତ୍ର ଦୁର୍ଗାପୂଜା ଓ 'ସମୟ'ର ୨୮ତମ ସ୍ୱନକ୍ଷତ୍ର ଉପଲକ୍ଷେ ଓଡ଼ିଶାର ଅଗଣିତ ଟ୍ରକ ମାଲିକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭ କାମନା ।



ଦିଲୀପ କୁମାର ପାଣି
କାର୍ଯ୍ୟକାରୀ ସଭାପତି
ରାଜ୍ୟ ଟ୍ରକ ମାଲିକ ସଂଘ ତଥା
ରାଜ୍ୟ ସଭାପତି ଭାରତୀୟ
ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସ

ଅଷ୍ଟବିଂଶ ବିଶେଷାଙ୍କ

ସମୟ

ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ

ଶନିବାର, ୧୨ ଅକ୍ଟୋବର ୨୦୨୪

28th ANNIVERSARY


ଅଭିନନ୍ଦନ

ତାଳଚେର ବସ୍ ମାଲିକ ସଂଘ

ପବିତ୍ର ଦୁର୍ଗାପୂଜା ଓ ଦୈନିକ 'ସମୟ'ର ୨୮ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ବସ୍ ମାଲିକ ଏବଂ ଅଗଣିତ ବସଯାତ୍ରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା । ଆପଣମାନଙ୍କ ଗନ୍ତବ୍ୟ ପଥ କୁସୁମିତ ହେଉ । ଏହାହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ସଭାପତି ଶ୍ରୀକାନ୍ତ କୁମାର ପାଣି | କୋଷାଧ୍ୟକ୍ଷ ମଦନମୋହନ ମହାନ୍ତି | ସାଧାରଣ ସମ୍ପାଦକ ସୁରେନ୍ଦ୍ର ଚନ୍ଦ୍ର ସାହୁ

ଶୁଭେଚ୍ଛା ବାର୍ତ୍ତା

ପବିତ୍ର ଦୁର୍ଗାପୂଜା ଓ ଦୈନିକ ସମୟର ୨୮ତମ ସ୍ୱନକ୍ଷତ୍ର ଉପଲକ୍ଷେ ତାଳଚେର ତଥା ଅନୁଗୁଳ ଜିଲ୍ଲାବାସୀଙ୍କ ସମେତ ମୋର ଶ୍ରମିକ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭ କାମନା ।

ଇଂ. ମନୋଜ କୁମାର ପ୍ରଧାନ

ଅନୁଗୁଳ ଜିଲ୍ଲା ବିଜେପି ଉପ ସଭାପତି ଏବଂ

ସଭାପତି, ତାଳଚେର ଶିଳ୍ପାଞ୍ଚଳ ଶ୍ରମିକ ସଂଘ

ଦୁର୍ଗାପୂଜା ଅଭିନନ୍ଦନ

'ସମୟ'ର ୨୮ ତମ ସ୍ୱନକ୍ଷତ୍ର ଓ ପବିତ୍ର ଦୁର୍ଗାପୂଜା ଅବସରରେ ମୋର ସମସ୍ତ ଖଣି ଶ୍ରମିକ, ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ।

ଭରତ ଭୂତିଆ

ସମ୍ପାଦକ ଲିଙ୍ଗରାଜ କୋଲିୟାରୀ (ଓସିପି)

ଶୁଭେଚ୍ଛା ବାର୍ତ୍ତା

ଦୈନିକ ସମୟର ୨୮ତମ ସ୍ୱନକ୍ଷତ୍ର ତଥା ପବିତ୍ର ଦୁର୍ଗାପୂଜା ଅବସରରେ ସମସ୍ତ କୃଷକ ତଥା ତାଳଚେର ଅଞ୍ଚଳବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ବିଭୂତି ସାହୁ

ଅନୁଗୁଳ ଜିଲ୍ଲା କୃଷକ ମୋର୍ଚ୍ଚା ପ୍ରଭାରୀ, ସମାଜସେବୀ ତାଳଚେର

DHARITRI JEWELLERS

REGD TRADE MARK

22CT. GOLD ORNAMENTS & SELVER FILIGREE

BUXI BAZAR, BAROPATHAR CUTTACK-1- PH: 0671-2431082

HATATOTA, TALCHER PH: (06760) 241281

ଶୁଭେଚ୍ଛା ବାର୍ତ୍ତା

ଦୈନିକ 'ସମୟ'ର ୨୮ତମ ସ୍ୱନକ୍ଷତ୍ର ତଥା ଦୁର୍ଗାପୂଜା ଅବସରରେ ମୋର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭ କାମନା ।

ବାଲ୍ମିକି ପ୍ରସାଦ କେଶରୀ

ପୂର୍ବତନ କାଉନ୍ସିଲର, ତାଳଚେର ପୌର ପରିଷଦ

With Best Compliments From :

STEEL TEK

Work Shop : HATATOTA ROAD, TALCHER, DIST- ANGUL

Show Room : HANDIDHUAN CHHAK, TALCHER, DIST : ANGUL- 759100 (ODISHA)

Manufacturer of Steel, Wooden and imported Furniture & Fabrication jobs and general order supplier. State tax, DIC, EPM Registered to Govt. of Odisha, Ancillary to MCL and Enlisted supplier of NALCO

Govt. Approved Timber Depot at Hatatota Road, Talcher

ଅଭିନନ୍ଦନ ବାର୍ତ୍ତା

'ସମୟ'ର ୨୮ତମ ସ୍ୱନକ୍ଷତ୍ର ତଥା ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ତାଳଚେର ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭ କାମନା ।

ଆସିଫ୍ ଖାନ୍ (ଲଡୁ)

ବିଜୁ ଜନତା ଦଳର ତାଳଚେର ନଗର କମିଟି ସଭାପତି ତଥା କାଉନ୍ସିଲର, ତାଳଚେର ପୌର ପରିଷଦ

ଅଭିନନ୍ଦନ

'ସମୟ'ର ୨୮ତମ ସ୍ୱନକ୍ଷତ୍ର ଓ ଦୁର୍ଗାପୂଜା ଅବସରରେ ତାଳଚେର ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭ କାମନା ।

ମାନସ ରଞ୍ଜନ ଆଚାର୍ଯ୍ୟ

ପୂର୍ବତନ ତାଳଚେର ବ୍ଲକ ଅଧ୍ୟକ୍ଷ ତଥା ସଭାପତି, ଆଞ୍ଚଳିକ ଟ୍ରକ ମାଲିକ ସଂଘ ତାଳଚେର

ଅଭିନନ୍ଦନ

ପବିତ୍ର ଦୁର୍ଗାପୂଜା ଏବଂ 'ସମୟ'ର ୨୮ତମ ସ୍ୱନକ୍ଷତ୍ର ଅବସରରେ ତାଳଚେରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ।

କ୍ରିଷ୍ଣା କ୍ଲିନିକ୍ ଓ ନର୍ସିଂହୋମ୍

Regd No. 363/2004

Balhar Chhak, Santhapada, Talcher

ADVANCE CENTRE OF SURGERY, GYNECOLOGY, ORTHOPAEDIC, LAPAROSCOPY, UROLOGY

FACILITIES

24 HRS. SERVICE
IN & OUT DOOR
A/C & NON-A/C CABIN
GENERAL WARD
ULTRASONOGRAPHY
4D SONOGRAPHY

COLOUR DOPPLER (Carotid, Peripheral Etc.)
DIGITAL X-RAY
COMPUTERISE E.C.G. 12 CHANNEL
COLOUR VIDEO ENDOSCOPY
PATHOLOGY LABORATORY
24 X 7 AMBULANCE SERVICE

ଏଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡରେ ଚିକିତ୍ସା କରାଯାଏ ।

ଦୁର୍ଗାପୂଜା ଅଭିନନ୍ଦନ

ପବିତ୍ର ଦୁର୍ଗାପୂଜା ଓ ଦୈନିକ 'ସମୟ'ର ୨୮ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ଭାଇ ଭଉଣୀ ଓ ଗୁରୁଜନମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା

ବିଜୁ ଜନତା ଦଳ

ରିତାରାଣୀ ଦାସ

ଜିଲ୍ଲା ପରିଷଦ ସଦସ୍ୟା (୨୦ ନମ୍ବର ଜୋନ) ତାଳଚେର

With Best Compliments From :

Phone: 41781- 42625(O) 40481- 42601 (R)

Mobile: 9437041481, 99370-41481

Bidyut Kumar Ghosh

CORPORATE CLUB MEMBER AGENT

M.D.R.T. MEMBER (U.S.A.)

Life Insurance Corporation of India

Office : Lingaraj OCP Road, Talcher, Dist.- Angul, Odisha

ଶୁଭେଚ୍ଛା ବାର୍ତ୍ତା

ସମୟର ୨୮ତମ ସ୍ୱନକ୍ଷତ୍ର ତଥା ଦୁର୍ଗାପୂଜା ଉପଲକ୍ଷେ ତାଳଚେର, ପାଲଲହଡ଼ା ତଥା ଓଡ଼ିଶାର ସମସ୍ତ ଭାଇଭଉଣୀ ଓ ଗୁରୁଜନମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ।

ରବି ନାରାୟଣ ପାଣି

ପୂର୍ବତନ ଦେବଗଡ଼ ସାଂସଦ, ବିଧାୟକ ପାଲଲହଡ଼ା ତଥା ରାଜ୍ୟ ମୁଖ୍ୟ ସଚେତକ

ତାଳଚେର ଟ୍ରକ ମାଲିକ ସଂଘ

ପବିତ୍ର ଦୁର୍ଗାପୂଜା ଓ ଦୈନିକ ସମୟର ୨୮ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ଟ୍ରକ ମାଲିକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ।

ସଭାପତି ଅରବିନ୍ଦ ଭୂତିଆ | ଉପସଭାପତି ଟୁକୁନା ସ୍ୱାଇଁ | ସାଧାରଣ ସମ୍ପାଦକ ରତନ କୁମାର ଶତପଥି

## ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍

# ପ୍ଲେଅଫ୍‌ସରେ କୋଣାର୍କ ସୂର୍ଯ୍ୟସ୍

LLC SEASON 3 — LEGENDS LEAGUE CRICKET

| | | P | W | L | NR | PTS | NRR |
|---|---|---|---|---|---|---|---|
| Q | SOUTHERN SUPERSTARS | 7 | 5 | 2 | 0 | 10 | 1.173 |
| Q | KONARK SURYAS ODISHA | 7 | 3 | 2 | 2 | 8 | 0.024 |
| Q | INDIA CAPITALS | 7 | 3 | 2 | 2 | 8 | 0.004 |
| Q | TOYAM HYDERABAD | 7 | 3 | 3 | 1 | 7 | 0.265 |
| 5 | MANIPAL TIGERS | 7 | 2 | 3 | 2 | 6 | -0.294 |
| 6 | GUJARAT GREATS | 7 | 1 | 5 | 1 | 3 | -1.224 |

FINAL TO BE PLAYED ON 16th OCTOBER 2024

ଶ୍ରୀନଗର,୧୧।୧୦ (ଏଜେନ୍ସି): ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍‌ରେ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଦଳ କର ବା ମର ମ୍ୟାଚରେ ଗୁଜରାଟ୍ ଗ୍ରେଟ୍ସକୁ ୭ ୱିକେଟ୍‌ରେ ପରାଜିତ କରି ପ୍ଲେଅଫ୍‌ସରେ ପ୍ରବେଶ କରିଛି । ଶୁକ୍ରବାର ମ୍ୟାଚରେ ଗୁଜରାଟ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୧ ରନ୍ ସଂଗ୍ରହ କରିଥିଲା । ଜବାବରେ କୋଣାର୍କ ସୂର୍ଯ୍ୟସ୍ ୧୫ ଓଭରରେ ୩ ୱିକେଟ୍ ହରାଇ ୧୪୫ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ଦଳ ପକ୍ଷରୁ ରିଚାର୍ଡ ଲେଭି ୨୫, ଦିଲସାନ ମୁନାବୀରା ୪୭, କେଭିନ୍ ଓବ୍ରିଏନ୍ ୪୩ ରନ୍ ଓ ଇର୍ଫାନ ପଠାନ ୩ଟି ଛକା ସହ ୧୯ ରନ୍ କରି ଦଳକୁ ସହଜ ବିଜୟ ଦେଇଥିଲେ । ୫ ଓଭର ପୂର୍ବରୁ କୋଣାର୍କ ସୂର୍ଯ୍ୟସ ବିଜୟଲକ୍ଷ୍ୟରେ ପହଞ୍ଚିବାରୁ ଉନ୍ନତ ରନ୍ ରେଟ୍ ତଥା ୮ ପଏଣ୍ଟ ହାସଲ କରି ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ତେଣୁ ପରବର୍ତ୍ତୀ ପର୍ଯ୍ୟାୟ ମ୍ୟାଚରେ ଟେବୁଲର ଶୀର୍ଷ ଦଳ ସର୍ଦ୍ଦନ ସୁପରଷ୍ଟାରକୁ ଭେଟିବ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ।

ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଗ୍ରେଟ୍ସର ପ୍ରଦର୍ଶନ ଅତ୍ୟନ୍ତ ନିରାଶ ଜନକ ଥିଲା । ଏପରିକି ୮୩ ରନ୍‌ରେ ଦଳ ୭ ୱିକେଟ୍ ହରାଇ ବ୍ୟାକ୍ ଫୁଟ୍‌କୁ ଚାଲିଯାଇଥିଲା । ଆଗଧାଡିର ଶିଖର ଧାୱନ ୨୩, କ୍ରିସ୍ ଗେଲ୍ ୩୪ ରନ କରିଥିବା ବେଳେ ମହମ୍ମଦ କୈଫ, ଜୟପାଳ ସିଂ ଖାତା ଖୋଲିପାରିନଥିଲେ । କମାଉ ଲିଭରକ୍ ୫ ଓ ମର୍ଣ୍ଣ ଭାନ୍ ୨ ରନ୍ କରି ଆଉଟ୍ ହୋଇଥିଲେ । ଶେଷ ଭାଗରେ ଦେବବ୍ରତ ଦାସ ୨୦ ବଲରୁ ୨୫ ରନ୍ ସେକୁଗେ ପ୍ରସନ୍ନା ୧୮ ବଲ୍‌ରୁ ୩୧ ରନ୍ କରିବାରୁ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୧ ରନ୍ କରିଥିଲା ଗୁଜରାଟ୍ ଗ୍ରେଟ୍ସ । ସୂର୍ଯ୍ୟସର କୁପରଙ୍କୁ ୪ଟି, ଦିବେସ ପଠାଣିଆ, ବିନୟ କୁମାର, ନଦିମ ଓ ପ୍ରବୀଣ ତାମ୍ବେଙ୍କୁ ଗୋଟିଏ କରି ୱିକେଟ୍ ସଫଳତା ମିଳିଥିଲା ।

## ପ୍ରଦୀପ ସ୍ମାରକୀ ଚେସ୍ ମୃତ୍ୟୁଞ୍ଜୟ ବିଜେତା

ଭୁବନେଶ୍ୱର,୧୧।୧୦ (ସବ୍ୟୁ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରା ସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ଚତୁର୍ଥ ପ୍ରଦୀପ କୁମାର ରଥ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ କଟକର ମୃତ୍ୟୁଞ୍ଜୟ ମଣ୍ଡଳ ୫ ପଏଣ୍ଟ ସହ ଚାମ୍ପିଅନ୍ ହୋଇଛନ୍ତି । ଭୁବନେଶ୍ୱରର ପ୍ରତ୍ୟୁଷ ମହାପାତ୍ର ଦ୍ୱିତୀୟ ଓ ଆଦିତ୍ୟ ଖଡଙ୍ଗ ତୃତୀୟ, ଫକୀର ମାଝୀ ଚତୁର୍ଥ ଓ ଲୋରେନ୍ସ ପ୍ରଧାନ ପଞ୍ଚମ, ଲଳିତ ରଞ୍ଜନ ସାହୁ ଷଷ୍ଠ ଓ ସୁରୋଜିତ ନାୟକ ସପ୍ତମ ସ୍ଥାନ ଅଧିକାର କରିଛନ୍ତି । ବିଭିନ୍ନ ବୟସ ବର୍ଗରେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ କିଟ୍‌ର ଆସୋସିଏଟ୍ ପ୍ରଫେସର ରୁଦ୍ରନାରାୟଣ ସେନାପତି ତଥା ପ୍ରଦୀପ କୁମାର ରଥଙ୍କ ପୁଅ ଦେବାଶିଷ ରଥ ଏବଂ ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ଥିଲେ ।

## ଆଲିମ୍ଦାର ପାକିସ୍ତାନ ଚୟନ କର୍ତ୍ତା

କରାଚୀ,୧୧।୧୦ (ଏଜେନ୍ସି): ନିକଟରେ ଅମ୍ପାୟାରିଂରୁ ଅବସର ନେଇଥିବା ଆଲିମ୍ଦା ପାକିସ୍ତାନ ଦଳର ଚୟନ କମିଟିରେ ସ୍ଥାନ ପାଇଛନ୍ତି । ପାକିସ୍ତାନ କ୍ରିକେଟ୍ ବୋର୍ଡ ତାଙ୍କୁ ଗୁରୁଦାୟିତ୍ୱ ଦେଇଛି । ପାକିସ୍ତାନ ଅତ୍ୟନ୍ତ ଲଜ୍ୟାଜନକ ଭାବେ ଇନିଂସ ଓ ୪୭ ରନ୍‌ରେ ଇଂଲଣ୍ଡଠାରୁ ମୁଲତାନରେ ହାରିବା ପରେ ଏପରି ଖବର ସାମ୍ନାକୁ ଆସୁଛି । ପୂର୍ବରୁ ଘରୋଇ ମାଟିରେ ବାଂଲାଦେଶ ନିକଟରୁ ୨-୦ରେ ଶୃଙ୍ଖଳା ହାରିଥିଲା ପାକିସ୍ତାନ । ଏସବୁ ଭିତରେ ଅମ୍ପାୟାରରୁ ଅବସର ନେଇଥିବା ଆଲିମ୍ଦାରଙ୍କୁ ପାକିସ୍ତାନ କ୍ରିକେଟ୍ ବୋର୍ଡ ଚୟନକର୍ତ୍ତା କମିଟିରେ ସାମିଲ କରିଛି । ତାଙ୍କ ବ୍ୟତୀତ ପୂର୍ବତନ ଟେଷ୍ଟ କ୍ରିକେଟ୍‌ର ଆକିବ ଜାଭେଦ ଆଝାର ଅଲ୍ଲୀଙ୍କ ସମେତ କ୍ରିକେଟ୍ ସମୀକ୍ଷକ ହାସନ ଚିମା ମଧ୍ୟ ଚୟନ କମିଟିରେ ଅଛନ୍ତି ।


Happy Durga Puja
// ARYA //
ARYA CONSTRUCTIONS
Address: Plot No: 33/1747, Flat No. 501, Cuttack Road, Bomikhal, Bhubaneswar-751010

• Arya Adobe at Nayapalli
• arya's Vertex at Sum Hospital
• 3. 12 th mile stone extension at patrapada
• arya's Kharavela at Kharvel Nagar
Mob: 9437024213


## ରଣଜୀ ଟକ୍କର

## ଓଡ଼ିଶା-ତ୍ରିପୁରା ମ୍ୟାଚ ପ୍ରଥମ ଦିନ ଧୋଇଗଲା

ଅଗରତାଳା,୧୧।୧୦ (ଏଜେନ୍ସି): ବିସିସିଆଇର ଘରୋଇ କ୍ରିକେଟ୍ ପ୍ରତିଯୋଗିତା ରଣଜୀ ଟ୍ରଫି ବିଗୁଲ ବାଜିଛି । ଏଲିଟ୍ ଗ୍ରୁପ୍ ଏ ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ଅଗରତାଳାର ମହାରାଜା ବୀରବିକ୍ରମ କଲେଜ ଷ୍ଟାଡିୟମ୍‌ରେ ଘରୋଇ ତ୍ରିପୁରାକୁ ଭେଟିଛି । କିନ୍ତୁ ବର୍ଷା ଯୋଗୁଁ ପ୍ରଥମ ଦିନ ଖେଳ ସମ୍ପୂର୍ଣ୍ଣ ରୂପେ ଧୋଇ ଯାଇଛି । ଓଦା ପଡିଆ କାରଣରୁ ଟସ୍ ସମ୍ଭବ ହୋଇପାରିନଥିଲା । ଚଳିତ ରଣଜୀ ଋତୁରେ ଓଡ଼ିଶା ଦଳ ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱରେ ମୈଦାନକୁ ଓହ୍ଲାଇବାକୁ ଯାଉଛି । ସେହିଭଳି ତ୍ରିପୁରା ଦଳର ନେତୃତ୍ୱ ନେଇଛନ୍ତି ମନଦୀପ ସିଂ । ଅପେକ୍ଷାକୃତ ଦୁର୍ବଳ ତ୍ରିପୁରା ବିପକ୍ଷରେ ଓଡ଼ିଶା ଜମାଣିଆ ପ୍ରଦର୍ଶନ ଦେଖାଇ ପୂର୍ଣ୍ଣ ସଂଖ୍ୟକ ପଏଣ୍ଟ ରୁ ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି ।

ଭଦୋଦ୍ୱରାରେ ମୁମ୍ବାଇ ଓ ବରୋଦା ମଧ୍ୟରେ ମ୍ୟାଚ ଆରମ୍ଭ ହୋଇଛି । ପ୍ରଥମ ଦିବସ ଷ୍ଟମ୍ପ ସୁଧା ବରୋଦା ୮୭ ଓଭରରେ ୬ ୱିକେଟ୍ ହରାଇ ୨୪୧ ରନ୍ କରିଛି । ସେହିଭଳି ଶ୍ରୀନଗରରେ ମହାରାଷ୍ଟ୍ର ବିପକ୍ଷ ମ୍ୟାଚରେ ଜମ୍ମୁ-କାଶ୍ମୀର ୮୦ ଓଭରରେ ୫ ୱିକେଟ୍ ହରାଇ ୨୬୪ ରନ କରିଛି । ମେଘାଳୟ ବିପକ୍ଷରେ ସର୍ଭିସେସ ୯୦ ଓଭରରେ ୪ ୱିକେଟ୍ ହରାଇ ୨୯୮ ରନ୍ କରିଛି । ହାଇଦ୍ରାବାଦ ବିପକ୍ଷରେ ଗୁଜରାଟ ୮୬ ଓଭରରେ ୮ ୱିକେଟ୍ ହରାଇ ୩୩୪ ରନ୍ କରିଛି । ଉତ୍ତରାଖଣ୍ଡ ବିପକ୍ଷରେ ହିମାଚଳ ପ୍ରଦେଶ ୯୦ ଓଭରରେ ୧ ୱିକେଟ୍ ହରାଇ ୩୦୦ ରନ୍ କରିଛି । ରାଜସ୍ଥାନ ବିପକ୍ଷରେ ପୁଡୁଚେରୀ ୮୨ ଓଭରରେ ୯ ୱିକେଟ୍ ହରାଇ ୨୩୭ ରନ୍ କରିଛି । ନାଗପୁରରେ ବିଦର୍ଭ ଓ ଆନ୍ଧ୍ର ମଧ୍ୟରେ ମ୍ୟାଚର ପ୍ରଥମ ଦିନ ୧୧ ୱିକେଟ୍ ଝଡିଛି । ବିଦର୍ଭ ୧୧୮ ରନ୍ କରି ଅଲ୍‌ଆଉଟ୍ କରିଥିବା ବେଳେ ଆନ୍ଧ୍ର ୩୩ ଓଭରରେ ୧ ୱିକେଟ୍ ହରାଇ ୧୧୪ ରନ୍ କରିଛି । କର୍ଣ୍ଣାଟକ ବିପକ୍ଷରେ ମଧ୍ୟପ୍ରଦେଶ ୮୩ ଓଭରରେ ୪ ୱିକେଟ୍ ହରାଇ ୨୩୨ ରନ୍ କରିଥିଲା । ଉତ୍ତରପ୍ରଦେଶ ବିପକ୍ଷରେ ବେଙ୍ଗଲ ୮୨ ଓଭରରେ ୭ ୱିକେଟ୍ ହରାଇ ୨୬୯ ରନ୍ କରିଛି । ବିହରା ଓ ହରିୟାଣା ମ୍ୟାଚର ପ୍ରଥମ ଦିନ ୧୭ ୱିକେଟ୍ ଝଡିଛି । ବିହାର ୭୮ ରନ୍ କରି ଅଲ୍‌ଆଉଟ୍ ହୋଇଥିବା ବେଳେ ହରିୟାଣା ୫୪ ଓଭରରେ ୭ ୱିକେଟ ହରାଇ ୧୮୪ ରନ୍ କରିଛି । କେରଳ ବିପକ୍ଷରେ ପଞ୍ଜାବ ୩୯ ଓଭରରେ ୫ ୱିକେଟ୍ ହରାଇ ୯୫ ରନ୍ କରିଛି ।


Happy Durga Puja
RS STEEL INDUSTRIES
JSL 202, 304 & 316 QUALITY PIPES & ALL FITTING PARTS
Deals In:

• SS RAILING
• GLASS RAILING
• ALUMINUM
• UPVC
• INDUSTRIAL RAW MATERIALS
• STAILLESS STEEL FURNITURE
• SS SHEETS & SS PIPES
• ALL TYPES OF PIPE FITTING
Plot No,. 2326, NH Puri By Pass, Near SR Valley, Vadagada, Bhubaneswar
M : 8320166740, 8347182806

HealthWorld Medicine & Polyclinic (ପେଟ ରୋଗ ବିଶେଷଜ୍ଞ) Available on the 3rd Sunday of every month Date-
Dr. Shakti Prasad Chaudhary
MBBS, MD (General Medicine) DM (ILBS, New Delhi) Gold Medalist Consultant Gastroenterology & Hepatology Kalinga Hospital, Bhubaneswar

HealthWorld Medicine & Polyclinic (ମଧୁମେହ ଓ ଥାଇରଏଡ଼ ରୋଗ ବିଶେଷଜ୍ଞ) Available on the 3rd Sunday of every month Date-
Dr. Ankita Tiwari
MD,DM (Endocrinology) KEM, Mumbai Consultant Endocrinologist & Diabetrologist AMRI Hospital, BBSR

HealthWorld Medicine & Polyclinic (ଚର୍ମ ରୋଗ ବିଶେଷଜ୍ଞ) (Every day) Date -
Dr. Manabendra Dash
MD.DERMATOLOGY (SKIN & VD) CONSULTANT DERMATOLOGIST, LASER & HAIR TRANSPLANT SURGEON

HealthWorld Medicine & Polyclinic (ସ୍ୱାସ୍ଥ୍ୟ ରୋଗ ବିଶେଷଜ୍ଞ) (Every day) Date -
Dr. Swapnesh Mishra
MD.(MEDICINE) Asst. Prof P.R.M. MEDICAL College & Hospital, Baripada Regd. No. : 17046/2009

HealthWorld Medicine & Polyclinic (ସ୍ନାୟୁ ରୋଗ ବିଶେଷଜ୍ଞ) Available on the 3rd Friday of every month Date -
Dr. Payod kumar jena
MBBS,MD,DM (Neurology) KEM (Mumbai) Chief consultant Neurologist, Sunshine Hospital,Bhubaneswar

HealthWorld Medicine & Polyclinic (ହୃଦରୋଗ ବିଶେଷଜ୍ଞ) Available on the 2nd & 4th Sunday of every month Date -
Dr. Bikram Keshari Mohapatra
Consultant Interventional Cardiologist MD. (MEDICINE) DM CARDIOLOGY (FESC) Care Hospital, Bhubaneswar Regd.: 15457/04

HealthWorld Medicine & Polyclinic (ମାନସିକ ରୋଗ ବିଶେଷଜ୍ଞ) (Every day) Date -
Dr. Chunuram Soren
MBBS, MD Consultant of Neuropsychiatrist SCB Medical College, Cuttack

HealthWorld Medicine & Polyclinic (ଅସ୍ତ୍ରୋପଚାର ରୋଗ ବିଶେଷଜ୍ଞ) (Every day) Date -
Dr. Mahadev Prasad Patra
Surgery specialist PRM MCH, Baripada Available for consultation everyday

HealthWorld Medicine & Polyclinic (ନାକ,କାନ, ଓ ଗଳା ରୋଗ ବିଶେଷଜ୍ଞ) Available on the 1st Sunday of every month Date -
Dr. Satyabrata Dash M.S. (ENT)
Ex. Registrar A.I.I.M.S. New Delhi Ex. Consultant CMC Vellore Ex. Asst. Prof. IMS & SUM Hospital, Bhubaneswar Visiting Consultant Apollo Hospital,Bhubaneswar Chief Consultant Sunshine Hospital, Bhubaneswar Regd. No.: 14468

HealthWorld Medicine & Polyclinic (ରକ୍ତ ହୀନତା ଓ କର୍କଟ ରୋଗ ବିଶେଷଜ୍ଞ) Available on the 4th Sunday of every month Date -
Dr. Dibyajyoti Prusty
MBBS,MD Ex - SR (Clinical Hematology) SCB Medical college, Cuttack Asst. Prof:- IMS & SUM Hospital -II, Bhubaneswar

HealthWorld Medicine & Polyclinic (ହାଡ ରୋଗ ବିଶେଷଜ୍ଞ) (Every day) Date -
Dr. Sidheswar Basky
Orthopedic,MS(Ortho) PRM medical college, Baripada Available for consultation everyday

HealthWorld Medicine & Polyclinic (ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ) (Every day) Date -
Dr. Subhrajit Mandal
MBBS MO (O & G) SCB MCH ASST. PROF. OBS & GYNECOLOGY PRM MEDICAL COLLEGE TRAINED IN USG

HealthWorld Medicine & Polyclinic (କିଡ୍ନୀ ରୋଗ ବିଶେଷଜ୍ଞ) Available on the 2nd Sunday of every Date -
Dr. Rudrashis samal
MD,DM(Nephrology) Consultant Nephrologist

HealthWorld Medicine & Polyclinic (ଫୁସ୍ ଫୁସ୍ ରୋଗ ବିଶେଷଜ୍ଞ) Available on the 2nd Sunday of every month Date -
DR. SANGRAM KESHARI MOHAPATRA
MBBS MD(Pulmonary medicine & critical care) SCB Medical College & Hospital, Cuttack Consultant -(Pulmonologist,Allergic Disease, SLEEP,CHEST, TB SPECIALIST) KIMS Hospital, Bhubaneswar

HealthWorld Medicine & Polyclinic (ନାକ,କାନ ଓ ଗଳା ରୋଗ ବିଶେଷଜ୍ଞ) (Every day) Date -
Dr. KCKDN Hembram
MBBS,MS(ENT) PRM MCH, Baripada Available for consultation everyday

HealthWorld Medicine & Polyclinic (ସ୍ୱାସ୍ଥ୍ୟ ରୋଗ ବିଶେଷଜ୍ଞ) (Every day) Date -
Dr. Deepak Kumar Naik
MD (MEDICINE) P.R.M. MEDICAL College & Hospital,Baripada

HealthWorld Medicine & Polyclinic (ନ୍ୟୁର ମେରୁଦଣ୍ଡ ସର୍ଜରୀ ବିଶେଷଜ୍ଞ) Available on the 2nd Sunday of every month Date -
Dr. Atamranjan Dash
MBBS.MS,MCH Neuro surgery AIIMS, New Delhi CARE HOSPITAL BHUBANESWAR

HealthWorld Medicine & Polyclinic (ହାଡ଼ ରୋଗ ବିଶେଷଜ୍ଞ) Available on the 3rd Sunday of every month Date -
Dr. Devasis Sarangi
SR. Consultant, Orthopedic Surgeon MBBS,DNB (Ortho),M.Ch. (Ortho) Indo japanese Fellowship in Computer Navigated Joint Replacement & Arthroscopy Sunshine Hospital, Bhubaneswar

HealthWorld Medicine & Polyclinic (ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ) (Every day) Date -
Dr.ANJALI TUDU
MBBS, MD (OBS & GYNAE) SENIOR RESIDENT LADY HARDINGE MEDICAL COLLEGE, NEW DELHI

healthworldbpd@gmail.com
www.healthworldbpd.com
Online Doctors Appointment Contact No :- 8637268411
Medicine Home Delivery Available :- 7381293888
Blood Home Collection Available :- 8712247365

HealthWorld Medicine & Polyclinic (ଆଣ୍ଠୁ ଗଣ୍ଠି ଖଞ୍ଜା ବିଶେଷଜ୍ଞ) Available on the 1st Saturday of every month Date -
Dr. Sakir Ahmed
MD(Medicine) DM (Clinical Immunology and Rheumatology) Consultant - Rheumatologist & Associate Professor KIMS Hospital, Bhubaneswar Editor- In-Chief, Immunologic Research Co-Convenor, APLAR SIG on Digital Health

HealthWorld Medicine & Polyclinic (ମୂତ୍ର ଓ ମୂତ୍ରାଶୟ ରୋଗ ବିଶେଷଜ୍ଞ) Every week Monday & Wednesday Available Date -
Dr. Deepak Ranjan Paul
MS. Mch. (Urology) Consultant Urologist & Andrologist Endurology,Kidney Stone Deisease Prostate Disease,Male Infertility,Uro-oncology

HealthWorld Medicine & Polyclinic (ସ୍ତ୍ରୀ ଓ ପୁରୁଷଙ୍କର ନିସନ୍ତାନର ବିଶେଷଜ୍ଞ) Available on the 2nd Sunday of every month Date-
Dr. Akshaya Ku. Mohapatra
MD(O&G), PDFRM (Chennai) Senior IVF Consultant, Director Of Shreya IVF Center More Then 10 Year's of Experience in IVF

HealthWorld Medicine & Polyclinic (କିଡ୍ନୀ ରୋଗ ବିଶେଷଜ୍ଞ) Available on the 4th Sunday of every month Date -
Dr. Chinmayananda Dash
MBBS,MD(Medicine)DM(Nephrology) Asst. Prof. IMS SUM HOSPITAL BHUBANESWAR Consulttant:- Nephrology & Kidney Transplant Physician

HEALTH WORLD MEDICINES
Balasore Golei, Opposite Hospital Road, Anand Bazar,Baripada Mayurbhanj
Contact No :- 8637268411 , 7381294888


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି